

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର, ୦୫ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 05 APRIL 2022
Vol.No. 33 ■ No. 89 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ରୁଷ ସେନା ପଛକୁ ହଟିବା ପରେ ୟୁକ୍ରେନରୁ ମିଳୁଛି ଜୁଡ ଜୁଡ ଶବ



ନୂଆଦିଲ୍ଲୀ, ୦୪/୦୪ : ୪୦ ଦିନରେ ପହଞ୍ଚିଲା ୟୁକ୍ରେନ-ରୁଷିଆ ଯୁଦ୍ଧ । ରାଜଧାନୀ କିଭ୍ ଓ ଏହାର ଆଖପାଖ ଅଞ୍ଚଳରୁ ରୁଷ ସେନା ପଛକୁ ହଟିବା ପରେ ଏହି ଅଂଚଳକୁ ଖାଲି କରାଯାଇଛି । ଏହି ଭିତରେ ବେଶ ବିକଳ ଚିତ୍ର ସାମ୍ନାକୁ ଆସିଛି । ୟୁକ୍ରେନରେ ରାସ୍ତା ଉପରେ ଜୁଡ ଜୁଡ ଶବ ଦେଖିବାକୁ ମିଳିଛି । ଯାହା ରୁଷ ସେନାର ନରସଂହାର ନୀତିକୁ ବଖାଣିଛି । ସେପଟେ ୟୁକ୍ରେନର ଏଭଳି ଦାବିକୁ କ୍ରେମଲିନ୍ ପ୍ରତ୍ୟାଖାନ କରିଛି । ସାଧାରଣ ନାଗରିକଙ୍କ ଉପରେ ରୁଷୀୟ ସେନା ଆକ୍ରମଣ କରି ନଥିବା ମସ୍କୋ ପକ୍ଷରୁ କୁହାଯାଇଛି । ପଛକୁ ହଟୁଛି ରୁଷ ସେନା । ସାମ୍ନାକୁ ଆସୁଛି ଯୁଦ୍ଧର ବିକଳ ଚିତ୍ର । ରୁଷିଆ ଓ ୟୁକ୍ରେନ ମଧ୍ୟରେ ଗତ ସପ୍ତାହରେ ହୋଇଥିବା ୪ର୍ଥ ଶାନ୍ତି ବୈଠକ ପରେ ରାଜଧାନୀ କିଭ ଓ ଏହାର ଆଖପାଖ ଅଞ୍ଚଳରୁ ପଛକୁ ହଟିଛି ରୁଷ ସେନା । ପୁଟିନ୍ ବାହିନୀ ଯେତିକି ପଛକୁ ହଟୁଛି, ୟୁକ୍ରେନରୁ ସେତିକି ବିକଳ ଚିତ୍ର ସାମ୍ନାକୁ ଆସୁଛି । ପୋଡାଜଳା ସାମଗ୍ରୀ, ଧ୍ୱଂସ ବିଧ୍ୱଂସ ଘର ଏବଂ ରାସ୍ତା ଉପରେ ଗଦା ଗଦା ମୃତଦେହ ଯୁଦ୍ଧର କରୁଣ କାହାଣୀ ବଖାଣିଛି । କିଭ ନିକଟରେ ଥିବା ବୁଚା ସହରରେ ୪ଶହରୁ ଅଧିକ ମୃତ ଦେହ ମିଳିସାରିଲାଣି । ଆଉ ଏହାପରେ ୟୁକ୍ରେନ, ରୁଷିଆ ସେନା ଉପରେ ନରସଂହାରର ଅଭିଯୋଗ କରିଛି । ସେପଟେ ମିଳିତ ଜାତିସଂଘର ସୂଚନା ଅନୁସାରେ ୟୁକ୍ରେନରେ ବର୍ତମାନ ସୁଦ୍ଧା ୧,୪୧୭ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଛି ଏବଂ ୨,୦୩୮ ଜଣ ଆହତ ହୋଇଛନ୍ତି । ଏହା ବହୁତ କଷ୍ଟକର ଏଭଳି ଦୃଶ୍ୟକୁ ବଖାଣିବା..ନିକଟରେ ରୁଷ ସେନା ପଛକୁ ହଟିବା ପରେ ବୁଚା, ହଷ୍ଟାମଲରୁ ହୃଦୟ ବିଦାରକ ଚିତ୍ର ଦେଖିବାକୁ ମିଳିଛି । ରାସ୍ତାରେ ଲୋକଙ୍କ ମୃତ ଦେହ ପଡିରହିଛି । ଅନେକ ଲୋକଙ୍କ ହାତ, ଗୋଡ ବନ୍ଧା ହୋଇ ତାଙ୍କୁ ଗୁଳି ମରାଯାଇଥିବା ବି ଦେଖିବାକୁ ମିଳିଛି । ସେମାନେ ସାଧାରଣ ନାଗରିକ ବୋଲି ସ୍ପଷ୍ଟ ହୋଇଛି । ଅଧା ପୋଡା ଶବ ମଧ୍ୟ ଦେଖିବାକୁ ମିଳିଛି, ତରବରିଆ ଭାବେ ପ୍ରମାଣ ନଷ୍ଟ କରିବାର ଉଦ୍ୟମ କରାଯାଇଛି.. ହେଲେ ତାହା ସେମାନେ ସଠିକ୍ ଭାବେ କରି ପାରିନାହାନ୍ତି । ଚର୍ଚ୍ଚରେ ଖୋଳାଗଲା ୪୫ଫୁଟ ଲମ୍ବା କବର । ଦିଆଗଲା ୪୦୦ ଲୋକଙ୍କୁ ସାମୂହିକ ସମାଧି । ରୁଷ ସେନା ପଛକୁ ହଟିବା ପରେ ୟୁକ୍ରେନ ସହରର ଦୃଶ୍ୟ ବେଶ ହୃଦୟ ବିଦାରକ ରହିଛି । ଅନେକ ମାଆ ମାନେ ନିଜ ▶▶ପୃଷ୍ଠା ୭

## ପୁଣି ଆନ୍ଧ୍ରର ନୂଆ ଚାଲ୍ : ନୂଆ ଜିଲ୍ଲା ମାନ୍ୟମର ଘୋଷଣା କଲେ ଜଗନମୋହନ ସରକାର




ଭୁବନେଶ୍ୱର, ୦୪/୦୪ (ନି.ପ୍ର): କୋରାପୁଟ ପଟାଙ୍ଗି ବ୍ଲକ କୋଟିଆ ଗ୍ରାମପୁଞ୍ଜଙ୍କୁ ଓଡିଶା-ଆନ୍ଧ୍ର ମଧ୍ୟରେ ବିବାଦ ଲାଗିରହିଛି । ସମସ୍ୟାର ସମାଧାନ ଏଯାଏଁ ବାହାରିପାରୁନାହିଁ । ଏହାରି ମଧ୍ୟରେ ଆନ୍ଧ୍ରର ଏକ ଘୋଷଣା ଦୁଇ ରାଜ୍ୟ ମଧ୍ୟରେ ବିବାଦ ବଢାଇବା ଏକ ପ୍ରକାର ସ୍ପଷ୍ଟ ହୋଇଛି । ଆନ୍ଧ୍ରରେ ବର୍ତମାନ ୧୩ଟି ଜିଲ୍ଲାକୁ ଭାଗ କରାଯାଇ ୨୬ ଜିଲ୍ଲା କରାଯାଇଛି । କୋଟିଆ ସୀମାକୁ ଲାଗିରହିଥିବା ବିଜୟନଗରମ ଜିଲ୍ଲାକୁ ଭାଗକରି ନୂଆ ଜିଲ୍ଲା ମାନ୍ୟତା ଦେଇ ମାନ୍ୟମ ବୋଲି ନାମକରଣ କରାଯାଇଛି । ଆଜି ଏନେଇ ବିଧିବଦ୍ଧ ଘୋଷଣା କରାଯାଇଛି । ବିଜୟନଗର ଜିଲ୍ଲାର ପାର୍ବତୀପୁରମ ରାଜସ୍ୱ ମଣ୍ଡଳ ଓ ଶ୍ରୀକାକୁଳମ ଜିଲ୍ଲାର ପାଲାକୋଣ୍ଡା ରାଜସ୍ୱ ମଣ୍ଡଳକୁ ନେଇ ଏହି ଜିଲ୍ଲା ଗଠିତ ହେଉଛି । ଶ୍ରୀକାକୁଳମ ରାଜସ୍ୱ ମଣ୍ଡଳ ଅଧିନରେ କୋଟିଆ ଗ୍ରାମପୁଞ୍ଜ ଆସୁଛି । ମାନ୍ୟମ ଜିଲ୍ଲା ଗଠନ ପଛରେ ଆନ୍ଧ୍ରର ସୁଚିନ୍ତିତ ଚାଲ ରହିଥିବା ଚର୍ଚ୍ଚା ହେଉଛି । ମାନ୍ୟମ ଜିଲ୍ଲା ଗଠନ ହେବା ପରେ ଏହାର ନୂଆ ଜିଲ୍ଲା ମୁଖ୍ୟାଳୟ ହେବ ପାର୍ବତୀପୁରମ । ମାନ୍ୟମ ଜିଲ୍ଲା ଅଧୀନକୁ କୋଟିଆ ଗ୍ରାମପୁଞ୍ଜ ଆସିବ । ଏହାକୁ ପଛୁଆ ଘୋଷଣା କରି ଆନ୍ଧ୍ର ସରକାର ରାଜନୈତିକ ଫାଇଦା ପାଇଁ ଉଦ୍ୟମ କରିବ । ବିଜୟନଗରଠାରୁ କୋଟିଆର ଦୂରତା ୧୨୦ ▶▶ପୃଷ୍ଠା ୭

## ପଳାଶୁଣି ଛକରେ ଦୁର୍ଘଟଣା : ଦୁଇ ଟ୍ରକ୍ ମଝିରେ ଚାପି ହୋଇ କାର ଚାଳକଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୪/୦୪ (ନି.ପ୍ର): ସୋମବାର ସକାଳୁ ରାଜଧାନୀ ଉପକଣ୍ଠ ପଳାଶୁଣି ଛକରେ ଆଜି ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଏକ କାର ଚାଳକଙ୍କ ମୃତ୍ୟୁ ଘଟିଛି । ସୋମବାର ସକାଳ ପ୍ରାୟ ୭ ଟା ସମୟରେ ପଳାଶୁଣି ଛକରେ ଜଣେ ବ୍ୟକ୍ତି ରାସ୍ତା ପାର୍ ହେଉଥିଲେ। ଏହି ସମୟରେ ଗୋଟିଏ ଟ୍ରକ୍ ଆସିଯାଇଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କୁ ବଂଚାଇବାକୁ ଯାଇ ଟ୍ରକ୍ ଟି ବ୍ରେକ୍ ମାରି ରହିଯାଇଥିଲା। ଏହି ସମୟରେ ଡମ୍ଫର ପଛରେ ଯାଉଥିବା ଦୁଇଟି କାର ଅଟକି ଯାଇଥିଲେ। ତେବେ ପଛରୁ ଦ୍ରୁତଗତିରେ ଆସୁଥିବା ଏକ ହାଇୱା ଦୁଇଟି କାର୍ ମଧ୍ୟରୁ ଗୋଟିଏକୁ ଧକ୍କା ଦେଇଥିଲା। କାରଟି ଭାରସାମ୍ୟ ହରାଇ ଡିଭାଇଡର ଡେଇଁ ଜଣେ ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲା। ପରେ ହାଇୱାଟି ଟ୍ରକ୍ ପଛରେ ଥିବା ଅନ୍ୟ କାର୍ ଉପରେ ଚଢ଼ିଯାଇଥିଲା। କାର୍ ରେ ଥିବା ବ୍ୟକ୍ତି ଜଣଙ୍କ ତା' ଭିତରେ ଚାପି ହୋଇଯାଇଥିଲେ।ପୋଲିସ ଓ ଅଗ୍ନିଶମ କର୍ମଚାରୀ ତାଙ୍କୁ କାର୍ ଭିତରୁ ଉଦ୍ଧାର କରିଥିଲେ। ତେବେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକ ଜଣକ ହେଲେ ଯାଜପୁର ଜିଲ୍ଲା ଧର୍ମଶାଳା ବିଦ୍ୟୁତ୍ ବିଭାଗର ଏସଡିଓ ସୁମନ୍ତ ଦାସ। ସେ ଆଜି ସକାଳେ ନିଜ କାରରେ ଭୁବନେଶ୍ୱରରୁ ଧର୍ମଶାଳା ଅଭିମୁଖେ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

## ନିର୍ବାଚନରେ ରାଜ୍ୟଗୁଡ଼ିକର ମାଗଣା ବଣ୍ଟାକୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ସତର୍କ କଲେ ବରିଷ୍ଠ ଅଧିକାରୀ



ନୂଆଦିଲ୍ଲୀ, ୦୪/୦୪ : ଶ୍ରୀଲଙ୍କାରେ ଭୟଙ୍କର ଅର୍ଥନୈତିକ ସଙ୍କଟ ଦେଖା ଦେବା ପରେ ଭାରତରେ ଆରମ୍ଭ ହୋଇଯାଇଛି ଚର୍ଚ୍ଚା । ନିର୍ବାଚନରେ ଭୋଟ ପାଇଁ କିଛି ରାଜ୍ୟ ସରକାରଙ୍କ ମାଗଣା ବଣ୍ଟା ଯୋଜନା ସେହି ରାଜ୍ୟ ଗୁଡିକ ପାଇଁ ବଡ ଧରଣର ଆର୍ଥିକ ସଙ୍କଟ ସୃଷ୍ଟି କରିପାରେ ବୋଲି ଆଶଙ୍କା କରିଛନ୍ତି ଟପ ବ୍ୟୁରୋକ୍ରାଟ । ତେବେ ଏଥିପାଇଁ ସେମାନେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ସତର୍କ ମଧ କରିଛନ୍ତି । ଶ୍ରୀଲଙ୍କାରେ ଦେଖା ଦେଇଥିବା ଭୟଙ୍କର ଆର୍ଥିକ ସଙ୍କଟ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ହୋଇଥିବାବେଳେ ଭାରତରେ ମଧ ସତର୍କ ଘଣ୍ଟି ବାଜିଛି । ନିର୍ବାଚନରେ ବିଜୟୀ ପାଇଁ ବିଭିନ୍ନ ରାଜନୈତିକ ଦଳ ଏକାଧିକ ମାଗଣା ବଣ୍ଟା ଯୋଜନାର ଘୋଷଣା କରୁଛନ୍ତି ଓ ସରକାରକୁ ଆସିବା ପରେ ତାହାକୁ କାର୍ଯ୍ୟକାରୀ କରୁଥିବାରୁ, ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ଉଦବେଗ ପ୍ରକାଶ କରିଛନ୍ତି ଦେଶର ଟପ୍ ବ୍ୟୁରୋକ୍ରାଟ୍ । ପଞ୍ଜାବ, ଦିଲ୍ଲୀ, ତେଲେଙ୍ଗାନା, ପଶ୍ଚିମବଙ୍ଗ ଓ ଆନ୍ଧ୍ର ପ୍ରଦେଶ, ୫ଟି ରାଜ୍ୟର ନାଁ ନେଇ ସତର୍କ କରିଛନ୍ତି । ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ବୟସ୍କ ବ୍ୟକ୍ତିମାନଙ୍କୁ ମାସିକ ଅଢ଼େଇ ହଜାର ଟଙ୍କା ବାଣ୍ଟୁଛନ୍ତି ଆନ୍ଧ୍ର ସରକାର । ଅଳ୍ପ ସଂଖ୍ୟକଙ୍କୁ ବୃତ୍ତି, ବିବାହ ପାଇଁ ସହାୟତା, ଜୟ ବାଙ୍ଗାଲ ନାଁରେ ସ୍ୱତନ୍ତ୍ର ଭତ୍ତା ଦେଉଛନ୍ତି ପଶ୍ଚିମବଙ୍ଗ ସରକାର । ସବୁଠୁ ବଡ କଥା ହେଉଛି, ଦିଲ୍ଲୀର ଆପ ସରକାର ବିଜୁଳି ବାହାରୁ କିଣି ଲୋକମାନଙ୍କୁ ମାଗଣାରେ ଦେଉଛନ୍ତି । ହେଲେ, ବାହାରୁ କିଣି ମାଗଣାରେ ବାଣ୍ଟିବା କେତେଦୂର ଠିକ୍ ତାକୁ ନେଇ ପ୍ରଶ୍ନ ଉଠୁଛି । ସୂଚନାଯୋଗ୍ୟ ଯେ, ଶ୍ରୀଲଙ୍କାରେ ରାଜପକ୍ଷେ କ୍ଷମତାକୁ ଆସିବା ପରେ ଟିକସର ପରିମାଣ କମାଇ ଦେଇଥିଲେ । ବିଭିନ୍ନ ମାଗଣା ବଣ୍ଟା ଯୋଜନା ବି ଚଳାଇଥିଲେ । ଯାହାର ସିଧାସଳଖ ପ୍ରଭାବ ଦେଶର ରାଜକୋଷ ଉପରେ ପଡିଥିଲା । ଆଉ ଏବେ ଭୟଙ୍କର ଆର୍ଥିକ ସଂକଟ ଦେଇ ଗତି କରୁଛି ଶ୍ରୀଲଙ୍କା । ପେଟ୍ରୋଲ ଓ ଡିଜେଲ ଦର ୩ରୁ ୪ ଗୁଣା ବୃଦ୍ଧି ପାଇଛି । ଚାଉଳ କିଲୋ ୫ ଶହ ଟଙ୍କାରେ ପହଞ୍ଚିଛି । ଚିନି କିଲୋ ୨୯୦ ଟଙ୍କା ହୋଇଛି । ଶହେ ଟଙ୍କା ଦେଲେ ମିଳୁଛି ଗୋଟେ କପ୍ ଚା' । ଏଲ୍ପିଜି ସିଲିଣ୍ଡର ଦର ୪ ହଜାର ୧୧୯ ଟଙ୍କା ହୋଇଛି ।

## ଦେଶର ନୂଆ କାମଚଳା ପ୍ରଧାନମନ୍ତ୍ରୀଙ୍କ ନାମ ଘୋଷଣା କଲେ ଇମ୍ରାନ ଖାନ୍



ନୂଆଦିଲ୍ଲୀ, ୦୪/୦୪ : ପାକିସ୍ତାନ ରାଜନୀତିରେ ଉଠିଥିବା ଝଡ ଥମିବାର ନାଁ ନେଉନାହିଁ । କାହା ହାତକୁ ଦେଶ ସମ୍ଭାଳିବାର ଗୁରୁ ଦାୟିତ୍ୱ ଯିବ ସେନେଇ ଲାଗି ରହିଛି ହାଇ ଡ୍ରାମା । ଏହାରି ଭିତରେ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ନିଜ ଦଳର ପରାମର୍ଶ ନେବା ପରେ ପାକିସ୍ତାନର ପୂର୍ବତନ ମୁଖ୍ୟ ବିଚାରପତି ଗୁଲଜାର ଅହମଦଙ୍କ ନାମ କାମଚଳା ପ୍ରଧାନମନ୍ତ୍ରୀ ପାଇଁ ସୁପାରିଶ କରିଛନ୍ତି । ଇମ୍ରାନଙ୍କ ପରେ ଗୁଲଜାର ଅହମ୍ମଦ ହେବେ ପାକିସ୍ତାନ ପ୍ରଧାନମନ୍ତ୍ରୀ ! କାମଚଳା ପ୍ରଧାନମନ୍ତ୍ରୀ ହେବେ ପୂର୍ବତନ ମୁଖ୍ୟ ବିଚାରପତି ! ପାକିସ୍ତାନ ରାଜନୀତିରେ ଦିନକୁ ଦିନ ନୂଆ ନୂଆ ଡ୍ରାମା ଦେଖିବାକୁ ମିଳୁଛି । ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କୁ ଦେଶର ନୂଆ କାମଚଳା ପ୍ରଧାନମନ୍ତ୍ରୀଙ୍କ ନାମ ଘୋଷଣା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଉ ଏହାପରେ ନିଜ ଦଳ ପାକିସ୍ତାନ ତେହରିକ-ଏ-ଇନସାଫର ବରିଷ୍ଠ ରାଜନେତାଙ୍କ ସହ ଆଲୋଚନା କରି ପୂର୍ବତନ ମୁଖ୍ୟ ବିଚାରପତି ଗୁଲଜାର ଅହମ୍ମଦଙ୍କୁ ଦେଶର ନୂଆ କାମଚଳା ପ୍ରଧାନମନ୍ତ୍ରୀ ଭାବେ ଘୋଷଣା କରିଛନ୍ତି ଇମ୍ରାନ ଖାନ୍ । ୩୪୨ ଆସନ ବିଶିଷ୍ଟ ପାକିସ୍ତାନ ନ୍ୟାସନାଲ ଆସେମ୍ବଲିରେ ବହୁମତ ପାଇଁ ଇମ୍ରାନ ଖାନଙ୍କୁ ୧୭୨ଟି ସିଟର ଆବଶ୍ୟକତା ରହିଛି । ତେବେ ତାଙ୍କ ପାଖରେ ୧୭୪ଟି ସାଂସଦଙ୍କ ସମର୍ଥନ ନଥିବା ବିରୋଧୀ ଦାବି କରିଛନ୍ତି । ବିରୋଧୀ ସଂସଦରେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟିଂ ପାଇଁ ଅପିଲ୍ କରିଥିଲେ । ହେଲେ ନ୍ୟାସନାଲ ଆସେମ୍ବଲିର ଉପାଦକ୍ଷ କାଶିମ ସୁରି ପ୍ରଧାନମନ୍ତ୍ରୀ ଇମ୍ରାନ ଖାନଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ▶▶ପୃଷ୍ଠା ୭

## ଶ୍ରୀମନ୍ଦିର ରୋଷଘର ଚୁଲି ଭଙ୍ଗା ଘଟଣା ମୋତେ ଦୁଃଖିତ ଓ ବ୍ୟଥିତ କରିଛି : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର, ୦୪/୦୪ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ସ୍ଥିତ ପବିତ୍ର ରୋଷଘର ଚୁଲି ଗୁଡ଼ିକ ଭାଙ୍ଗି ଦିଆଯିବା ଖବର ମୋତେ ଦୁଃଖିତ ଓ ବ୍ୟଥିତ କରିଛି ବୋଲି ଟ୍ୱିଟ୍ କରି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଓଡ଼ିଆ ଜାତିର ଅସ୍ମିତାର ପରିଚୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିର ସ୍ଥିତ ପବିତ୍ର ରୋଷଘର ଚୁଲି ଗୁଡ଼ିକ ଭାଙ୍ଗି ଦିଆଯିବା ଘଟଣା ଗଣମାଧ୍ୟମରୁ ଜାଣିବାକୁ ପାଇଲି । ଏହି ଖବର ମୋତେ ଦୁଃଖିତ ଓ ବ୍ୟଥିତ କରିଛି । ମହାପ୍ରଭୁ ଓଡ଼ିଶାବାସୀ ଏବଂ ସାରା ବିଶ୍ୱର ହିନ୍ଦୁ ସମାଜର ଆସ୍ଥା ଓ ବିଶ୍ୱାସର କେନ୍ଦ୍ର । ଶ୍ରୀମନ୍ଦିର ସହ ମହାପ୍ରଭୁଙ୍କ ମହାପ୍ରସାଦର ରହିଛି ଅନନ୍ୟ ସମ୍ପର୍କ । ରୋଷଘରର ଅବଢ଼ା ପ୍ରସ୍ତୁତ ହେଉଥିବା ଚୁଲିକୁ ଭାଙ୍ଗି ଦେଇ ମହାପ୍ରଭୁଙ୍କ ପ୍ରସାଦ ପ୍ରସ୍ତୁତିକୁ ବ୍ୟାଘାତ କରିବା ଦୁଃଖଦାୟକ । ମହାପ୍ରସାଦ ସହ ଓଡ଼ିଆଙ୍କ ଭାବାବେଗ ଜଡ଼ିତ । ମହାପ୍ରଭୁଙ୍କ ମହାପ୍ରସାଦ ଅମୃତ ତୁଲ୍ୟ । ମହାପ୍ରଭୁଙ୍କ ରୋଷଘର ସହ ମା' ଲକ୍ଷ୍ମୀ ଓ ମା' ହିଙ୍ଗୁଳାଙ୍କ ପ୍ରତ୍ୟକ୍ଷ ଜଡ଼ିତ ଥିବା ଓଡ଼ିଆ ଜନମାନସର ବିଶ୍ୱାସ । ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଭବିଷ୍ୟତରେ ଯେଭଳି ଏହି ଘଟଣାର ପୁନରାବୃତି ନ ହେବ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ସଜାଗ ରହିବା ଜରୁରୀ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରିଛନ୍ତି ।

## ଜୁନ୍ ରେ ପ୍ରାଥମିକ ସମବାୟ ସମିତି ସଦସ୍ୟ ନିର୍ବାଚନ

ଭୁବନେଶ୍ୱର, ୦୪/୦୪ (ନି.ପ୍ର): ଆସନ୍ତା ଜୁନ୍ ମାସରେ ପ୍ରାଥମିକ ସମବାୟ ସମିତି ସଦସ୍ୟ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଜୁନ୍ ୧୯ ଓ ଜୁନ୍ ୨୬ରେ ପ୍ରାଥମିକ ସମବାୟ ସମିତି ପ୍ରଥମ ପର୍ଯ୍ୟାୟ ନିର୍ବାଚନଅନୁଷ୍ଠିତ ହେବ। ଏସମ୍ପର୍କରେ ସୋମବାର ଦିନ ସମବାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

## ମାନସ ସ୍ୱାଇଁ ହତ୍ୟା ମାମଲା : ମାନସଙ୍କ ଘରେ ପହଞ୍ଚିଲା କ୍ରାଇମବ୍ରାଞ୍ଚ ଟିମ୍

ଭୁବନେଶ୍ୱର, ୦୪/୦୪ (ନି.ପ୍ର): ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ଘଟଣାରେ ଏବେ ତଦନ୍ତ ଚଳାଇଛି କ୍ରାଇମବ୍ରାଞ୍ଚ । ଏହିକ୍ରମରେ ଆଜି କ୍ରାଇମବ୍ରାଞ୍ଚ ଟିମ୍ ମାନସଙ୍କ ଘରେ ପହଞ୍ଚି ତଦନ୍ତ ଚଳାଇଥିବା ଜଣାପଡିଛି । ସୋମବାର ମାନସଙ୍କ ରଣପୁର ସ୍ଥିତ ବାସଭବନରେ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚିଛି, ଏବଂ ସେଠାରେ ମାନସଙ୍କ ପରିବାର ସହିତ କ୍ରାଇମବ୍ରାଞ୍ଚ ଟିମ୍ ଆଲୋଚନା କରିଛି । ▶▶ପୃଷ୍ଠା ୭

## କଶ୍ମୀର ପଣ୍ଡିତଙ୍କୁ ଗୁଳି କଲେ ଆତଙ୍କବାଦୀ



ଜମ୍ମୁ, ୦୪/୦୪ (ନି.ପ୍ର): ସୋମବାର ସନ୍ଧ୍ୟାରେ ଜଣେ କଶ୍ମୀର ପଣ୍ଡିତଙ୍କୁ ଗୁଳି କରିଛନ୍ତି ଆତଙ୍କବାଦୀ। ଦକ୍ଷିଣ କଶ୍ମୀର ସୋଫିଆ ଜିଲ୍ଲାରେ ଛୋଟୋଗାମ ଅଞ୍ଚଳରେ ଏହି ଅଭାବନୀ ଘଟଣା ଘଟିଛି। ସେ ହେଲେ ସୁନୋ କୁମାର ବାଲଜୀ। ତାଙ୍କୁ ଗୁରୁତର ଅବସ୍ଥାରେ ଶ୍ରୀ ନଗରରେ ଆର୍ମି ହସପିଟାଲରେ ଭର୍ତ୍ତି କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଶ୍ରୀନଗରରେ ଆତଙ୍କବାଦୀଙ୍କ ଗୁଳିରେ ୭ ଜଣ ଶିକାର ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୨ଜଣ ସିଆରପିଏଫ ଯବାନ ଥିବା ବେଳେ ୪ ଜଣ ଶ୍ରମିକ ଅଛନ୍ତି। ଦୁଇ ଶ୍ରମିକଙ୍କୁ ପୁଲୱାମା ଗୁଳି କରାଯାଇଛି। ଉଭୟେ ଗୁରୁତର ହୋଇଛନ୍ତି। ଆହତ ଦୁଇ ଜଣ ଶ୍ରମିକ ହେଲେ ପଟଲେଶ୍ୱର କୋକାରମ ଏବଂ ଜାକୋ ଚୌଧୁରୀ। ଭୟଙ୍କ ଘର ବିହାରରେ । ସେମାନେ ପୁଲୱାମାରେ ଶ୍ରମିକ ଭାବେ କାମ କରୁଥିଲେ। ସେହିପରି ଆତଙ୍କବାଦୀଙ୍କ ଗୁଳିରେ ଜଣେ ସିଆରପିଏଫ ଯବାନ ସହିଦ ହୋଇଛନ୍ତି। ତେବେ ଗତକାଲି ସୁରକ୍ଷା ବାହିନୀ ଜମ୍ମୁ-କଶ୍ମୀରର ବିଭିନ୍ନ ଅଞ୍ଚଳରୁ ୪ ଜଣ ଲସ୍କର-ଏ-ତୋଏବା ସହଯୋଗୀଙ୍କୁ ଗିରଫ କରିଥିଲେ। ବାନ୍ଦିପୋରା ପୁଲିସ ଦୁଇଟି ଆତଙ୍କବାଦୀ ଆଡ୍ଡାର ପର୍ଦ୍ଦାଫାଶ କରି ନିଷିଦ୍ଧ ସଂଗଠନ ଲସ୍କର-ଏ-ତୋଏବାର ଚାରି ଜଣ ଆତଙ୍କବାଦୀ ସହଯୋଗୀଙ୍କୁ ଗିରଫ କରିଥିଲା। ପୁଲିସ କହିଥିଲା ଯେ ଅଭିଯୁକ୍ତମାନେ ଜିଲ୍ଲାରେ ଆତଙ୍କବାଦୀଙ୍କ ପାଇଁ ଲଜିଷ୍ଟିକ୍ ଏବଂ ପରିବହନ ସମନ୍ୱୟ ରକ୍ଷା କରୁଥିଲେ।

## ଏପ୍ରିଲ ୭ରେ ପୌରସଂସ୍ଥା ଉପାଧ୍ୟକ୍ଷ ଓ ଡେପୁଟି ମେୟର ନିର୍ବାଚନ

ଭୁବନେଶ୍ୱର, ୦୪/୦୪ (ନି.ପ୍ର): ଆସନ୍ତା ଏପ୍ରିଲ ୭ ତାରିଖରେ ୧୦୫ଟି ପୌରସଂସ୍ଥାର ଉପାଧ୍ୟକ୍ଷ ଓ ୩ଟି ମହାନଗର ନିଗମର ଡେପୁଟି ମେୟର ପଦବୀ ନିମନ୍ତେ ପରୋକ୍ଷ ଭାବେ ନିର୍ବାଚନ ଅନୁଷ୍ଠିତ ହେବ। ଏସମ୍ପର୍କରେ ରାଜ୍ୟ ନିର୍ବାଚନ କମିଶନଙ୍କ ସଚିବ ଏ ସଂପର୍କରେ ସମସ୍ତ ଜିଲ୍ଲାପାଳ ଓ ସଂପୃକ୍ତ ନିର୍ବାଚନ ଅଧିକାରୀମାନଙ୍କୁ ଅବଗତ କରାଇଛନ୍ତି । ପୌରସଂସ୍ଥାର ଉପାଧ୍ୟକ୍ଷ ପଦବୀ ପାଇଁ ଅପ୍ରେଲ ୭ ତାରିଖ ସକାଳ ୧୦ଟାରୁ ୧୧ଟା ମଧ୍ୟରେ ନାମାଙ୍କନ ପତ୍ର ଦାଖଲ, ସେହିଦିନ ୧୧ଟାରୁ ୧୨ଟା ମଧ୍ୟାହ୍ନ ସୁଦ୍ଧା ନାମାଙ୍କନ ପତ୍ର ଯାଂଚ, ଦିନ ୧ଟା ପୂର୍ବରୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର, ସେହିଦିନ ୧.୩୦ମି.ରୁ ୩.୩୦ ମି. ଭୋଟ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ମତଦାନ, ମତଦାନ ପରେ ପରେ ସେହିଦିନ ଭୋଟଗଣତି ଓ ଭୋଟଗଣତି ପରେ ପରେ ନିର୍ବାଚନ ଫଳାଫଳ ଘୋଷଣା କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ତିନୋଟି ମହାନଗର ନିଗମର ଡେପୁଟି ମେୟର ପଦବୀ ନିମନ୍ତେ ଆସନ୍ତା ଅପ୍ରେଲ ୭, ୮ ଓ ୯ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । କଟକ ମହାନଗର ନିଗମ ଡେପୁଟି ମେୟର ▶▶ପୃଷ୍ଠା ୭

## ଜଗନ୍ନାଥଙ୍କ ଚୁଲି ଭଙ୍ଗାଯିବାକୁ ନେଇ ସାମନାକୁ ଆସିଲା ସାଂଘାତିକ ତଥ୍ୟ

ଭୁବନେଶ୍ୱର, ୦୪/୦୪ (ନି.ପ୍ର): ଶ୍ରୀମନ୍ଦିର ଭିତରେ ବି ଚାଲିଛି ଦାଦାଗିରି । ଜଗନ୍ନାଥଙ୍କ ରୋଷଶାଳାରେ ବି ଦାଦାଗିରି କରିବାକୁ ପଛାଉ ନାହାନ୍ତି । ବଡପ୍ରଶ୍ନ ହେଉଛି, ସୁରକ୍ଷା ଭେଦ କରି ଜଗାଙ୍କ ଚୁଲି ଭାଙ୍ଗିଲା କିଏ ? ଏହି ଘଟଣା ଏବେ ଥାନାରେ ପହଞ୍ଚିଛି । ସିସିଟିଭି ଫୁଟେଜ ଆଧାରରେ ଜଣକୁ ଚିହ୍ନଟ କରି ପଚରା ଉଚରା କରୁଛି ପୁଲିସ । ଦୁଇ ସେବାୟତ ଗୋଷ୍ଠୀଙ୍କ ବିବାଦ ଚୁଲି ଭାଙ୍ଗିବା ଭଳି ଅଘଟଣକୁ ଡାକି ଆଣିଛି । କୁହାଯାଉଛି ମନ୍ଦିର ବନ୍ଦ ପୂର୍ବରୁ କିଛି ଦୁର୍ବୃତ୍ତ ଛପି ରହିଥିଲେ ଓ ରାତିରେ ଚୁଲି ଭାଙ୍ଗି, ସକାଳେ ଭକ୍ତଙ୍କ ମେଳରେ ମିଶି ମନ୍ଦିରରୁ ବାହାରି ଗଲେ । ଏହି ଘଟଣାକୁ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଠାରୁ ଆରମ୍ଭ କରି ଅନେକ ନେତା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଶନିବାର ରାତି ଅଧରେ ଶ୍ରୀମନ୍ଦିର ରୋଷଘରେ ପଶି ଚୁଲା ଭାଙ୍ଗିବା ଘଟଣାକୁ ହଜମ କରିପାରୁନାହାନ୍ତି କୋଟି କୋଟି ଶ୍ରଦ୍ଧାଳୁ । ଶ୍ରୀମନ୍ଦିର, ସାଧାରଣ ମନ୍ଦିର ନୁହେଁ ଓଡ଼ିଆ ଜାତିର ▶▶ପୃଷ୍ଠା ୭

# ଗ୍ରାମସାଥିଙ୍କ ବହୁ ଦିନର ଦାବି ପୂରଣ ପାଇଁ ପ୍ରଶାସନ ରାଜି

ସାଲେପୁର,୦୪/୦୪ (ନି.ପ୍ର): ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିନ୍ତ କର୍ମନିଯୁକ୍ତି (ମନରେଗା) ଯୋଜନାରେ ସଂପୃକ୍ତ ଥିବା ଗ୍ରାମସାଥି (ମେଟ୍) ମାନଙ୍କୁ ବ୍ଲକ ପ୍ରଶାସନ ପକ୍ଷରୁ ଅବହେଳା କରାଯାଉଥିବା ଅଭିଯୋଗ ହୋଇଆସୁଥିଲା । ଏପରିକି ଏହି ବ୍ଲକର ବିଭିନ୍ନ ପଂଚାୟତରେ ହେଉଥିବା ମନରେଗା କାର୍ଯ୍ୟରେ ସେମାନଙ୍କୁ ସଂପୃକ୍ତି କରାନଯିବା, ବିଭିନ୍ନ ସରକାରୀ ନିର୍ଦ୍ଦେଶାବଳୀକୁ ସେମାନଙ୍କୁ ନଜଣାଇବା, ବ୍ଲକ ସାମାଜିକ ସମୀକ୍ଷା ଜନଶୁଣାଣୀ ବୈଠକରେ ସେମାନଙ୍କୁ ନଡକାଯିବା ଏପରିକି ଜାତୀୟ ମୋବାଇଲ୍ ମନିଟରିଙ୍ଗ୍ ବ୍ୟବସ୍ଥା ସଂପର୍କରେ ସେମାନଙ୍କୁ ତାଲିମ୍ ପ୍ରଦାନ ନକରାଯିବା ଭଳି ବହୁ ଅଭିଯୋଗ ଗ୍ରାମସାଥି ସଂଘ ପକ୍ଷରୁ କରାଯାଇଛି । ଶନିବାର ଦିନ ଏହି ବ୍ଲକର ୩୦ ରୁ ଉର୍ଦ୍ଧ ଗ୍ରାମସାଥି ତପନ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଉକ୍ତ ଅଭିଯୋଗ ସଂପର୍କରେ ଆଲୋଚନା କରିବା ପାଇଁ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ ମଧ୍ୟ ସେମାନଙ୍କ କଥାକୁ ଶୁଣାଯାଇନଥିଲା । ଏପରିକି ଆଲୋଚନା ପାଇଁ ବିଡିଓ ସମୟ ନଦେବାରୁ ଗ୍ରାମସାଥିମାନେ ବାଧ୍ୟ ହୋଇ ଆନ୍ଦୋଳନ କରିବେ ବୋଲି ନିଷ୍ପତି ନେଇଥିଲେ । ଏକଥା ଜାଣିପାରି ମନରେଗାର ବ୍ଲକ ଅତିରିକ୍ତ ପ୍ରୋଗ୍ରାମ୍ ଅଧିକାରୀ ସାଗରିକା ପରିଡା ଗ୍ରାମସାଥି (ମେଟ୍)ମାନଙ୍କୁ ଡାକି ନିଜେ ବିଡିଓଙ୍କ ସହିତ ମୋବାଇଲ ଯୋଗେ କଥାବାର୍ତା ହୋଇ ସମସ୍ତ ଗ୍ରାମବାସୀଙ୍କୁ ଆସନ୍ତା ୬ ତାରିଖ ଦିନ ଜାତୀୟ ମୋବାଇଲ ମନିଟରିଙ୍ଗ୍ ସିଷ୍ଟମ୍ (ଏନ୍ ଏମ୍ ଏମ୍ ଏସ୍) ତାଲିମ୍ ଦେବା ପାଇଁ ପ୍ରତିଶୃତି ଦେଇଛନ୍ତି । ସଙ୍ଗେ ସଙ୍ଗେ ବ୍ଲକ ପତ୍ର ସଂଖ୍ୟା ୧୪୭୦, ତା. ୨.୪.୨୦୨୨ ରିଖରେ ଗ୍ରାମସାଥିମାନଙ୍କୁ ଏନେଇ ଅବଗତ କରାଯିବା ପରେ ସେମାନେ ଶାନ୍ତ ହୋଇଥିଲେ । ଏହି ବୈଠକରେ ସୁଧୀର କୁମାର ସ୍ୱାଇଁ, ମିନତୀବାଳା ଦାସ, ସବିତା ଶତପଥି, ବ୍ରଜବନ୍ଧୁ ଦାସ, ଶରତ ଜେନା, ଗଣେଶ୍ୱର ବେହେରା, ମାୟାଧର ମହାପାତ୍ର, ପ୍ରମୋଦ ସାହୁ, କବିତା ଭଞ୍ଜ, ସତ୍ୟବ୍ରତ ବରାଳ, ହରପ୍ରିୟା ମହାପାତ୍ର, ଅନ୍ନପୂର୍ଣ୍ଣା ନାୟକ, ଲତା ମଳିକ, କମଳା ବେହେରା, ପ୍ରିୟମ୍ୱଦା ପରିଡା, କବିତା ଦାସ, ଲୋଭାବତୀ ମଲ୍ଲିକ, ପୂର୍ଣ୍ଣମା ରାଉତ, ଅନ୍ନପୂର୍ଣ୍ଣା ରାଉତ, ହରମୋହନ ପଣ୍ଡା, ବ୍ରଜବନ୍ଧୁ ଦାସ, ମାମିନା ସାମଲଙ୍କ ସମେତ ବହୁ ଗାଁସାଥି ଉପସ୍ଥିତ ଥିଲେ ।

# ପ୍ରଧାନଶିକ୍ଷକଙ୍କ ନାଁରେ ଦୁର୍ବ୍ୟବହାର ଅଭିଯୋଗ : ବିଡ଼ିଓଙ୍କୁ ଗୁହାରୀ କଲେ ଛାତ୍ରୀ

ନାରାୟଣପାଟଣା,୦୪/୦୪ (ନି.ପ୍ର): ଆବାସିକ ବିଦ୍ୟାଳୟରେ ଦିଆଯାଉଛି ନିମ୍ନମାନ ଖାଦ୍ୟ । ଅଭିଯୋଗ କଲେ ପ୍ରଧାନଶିକ୍ଷକ କରୁଛନ୍ତି ଦୁର୍ବ୍ୟବହାର । ଏପରି ଅଭିଯୋଗ ଆଣି ୩କି.ମି ଚାଲି ଚାଲି ଯାଇ ବିଡିଓଙ୍କ ଫେରାଦ ହୋଇଛନ୍ତି ଛାତ୍ରୀ । କୋରାପୁଟ ଜିଲ୍ଲା ନାରାୟଣାପାଟଣା ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବିରୋଧରେ ଏଭଳି ଅଭିଯୋଗ ଆସିଛି । ପ୍ରଧାନଶିକ୍ଷକ ଆନନ୍ଦ ରାଓଙ୍କ ମନମାନିରେ ଅତିଷ୍ଠ ହୋଇ ୨୦ଜଣ ଛାତ୍ରୀ ବିଡିଓଙ୍କ ପାଖରେ ଫେରାଦ ହୋଇ ସମସ୍ୟା ଜଣାଇଛନ୍ତି । ଅଭିଯୋଗ ଅନୁସାରେ, ନାରାୟଣାପାଟଣା ସରକାରୀ ଆବାସିକ ଉଚ୍ଚ ବିଦ୍ୟାଳୟର ହଷ୍ଟେଲରେ ପ୍ରାୟ୨୫୦ ଛାତ୍ରୀ ରହୁଛନ୍ତି । ହଷ୍ଟେଲରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ନେଇ ପିଲାମାନେ ପ୍ରଧାନଶିକ୍ଷକଙ୍କ ପାଖରେ ଅଭିଯୋଗ କରିଥିଲେ । ହେଲେ ପ୍ରଧାନଶିକ୍ଷକ ସେମାନଙ୍କୁ ଦୁର୍ବ୍ୟହାର କରିବା ସହ ଖରାପ ଭାଷାରେ ଗାଳିଗୁଲଜ କରିଥିଲେ । ଆଜି ସକାଳେ ଛାତ୍ରୀମାନେ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓ ନିକଟରେ ସମସ୍ୟା ବିଷୟରେ କହିଥିଲେ । ସ୍ଥାନୀୟ ମଙ୍ଗଳ ଅଧିକାରୀ ଛାତ୍ରୀମାନଙ୍କୁ ହଷ୍ଟେଲରେ ଛାଡ଼ିଥିଲେ । ବିଡ଼ିଓ ଓ ମଙ୍ଗଳ ଅଧିକାରୀ ସ୍କୁଲରେ ପହଞ୍ଚି ତଦନ୍ତ କରିଛନ୍ତି । ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ କହିଛନ୍ତି । ଅନ୍ୟପକ୍ଷେ, ଛାତ୍ରୀମାନେ ଆଣିଥିବା ଅଭିଯୋଗକୁ ପ୍ରଧାନଶିକ୍ଷକ ଖଣ୍ଡନ କରିଛନ୍ତି । ଅଭିଯୋଗ ମିଥ୍ୟା ବୋଲି ସେ କହିଛନ୍ତି ।

# ଭାରତ ବିକାଶ ପରିଷଦ ପକ୍ଷରୁ ଭାରତୀୟ ନବବର୍ଷ ପାଳିତ

ପୁରୀ,୦୪/୦୪ (ନି.ପ୍ର): ଭାରତ ବିକାଶ ପରିଷଦ, ଶ୍ରୀଜଗନ୍ନାଥ ଧାମ ତରଫରୁ ଚୈତ୍ର ଶୁକ୍ଳ ପ୍ରତିପଦା ତିଥି,୨ ଅପ୍ରିଲରେ ସ୍ଥାନୀୟ ତ୍ରିଦ୍ୱେ ଭିଲ୍ଲା ଠାରେ ରାଷ୍ଟ୍ରୀୟ ନବ ବର୍ଷ, ନବ ସମ୍ୱତ୍ସର୍ ୨୦୭୯ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ମୁକ୍ତିକାନ୍ତ ଦାସ ଏଥିରେ ସଭାପତିତ୍ୱ କରିଥିଲେ ।

ପ୍ରାରମ୍ଭ ରେ ନୂତନ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର ଉପସ୍ଥିତ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ସର୍ବଶ୍ରୀ ବୁଧଦ୍ୱେ ମହାପାତ୍ର, ଶରତ ଜୟ ସିଂ, ସନ୍ତୋଷ ମହାନ୍ତି, ଡ଼ଃ. ନୃସିଂହ ଚରଣ ଦାସ, ଡ଼ଃ. ସୁରେନ୍ଦ୍ର ନାଥ ପତି, ପ୍ରାଧ୍ୟାପକ ସୌଭାଗ୍ୟ କୁମାର ସାହୁ ପ୍ରମୁଖ ଯୋଗଦେଇ, ରାଷ୍ଟ୍ରୀୟ ନବବର୍ଷ ସୃଷ୍ଟିର ପ୍ରାରମ୍ଭ ସହିତ ଜଡିତ ବ୍ରହ୍ମାଙ୍କ ଦ୍ୱାରା ଯେଉଁଦିନ ସୃଷ୍ଟିର ସଂରଚନା ଆରମ୍ଭ ହେଲା ସେହି ଦିନ ଠାରୁ ସମ୍ୱତ ଆରମ୍ଭ ହେଲା ବୋଲି ମତ ରଖିଥିଲେ । ପାଶ୍ଚାତ୍ୟ କାଳ ଗଣନା ପଦ୍ଧତି ସହ ଭାରତୀୟ ପରିବେଶ, ସଂସ୍କୃତି, ଇତିହାସ ଓ ଭାବନାର କୌଣସି ସଂବନ୍ଧ ନଥାଏ । ମର୍ଯ୍ୟାଦା ପୁରୁଷୋତମ ଭଗବାନ ଶ୍ରୀରାମଙ୍କ ରାଜ୍ୟାଭିଷେକ, ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ, ବୀର ଅର୍ଜୁନଙ୍କ ପୌତ୍ର ପରୀକ୍ଷିତ ମହାରାଜ ସମ୍ପୂର୍ଣ ସଂସାରର ସମ୍ରାଟ ଏହି ଦିନରୁ ହୋଇଥିଲେ । କଳିଯୁଗର ୩୦୪୪ ବର୍ଷ ପରେ ଇଶା ମସିହାଙ୍କ ୫୭ ବର୍ଷ ପୂର୍ବେ ଧାର୍ମିକ ତଥା ପ୍ରତାପୀ ରାଜା ବିକ୍ରମାଦିତ୍ୟ ପ୍ରଜାଙ୍କ ସମ୍ପୂର୍ଣ୍ଣ ଋଣକୁ ଚୁକ୍ତି କରି ନିଜ ଉପରକୁ ନେଇ ନୂଆ ସମ୍ୱତ ଆରମ୍ଭ କରିଥିଲେ ଯାହା ଆଜିର ଗଣନା ଅନୁଯାୟୀ ବିକ୍ରମ ସମ୍ୱତ ୨୦୭୯, ଯାହାକି ଉତର ଭାରତରେ ଅଧିକ ପ୍ରଚଳିତ । ବିକ୍ରମ ସମ୍ୱତ ଆରମ୍ଭର ୧୩୫ ବର୍ଷ ପରେ ରାଜା ଶାଳିବାହନ ନିଜର ସମ୍ୱତ ଚୈତ୍ର ଶୁକ୍ଳ ପ୍ରତିପଦରୁ ଆରମ୍ଭ କରିଥିଲେ ଯାହା ଦକ୍ଷିଣ ଭାରତରେ ଅଧିକ ପ୍ରଚଳିତ, ସେହିପରି ଋତୁ ର ପରିବର୍ତନ, ପିଲାଙ୍କ ଶ୍ରେଣୀ ପରିବର୍ତନ, ଆର୍ଥିକ ବର୍ଷର ପରିବର୍ତନ, ନୂଆ ଫସଲର ଚାଷ ଆହୁରି ମଧ୍ୟ ଅନେକ ପ୍ରକାରର ପରିବର୍ତନ ନବ ସମ୍ୱତ ବା ଭାରତୀୟ ନବବର୍ଷରେ ପ୍ରାରମ୍ଭ ହେଉଥିବାରୁ ତଥା ଭାରତୀୟ କାଳ ଗଣନା ପଦ୍ଧତି ଅନୁଯାୟୀ ପାରିବାରିକ ଜୀବନର ପ୍ରାୟ ସମସ୍ତ ଶୁଭକାର୍ଯ୍ୟ ବିବାହ, ବ୍ରତ, ଜନ୍ମ ଜାତକ, ପିତୃ ଶ୍ରାଦ୍ଧ ଇତ୍ୟାଦି ସମସ୍ତ କାର୍ଯ୍ୟ ପୂଜନ ଆଦି ହେଉଥିବାରୁ ଚୈତ୍ର ଶୁକ୍ଳ ପ୍ରତିପଦା ତିଥି ଠାରୁ ଭାରତୀୟ ନବବର୍ଷ ପାଳନ କରିବାକୁ ବକ୍ତାମାନେ ମତବ୍ୟକ୍ତ କରିଥିଲେ ।

ଅବସର ପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ବିଜୟଲକ୍ଷ୍ମୀ ଦାଶ ଏକ କବିତା ମାଧ୍ୟମରେ ଭାରତୀୟ ନବ ବର୍ଷ ପାଳନର ମହତ୍ୱ ଏବଂ ଚୈତ୍ର ମାସର ପ୍ରାରମ୍ଭ କୃଷ୍ଣ ପକ୍ଷ ଦେବତା ତଥା ପିତୃ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ମାନବ ମାନଙ୍କ ପାଇଁ ଉଦ୍ଦିଷ୍ଟ ଶୁକ୍ଳ ପକ୍ଷରେ ନବବର୍ଷ ପାଳନ ସମ୍ପର୍କରେ ମତ ରଖିଥିଲେ । ଅବସରପ୍ରାପ୍ତ ପ୍ରଫେସର ପ୍ୟାରୀ ମୋହନ ପଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆଧାତ୍ମିକ, ପୌରାଣିକ, ଐତିହାସିକ, ବୈଜ୍ଞାନିକ ତଥା ତାତ୍ତ୍ୱିକ ଦୃଷ୍ଟିରୁ ଭାରତରେ ଚୈତ୍ର ଶୁକ୍ଳ ପ୍ରତିପଦା ଠାରୁ ନବ ବର୍ଷ ପାଳନ କରିବା ସମ୍ପର୍କରେ ପ୍ରାଞ୍ଜଳ ଭାବରେ ମତ ରଖିବା ସହ ବ୍ରହ୍ମାଙ୍କ ସୃଷ୍ଟିର ସଂରଚନା ଠାରୁ ବର୍ତମାନ ଚାଲୁଥିବା ଶ୍ୱେତବରାହ କଳ୍ପକୁ ୧୯୭୨୯୪୯୧୨୩ ହୋଇଥିବା ତଥା ଭାରତୀୟ ଗଣନା କାରୀ ମାନେ ୧୯୭ କୋଟି ବର୍ଷର କାଳଗଣନା ପଦ୍ଧତିକୁ ସୁରକ୍ଷୀତ ରଖିବା ପାଇଁ ସେକେଣ୍ଡର ଅତି ସୁକ୍ଷ୍ମାତି ସୂକ୍ଷ୍ମ ବିଭାଜନ ଠାରୁ ଆରମ୍ଭ କରି ଯୁଗ, ମହାଯୁଗ, ମନୁ, କଳ୍ପ ଭଳି ବିଶାଳ ଗାଣିତିକ ସଙ୍କେତକୁ ବ୍ୟବହାର କରି ଯୁଗ ମାଧ୍ୟମରେ ଭାରତୀୟ ମାନେ ପ୍ରଥମେ କାଳ ଗଣନାର ପଦ୍ଧତି ଆରମ୍ଭ କରି, କଳି ଯୁଗର ବୟସ ୪୩୨୦୦୦ ବର୍ଷ, ଦ୍ୱାପର ଯୁଗ କଳିର ତିନିଗୁଣ ଅର୍ଥାତ ୮୬୪୦୦୦ ବର୍ଷ, ତ୍ରେତୟା କଳିର ତିନିଗୁଣ ଅର୍ଥାତ ୧୨୯୬୦୦୦ ବର୍ଷ, ସତ୍ୟ କଳିର ୪ ଗୁଣ ଅର୍ଥାତ ୧୭୨୮୦୦୦ ବର୍ଷ, ଚାରିଯୁଗ ସମାହାରରେ ଏକ ମହାଯୁଗ ଏବଂ ୧୦୦୦ ମହାଯୁଗର ସମାହାରରେ ଏକ କଳ୍ପ ବୋଲି ଭାରତୀୟ ଗଣନାକାରୀ ମାନେ ଗଣନା କରି ସତ୍ୟ, ତ୍ରେତୟା, ଦ୍ୱାପର ପରେ ମହାକାଳ ଚୈତ୍ର ଶୁକ୍ଳ ପ୍ରତିପଦା( ୨ ଅପ୍ରିଲ ୨୦୨୨ ) ଦିନ ବୈବଶ୍ୱତ ମନ୍ୱନ୍ତର କଳିଯୁଗର ୫୧୨୪ ବର୍ଷରେ ପ୍ରବେଶ କରିବା ସମ୍ପର୍କରେ ମତ ରଖିଥିଲେ ।

ଭାରତ ବିକାଶ ପରିଷଦ ର ରାଷ୍ଟ୍ରୀୟ ମହାସଚିବ (ପୂର୍ବକ୍ଷେତ୍ର ) ଶ୍ରୀଯୁକ୍ତ ପୂର୍ଣ ଚନ୍ଦ୍ର ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାଳ ଗଣନାର ପଦ୍ଧତିକୁ ପ୍ରାରମ୍ଭ କରି ଦୀର୍ଘ ୧୯୭ କୋଟି ବର୍ଷ ଧରି ସୁରକ୍ଷିତ ରଖି ସାରା ପୃଥିବୀକୁ ନିର୍ଭୁଲ ଗଣନାର ସୂଚନା ଦେଉଥିବା ଭାରତୀୟ କାଳ ଗଣନା ପଦ୍ଧତି ଅନୁଯାୟୀ ଭାରତୀୟ ମାନେ ଚୈତ୍ର ଶୁକ୍ଳ ପ୍ରତିପଦା ତିଥିରେ ଭାରତୀୟ ହିନ୍ଦୁ ନବବର୍ଷ ପାଳନ କରିବାକୁ ଆହ୍ୱାନ କରିଥିଲେ ।

ଏହି ଅବସରରେ ନୂତନ ରାଷ୍ଟ୍ରିୟ ମହାସଚିବ ( ପୂର୍ବ କ୍ଷେତ୍ର)ଦାୟିତ୍ୱ ଗ୍ରହଣ କରିଥିବାରୁ ବରିଷ୍ଠ ସଦସ୍ୟ କୃଷ୍ଣ ଚନ୍ଦ୍ର ରଥଙ୍କ ଦ୍ୱାରା ଶ୍ରୀ ଖୁଂଟିଆଙ୍କୁ ସମ୍ୱର୍ଦ୍ଧିତ କରାଯାଇଥିଲା ।

ସଭା ପ୍ରାରମ୍ଭରେ ବନ୍ଦେ ମାତରଂ, ଶେଷ ରେ ଜାତୀୟ ସଙ୍ଗୀତ ଜନ ଗଣ ମନ ଏବଂ ପରିଶେଷରେ ସମୂହ ହନୁମାନ ଚାଳିଶା ପାଠ କରାଯାଇଥିଲା । ପରିଶେଷରେ ପିତାମ୍ବର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀମତୀ ସୁପ୍ରିତି ରଥ, ମୋନାଲିସା ପଟନାୟକ, ମୀରା ମହାରଣା, ମମତା ପାତ୍ର, ରାମ ଚନ୍ଦ୍ର ଦଳାଇ, ଜଗଦୀଶ ଆଚାର୍ଯ୍ୟ, ଲାଲା ଅନନ୍ତ କୁମାର ସିଂ, ସୌମେନ୍ଦ୍ର ଦାସ, ଗଣେଶ୍ୱର ମହାସୁଆର, ଗୌରାଙ୍ଗ ପ୍ରସନ୍ନ ମିଶ୍ର, କିଶୋର ପାତ୍ର, ହରିହର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ଏକାଦଶ ମହାସଭା ପ୍ରଥମ ଅଧିବେଶନ ଆରମ୍ଭ

ନୂଆପଡ଼ା, ୦୪/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ସଂସ୍କୃତି ସମ୍ପର୍ଣ୍ଣ କାସିପଲା ଗ୍ରାମ ଠାରେ ରବିବାର ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ର ପ୍ରଥମ ଅଧିବେଶନ ଆରମ୍ଭ ହୋଇଯାଇଛି । ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ର କୁଳପତି ବିଜୟ ପ୍ରତାପ ସିଂ ମହାରଥୀ ଅଧକ୍ଷତା କରିଥିବା ବେଳେ ଉପକୁଳପତି ଡିଜଲେଶ୍ୱର ବାରିକ ,ମୁଖ୍ୟ ସମ୍ପାଦକ ବୃନ୍ଦାବନ ବାରିକ, ସହ ସମ୍ପାଦକ ସହଦ୍ୱେ ରାଉତ,ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ମାଝୀ, କୋଷାଧକ୍ଷ ଲୋକନାଥ ବାରିକ, ସଂଗଠକ ଅନୀଲ କୁମାର ଦଣ୍ଡସେନା ଙ୍କ ସମେତ ପରାମର୍ଶ ଦାତା ଜିତେନ୍ଦ୍ର ସିଂ ବାରିକ, କେତନ ସିଂ ବାରିକ ,ଅଶ୍ୱନୀ ପ୍ରଧାନୀ, ଶୈଳେନ୍ଦ୍ର ବାରିକ, ବିଦ୍ୟାଧର ବିଶି, ଦେବ ସିଂ ନାଏକ , ଜ୍ଞାନ ସିଂ , ମହେଶ୍ୱର ପ୍ରସାଦ ବାରିକ, ହୁକୁମ ବାରିକ, ଖରତ ଚନ୍ଦ୍ର ବାରିକ, କାସିପଲା ଗ୍ରାମର ବରିଷ୍ଠ ସମାଜସେବୀ ଲବଣେଶ୍ୱର ବାଟିକ, ନନ୍ଦଲାଲ ବାରିକ, କାସିପଲା ଅଂଚଳ ସମ୍ପାଦକ ଅଶୋକ କୁମାର ବାରିକ ଏକାଦଶ ମାହାସଭାରେ ମଂଚ ଆସିନ ଥିଲେ । ପ୍ରଥମ ଅଧିବେଶନ ସମାଜର ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା । ଦ୍ୱିତୀୟ ଅଧିବେଶନ ରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ର କୁଳପତି ଓ ମୁଖ୍ୟ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ତଥା ଖଡ଼ିଆଳ ପାଟଣା କ୍ଷତ୍ରିୟ ସାମକର ବରିଷ୍ଠ କର୍ମକର୍ତା ବିଭୁଦତ ଚଳାନ ପ୍ରକାଶ କରିଛନ୍ତି । ଦ୍ୱିତୀୟ ଅଧିବେଶନ ରେ କୁଳପତି ଓ ମୁଖ୍ୟ ସମ୍ପାଦକ ନିର୍ବାଚନ ହେବା ପରେ ଆଗାମୀ କେନ୍ଦ୍ର ବୈଠକରେ ଅନ୍ୟାନ୍ୟ ପରିଷଦ ଓ ପରାମର୍ଶ ଦାତା ଚୟନ ହେବ ବୋଲି ପ୍ରକାଶ କରିଛନ୍ତି । ସୂଚନା ଥାଉକି ଏହି ଏକାଦଶ ମାହାସଭା ରେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ ର ୨୮ ଗୋଟି ଅଂଚଳରୁ ୭ ଜଣ ଲେଖାଏଁ ୧୯୬ ଜଣ ସଦସ୍ୟ ଙ୍କ ସମେତ ଶତାଧିକ ନିମନ୍ତ୍ରିତ ଅତିଥି ଯୋଗଦାନ କରିଥିଲେ । କାସିପଲା କ୍ଷତ୍ରିୟ ଅଂଚଳ ର ସମସ୍ତ କ୍ଷତ୍ରିୟ ପୁରୁଷ ଓ ମହିଳା ଯୋଗଦାନ କରିଥିଲେ ।

# ଗୋଛାପଡା ଥାନା ଅଂଚଳରୁ ୩୭୫ କିଗ୍ରା ଗଞ୍ଜେଇ ଜବତ : ୨ ଗିରଫ, ଜଣେ ଫେରାର୍

କନ୍ଧମାଳ,୦୪/୦୪ (ନି.ପ୍ର): କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ଅନ୍ତର୍ଗତ କେରେଙ୍ଗାଲି ଛକ ନିକଟରେ ବାହାର ଜିଲ୍ଲାକୁ ଚାଲାଣ ପାଇଁ ଗଛିତ ରଖାଯାଇ ପ୍ରସ୍ତୁତି ଚାଲିଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଗୋଛାପଡା ଥାନା ଅଧିକାରୀ ରଞ୍ଜିତ କୁମାର ମୁନିଙ୍କ ନେତୃତ୍ୱରେ ଚଢଉ କରି ୩୭୫ କିଗ୍ରା ଗଞ୍ଜେଇ ଜବତ କରାଯାଇଛି । ଏହି ଚାଲାଣ କାର୍ଯ୍ୟରେ ଲିପ୍ତ ଥିବା ଦୁଇ ଜଣ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଛି । ସୂଚନା ଅନୁଯାୟୀ, ଶନିବାର ସକାଳ ପ୍ରାୟ ୯ଟା ୪୦ ମିନିଟ୍ ସମୟରେ କେରେଙ୍ଗାଲି ଛକ ନିକଟରେ କିଛି ବ୍ୟକ୍ତି କନ୍ଧମାଳରୁ ବାହାର ଜିଲ୍ଲାକୁ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ କରିବାକୁ ୭ ଟି ପ୍ଲାଷ୍ଟିକ ବସ୍ତାରେ ଗୋଟିଏ ନିକାଟଂନ ଯାଗାରେ ଠୁଳ କରିଥିବା ଖବର ପାଇ ଗୋଛାପଡା ଥାନା ପୋଲିସ ସେଠାରେ ଚଢଉ କରିଥିଲା । ଏହି ଗଞ୍ଜେଇ ଚାଲାଣ କାର୍ଯ୍ୟରେ ଲିପ୍ତ ଥିବା କେରେଙ୍ଗାଲି ଅଂଚଳର ବିଶ୍ୱନାଥ ରଣା (୩୦) ଓ ବସନ୍ତ ଦିଗାଲ (୫୨) ନାମକ ଦୁଇ ଜଣଙ୍କୁ ଗିରଫ କରିଛି ପୋଲିସ୍ । ପୋଲିସ ଚଢଉ କରିବା ସୂଚନା ପାଇ ସେମାନଙ୍କ ମଧ୍ୟରୁ ଜଣେ ସେଠାରୁ ଫେରାର ହୋଇଯାଇଛି । ଏ ସଂକ୍ରାନ୍ତରେ ଗୋଛାପଡା ଥାନାରେ ଏକ ମାମଲା ୪୨/୨୨ ରୁଜୁ କରି ଗିରଫ ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟ ଚାଲାଣ କରିଛି ପୋଲିସ । ତେବେ ଫେରାର୍ ମାଫିଆ ଜଣକ ଶିଘ୍ର ଧରା ପଡିବ ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି ।

## ଲକ୍ଷାଧିକ ଟଙ୍କାର ମହୁଲ ଫୁଲ ଜବତ : ଜଣେ ଗିରଫ

ଜୟପୁର,୦୪/୦୪ (ନି.ପ୍ର): ବାହାର ରାଜ୍ୟକୁ ଚାଲାଣ ବେଳେ ଲକ୍ଷାଧିକ ଟଙ୍କାର ମହୁଲ ଫୁଲକୁ ଜୟପୁର ଅବକାରୀ ବିଭାଗ ଜଗତ କରିଛି । ଏହି ମାମଲାରେ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲା ସୁବ ଭତ୍ରା । ବାଗଦେରିରୁ ଏକ ୬ ଚକିଆ ମିନି ଟ୍ରକରୁ ଛତିଶଗଡର ଜଗଦଲପୁରକୁ ମହୁଲ ଫୁଲ ଚାଲାଣ ହେଉଥିବା ବେଳେ ଜୟପୁର ଅବକାରି ବିଭାଗ ପଣ୍ଡ କରିଛି । ମହୁଲ ଫୁଲ ଦେଶି ମଦ ପ୍ରସ୍ତୁତ ହେବାକୁ ଯାଉଥିଲା । ଏନେଇ ଜୟପୁର ଅବକାରୀ ନିରିକ୍ଷକ ଦୁର୍ବା ଦଳ ବିଶ୍ୱାଳ ଓ ସଞ୍ଜୟ କୁମାର ତାଣ୍ଡି ସୁଚନା ପାଇ ଚଢାଉ କରିଥିଲେ । ଟ୍ରକ ଓ ମହୁଲ ଫୁଲକୁ ଜବତ କରିଛନ୍ତି । ଜବତ ମହୁଲ ଫୁଲର ଆନୁମାନିକ ମୁଲ୍ୟ ୨ ଲକ୍ଷ ୮୨ ହଜାର ଟଙ୍କା ହେବ । ଗିରଫ ଅଭିଯୁକ୍ତ ସୁବ ଭତ୍ରାକୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ବିଭାଗ ପକ୍ଷରୁ ସୁଚନା ଦିଆ ଯାଇଛି ।

# କୁରୁଳଠାରେ ମାଗଣା ଆୟୁର୍ବେଦିକ ଚିକିତ୍ସା ଶିବିର

ବଲାଙ୍ଗିର, ୦୪/୦୪ (ନି.ପ୍ର): ପୁଇଁନ୍ତଲା ବ୍ଲକ ଅନ୍ତର୍ଗତ କୁରୁଲ ରାମଜୀ ହାଇସ୍କୁଲଠାରେ ସରକାରୀ ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ତଥା ଜାତୀୟ ଆୟୁଷ ମିଶନ, ଆୟୁଷ ନିର୍ଦ୍ଦେଶାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡିଶା ତରଫରୁ ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମା' ଏବଂ ଶିଶୁମାନଙ୍କର ରକ୍ତହୀନତା ପ୍ରତିରୋଧ ଏବଂ ପରିଚାଳନା ପାଇଁ ନିଶୁଳ୍କ ଆୟୁର୍ବେଦ ସ୍ୱାସ୍ଥ୍ୟ ଶିବିର- ପୋଷଣ ଅଭିଯାନ-୨୦୨୨ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ବଲାଙ୍ଗିର ଆୟୁର୍ବେଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ଦାସ ଉଦ୍‌ଘାଟନ କରିଥିଲେ । ଶିବିରର ପ୍ରାରମ୍ଭରେ ଆୟୋଜିତ ସ୍ୱାସ୍ଥ୍ୟ ସଚେତନତା ସଭାରେ ଅଧ୍ୟକ୍ଷ ଡ. ଦାସ ବିଭିନ୍ନ ରୋଗର ନିରାକରଣ ଏବଂ ଔଷଧ ସେବନ ସମ୍ପର୍କରେ ସଚେତନ କରାଇବା ସହ ଗର୍ଭବତୀ, ସ୍ତନ୍ୟପାନ କରାଉଥିବା ମା' ମାନଙ୍କୁ ନିଜ ସ୍ୱାସ୍ଥ୍ୟର ବିଶେଷ ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ । କୁରୁଲ ସରପଂଚ ଅନିତା ସେଠ, ସମାଜସେବୀ ମାନସିଂ ସେଠ, ଡ. ସିମାଦ୍ରି ଭୂଷଣ ନାୟକ, ଡ. ଗଣେଷ ମେହେର ପ୍ରମୁଖ ମଂଚାସୀନ ଥିଲେ । ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ଡ. ସୀମାଦ୍ରି ଭୂଷଣ ନାୟକ, ଡ. ତନୁ ଚନ୍ଦ୍ର ମରାଇ, ଡ. ଗଣେଷ ମେହେର, ଡ. ଅମ୍ବୁଜ ବିଶ୍ୱାଳ, ଡ. ସୁଧା ଦଣ୍ଡସେନା, ଡ. ଜ୍ୟୋତି ରଞ୍ଜନ ମେହେର, ଡ. ମନୋରଞ୍ଜନ ସାହୁ, ଡ. ସ୍ନେହଲତା ପଧାନଙ୍କ ସମେତ ୧୦ ଜଣ ସ୍ନାତୋକତର ଡାକ୍ତର ଓ ହାଉସ ସର୍ଜନ ଡ. ଭବାନୀ ଶଙ୍କର ପାଣିଗ୍ରାହୀ, ଡ. ସୁଦିପ୍ତ ବେଜ, ଡ. ରୋଶନ କୁମାର ଦାଶ, ଡ. ଆଶିଷ କୁମାର ମୋଧା, ଡ. ହିମାଂଶୁ ପ୍ରଧାନ, ଡ. ସନ୍ତୋଷ କୁମାର ଧଳ, ଡ. ସତ୍ୟପୀର ମହାରଣା, ଡ. ସଂଗ୍ରାମ କେଶରୀ ସ୍ୱାଇଁ, ଶେଷ ବର୍ଷର ଛାତ୍ର ନିତେଶ ପାଣ୍ଡେ ଓ ସତ୍ୟମ ବେଉରା ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଶିବିରରେ ରକ୍ତ ସର୍କରା ପରୀକ୍ଷା, ହାଡ ସାନ୍ଦ୍ରତା ପରୀକ୍ଷା ଏବଂ ରକ୍ତହୀନତା ପାଇଁ ହିମୋଗ୍ଲୋବିନ ପରୀକ୍ଷା ମାଗଣା କରାଯିବା ସହ ସମସ୍ତ ରୋଗର ଚିକିତ୍ସା ପାଇଁ ନିଶୁଳ୍କ ଔଷଧ ବଂଟନ କରାଯାଇଥିଲା । କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କୁରୁଲ ପଂଚାୟତର ଆଶା କର୍ମୀ ମାନଙ୍କର ଉତମ ସ୍ୱାସ୍ଥ୍ୟ ସେବା ଯୋଗୁଁ କୁରୁଲ ଗ୍ରାମ ପଂଚାୟତକୁ ଉତମ ସେବା ପୁରସ୍କାର ମିଳିଥିବାରୁ ପୁଇଁନ୍ତଲା ବ୍ଲକ ଚେୟାରମେନ୍ ସରୋଜ କୁମାର ପ୍ରଧାନ ଓ ଭାଇସ ଚେୟାରମେନ୍ ନିରିମା ଅମାତ ଯୋଗ ଦେଇ ୬ ଜଣ ଆଶାକର୍ମୀ ସଂଯୁକ୍ତା ରାଉତ, ସଞ୍ଜିତା ପଟେଲ, ସବିତା ସେଠ, ରଶ୍ମୀତା ପଟେଲ, ମୀନା ପଟେଲ, ଉମା ସୁନା ଏବଂ ୬ ଜଣ ଅଙ୍ଗନୱାଡି କର୍ମୀ ରଶ୍ମୀତା ରାଏ, ଯୋଗଜନ୍ମା ସେଠ, ରାଜେଶ୍ୱରୀ ନାଗ, ପୁଷ୍ପଲତା ପଟେଲ, ପୁଷ୍ପଲତା ଦେଇ, ଗୀତାଞ୍ଜଳୀ ନାଗ ତଥା ଗାଁ କଲ୍ୟାଣ ସମିତିର ସଦସ୍ୟ ମାନଙ୍କୁ ସମ୍ୱର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଏକାଦଶୀଆ ବାଗ, ସୁଧୀର ନାଗ, ଅସୀତ ପଟ୍ଟନାୟକ, ଅଶ୍ୱିନୀ ନାଏକ, ସନ୍ତୋଷ ପଟେଲ, ସୁଦାମ ଚରଣ ପଟେଲ, ମାନସିଂ ସେଠ ଓ ଶୁକଦେବ ପଟେଲ । ଏହି ଶିବିରରେ କୁରୁଲ ଗ୍ରାମ ପଂଚାୟତ ତଥା ଆଖପାଖ ଗ୍ରାମାଂଚଳରୁ ପ୍ରାୟ ୫୦୦ରୁ ଅଧିକ ରୋଗୀ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଶୁଳ୍କରେ ଔଷଧ ନେଇଥିଲେ ।

## କ୍ଷୁଦ୍ର ଜଳସେଚନ ବିଭାଗର ସେବା ନିବୃତି ବିଦାୟ ସମ୍ୱର୍ଦ୍ଧନା

ବଲାଙ୍ଗୀର ,୦୪/୦୪ (ନି.ପ୍ର): କ୍ଷୁଦ୍ର ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ବିଜୟ କୁମାର ପରିଡାଙ୍କୁ ଅବସରକାଳୀନ ବିଦାୟ ସମ୍ୱର୍ଦ୍ଧନା ଦିଆଯାଇଛି । ଏହି ଉପଲକ୍ଷେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ନିର୍ବାହୀଯନ୍ତ୍ରୀ ରବି ରଥ ବିଭାଗୀୟ ଗୁରୁ ଦାୟିତ୍ୱ ହାତକୁ ନେଇଛନ୍ତି । ଅବସରକାଳୀନ ସମ୍ୱର୍ଦ୍ଧନା ଉତ୍ସବ ଏବଂ ନୂତନ ଦାୟିତ୍ୱ ଗ୍ରହଣ ଉତ୍ସବରେ ବିଭାଗୀୟ ମୁଖ୍ୟ କିରାଣୀ ପ୍ରଦୀପ କୁମାର ଭୋଇ ପୌରହିତ୍ୟ କରି ବିଭାଗୀୟ ଯନ୍ତ୍ରୀ ଦ୍ୱୟଙ୍କୁ ଉପଢୌକନ ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କ କାର୍ଯ୍ୟ ପଦ୍ଧତିର ସ୍ମୃତି ଚାରଣ କରିଥିଲେ । ସମ୍ମାନୀୟ ଅତିଥି ଅଧିକ୍ଷଣ ଯନ୍ତ୍ରୀ କନ୍ଦର୍ପ ପଧାନ ନବନିଯୁକ୍ତି ଓ ସେବା ନିବୃତି ଯନ୍ତ୍ରୀ ଦ୍ୱୟଙ୍କୁ ସମ୍ୱର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମାନଭଞ୍ଜନ ଶତପଥି, ବଚନଲାଲ ସାହୁ, ଅରବିନ୍ଦ ପ୍ରଧାନ, ନବିନ ପ୍ରଧାନ, ଦୟାନିଧି ପୁରୋହିତ, ସନ୍ତୋଷିବାଳା ସାହୁ, ଜାହିଦା ନିଶା ବେଗମ୍, ଲଳିନ୍ଦ୍ର ବେହେରା, ପ୍ରଦ୍ୟୁମ୍ନ ମେହେର, ତ୍ରିଲୋଚନ ବେହେରା ପ୍ରମୁଖ ବିଭାଗୀୟ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

# ପୁରୀରୁ ୧୧ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ : ଜଣେ ନାବାଳକ ସମେତ ୨ ଗିରଫ

ପୁରୀ,୦୪/୦୪ (ନି.ପ୍ର): ପୁରୀରୁ ପୁଣି ବ୍ରାଉନସୁଗାର ଜବତ ହୋଇଛି । ସୂଚନା ଅନୁସାରେ ଏସଟିଏଫ୍ ଟିମ୍ ଓ ବାସେଳିସାହି ପୁଲିସ୍ ଦ୍ୱାରା ୧୧୦ ଗ୍ରାମ ବ୍ରାଉନ୍ ସୁଗାର ଜବତ କରାଯାଇଛି । ୧୧ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି । ଏହି ମାମଲାରେ ୨ଜଣଙ୍କୁ ଗିରଫ କରାଯାଇଥିବା ନେଇ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି । ଉଭୟଙ୍କ ମଧ୍ୟରେ ଜଣେ ନାବାଳକ ଥିବା ବି ଜଣାଯାଇଛି । ସାବାଳକ ଅଭିଯୁକ୍ତଙ୍କ ନାମ ସର୍ବେଶ୍ୱର ବେହେରା ବୋଲି ଜଣାଯାଇଛି । ଗତକଲି ସନ୍ଧ୍ୟା ସମୟରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ୧୧୦ ଗ୍ରାମ ବ୍ରାଉନସୁଗାର ୬ଟି ମୋବାଇଲ୍, ନଗଦ ୧୧ ହଜାର ଟଙ୍କା ଓ ଦୁଇଟି ଟୁ ହୁଇଲର ଜବତ ହୋଇଛି । ଆଜି ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ । ସୂଚନାଯୋଗ୍ୟ, ପୁରୀରୁ କିଛି ଦିନ ତଳେ ବିପୁଳ ପରିମାଣର ବ୍ରାଉନସୁଗାର ଜବତ ହୋଇଥିବାର ଖବର ମିଳିଥିଲା । ଏହି ମାମଲାରେ ୪ ଆନ୍ତଜିଲ୍ଲା ବେପାରୀଙ୍କୁ ବି ଗିରଫ କରାଯାଇଥିଲା । ସୂଚନା ଅନୁଯାୟୀ, ପୁରୀ ସହରର ବାସେଳି ଥାନାର ମାଟିତୋଟାରେ ଏସଟିଫ ଓ ପୁଲିସ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଥିଲା । ଘଟଣାସ୍ଥଳରୁ ୩୫୬.୬୬ ଗ୍ରାମ୍ ଓଜନର ବ୍ରାଉନସୁଗାର ଜବତ କରାଯାଇଥିଲା । ଏହାର ଆନୁମାନିକ ମୂଲ୍ୟ ୩୫ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଥିଲା । ଏହାଛଡ଼ା ସେଠାରୁ ୪ ଆନ୍ତଜିଲ୍ଲା ବେପାରୀ ଗିରଫ ହୋଇଥିଲେ । ଗିରଫ ଅଭିଯୁକ୍ତମାନେ ହେଲେ ଫିରୋଜ ଖାନ୍, ପପୁ ପାଣ୍ଡେ, ଶେଖ୍ ଇଫତଖର୍ ଟୁଲ୍ଲା ଓ ଦୀପ୍ତି ରଂଜନ ଭୁଜବଳ । ସେମାନଙ୍କଠାରୁ ୩ଟି ଦୁଇଚକିଆ ଯାନ, ୪ଟି ମୋବାଇଲ୍ ଫୋନ୍, ଗୋଟିଏ ଓଜନ ମେସିନ୍ ଓ ନଗଦ ୧୭ ହଜାର ଟଙ୍କା ଜବତ କରାଯାଇଥିଲା ।

# କର୍କଟରୋଗୀଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ କଲେ ମାହାଙ୍ଗା ମିଡିଆ ପରିବାର ସଦସ୍ୟ

ସାଲେପୁର,୦୪/୦୪ (ନି.ପ୍ର): ଧର୍ମଭୂମି, କର୍ମଭୂମି, ପୂଣ୍ୟଭୂମି ଭାରତ ଆମଧରା ଶସ୍ୟଶ୍ୟାମଳାରେ ପରିପୂର୍ଣ୍ଣ କୀଟପତଙ୍ଗ ସରୀସୃପ ଏପରିକି ମାନବସମାଜ ମଧ୍ୟ ସ୍ନେହ ଓ ଭଲ ପାଇବାରେ ବନ୍ଧା । ଅନ୍ୟ ପାଇଁ କିଛି କରିବା ସେବାର ମନବୃତି ନେଇ ଆଗେଇ ଚାଲିବା ଭାରତ ଭୂଖଣ୍ଡରେ ଜନ୍ମିତ ସମସ୍ତ ଜୀବଜଗତର ଇଚ୍ଛା । ସୃଷ୍ଟିରେ ଯେତେ ଜୀବଜନ୍ତୁ ଅଛନ୍ତି ତନ୍ମଧ୍ୟରୁ ମଣିଷ ହେଉଛି ଶ୍ରେଷ୍ଠ ଜୀବ । ଜୀବନ ଓ ଜୀବିକାକୁ ପାଥେୟ କରି ଏକ ଭିନ୍ନ ଢଙ୍ଗରେ କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀର ମିଡିଆ ପରିବାରର ସଭାପତି ସପ୍ତଜ୍ୟୋତି ରାଉଳ ରକ୍ତଦାନ କେବଳ ମହତ୍ ଦାନ ତାହା ନୁହେଁ, ତାହାଠାରୁ କାହିଁ ଉର୍ଦ୍ଧ୍ୱରେ ବୋଲି ଶ୍ରୀ ରାଉଳ ଆଜି ପ୍ରମାଣ କରି ଦେଖାଇଛନ୍ତି ।

ସୂଚନାମୁତାବକ, ଶ୍ରୀ ରାଉଳ ପୂର୍ବରୁ ବହୁବାର ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇଛନ୍ତି । ଏପରିକି ନିଜେ ରକ୍ତଦାନ କରିବା ନିମନ୍ତେ ସେ ସାମାଜିକ ଗଣମାଧ୍ୟମକୁ ଆପଣାଇ ସେଥିରେ ଖବର ପ୍ରସାରଣ କରିଥିଲେ । ସେହି ସାମାଜିକ ଗଣମାଧ୍ୟମରୁ ଖବର ପାଇ ଏକ ବୃଦ୍ଧା ଯାହାଙ୍କ ନାମ ରମାମଣି ମହାପାତ୍ର ସୁଦୁର ପୁରୀ ଜିଲ୍ଲା ଅନ୍ତର୍ଗତ ଡେଲାଙ୍ଗ ବ୍ଲକ ଅଂଚଳର ସେ କର୍କଟରୋଗ ଭଳି ଏକ ମାରାତ୍ମକ ରୋଗରେ ପୀଡିତ ଥିବା ତାଙ୍କର ସଂପର୍କୀୟ ଶ୍ରୀ ରାଉଳଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ । କଟକ ବଡ ଡାକ୍ତରଖାନା ଆଚାର୍ଯ୍ୟ ହରିହର କର୍କଟ ରୋଗ ଚିକିତ୍ସାକେନ୍ଦ୍ରରେ ଶ୍ରୀ ରାଉଳ ଭେଟ କରି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ସବୁଠାରୁ ବଡକଥା ହେଲା ସାମ୍ବାଦିକ ଶ୍ରୀ ରାଉଳ ଟେଲିଫୋନ୍ ମାଧ୍ୟମରେ ଖବର ପାଇବା କ୍ଷଣି ନିଜ ବାସଭବନ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଆପିଲୋ ଗ୍ରାମରୁ ବାହାରି ପ୍ରାୟ ୫୦ କି.ମି. ଦୂର କଟକ ବଡଡାକ୍ତରଖାନାରେ ପହଂଚି ନିସ୍ୱାର୍ଥପର ଭାବେ ସାହାଯ୍ୟ କରିଥିଲେ । ତାଙ୍କ ସହିତ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ମିଡିଆ ପରିବାରର ସଂପାଦକ କଳ୍ପତରୁ ନାୟକ, କାର୍ଯ୍ୟକର୍ତା ଜୀବେନ୍ଦୁ ମଲ୍ଲିକ, ଅଶୋକ କୁମାର ସାହୁ, ଦିଲ୍ଲୀପ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



# ରୋଷେଇ ଘରେ କ'ଣ, କେଉଁଠି

**ବାସ୍ତୁ ଶାସ୍ତ୍ର ଅନୁସାରେ ରୋଷେଇ ଘର କାନ୍ଥରେ କଳା ରଙ୍ଗ ଆଦୌ ଗହଣୀୟ ନୁହେଁ । ହଳଦୀ, ଗୋଲାପି, ଚକୋଲେଟ, ମାଟିଆ, ସବୁଜ, କମଳା ଆଦ ରଙ୍ଗ କାନ୍ଥରେ ବ୍ୟବହାର କରାଗଲେ ଭଲ ।**

ରୋଷେଇ ଘର ଘରର ଏକ ଅନ୍ତର୍ନିହିତ ଅଂଶ ଅଟେ । କିନ୍ତୁ ଅନେକ ସମୟରେ ଦେଖାଯାଏ ରୋଷେଇ ଘର ପାଇଁ ଅନେକ ବାଧା ବିଘ୍ନ ଉପୁଜିଥାଏ । ଏହାର ନିରାକରଣ କରାନଗଲେ ପରିବାରର ଅନେକ କ୍ଷତି ହେବା ସହିତ ସବୁ କାର୍ଯ୍ୟରେ ବାଧାବିଘ୍ନ ଉପୁଜିଥାଏ । ବାସ୍ତୁଶାସ୍ତ୍ର ନିୟମାନୁସାରେ ରୋଷେଇ ଘର ତିଆରି କରିବା ପୂର୍ବରୁ କିଛି ପନ୍ଥା ଅନୁସରଣ କରିବା ନିତ୍ୟାନ୍ତ ଆବଶ୍ୟକ । ଆସନ୍ତୁ ଜାଣିବା କଣ କରିବା ଉଚିତ୍ କଣ କରିବା ଅନୁଚିତ୍

**କେଉଁଠି ରହିବା ଉଚିତ୍:**
ଘରର ଦକ୍ଷିଣ କିମ୍ବା ପୂର୍ବ କୋଣରେ ରୋଷଇେ ଘର ରହିବା ଉଚିତ୍ । ଯଦି ନଥାଏ ଅନ୍ୟ ଉପାୟ ମଧ ଅଛି । ଉତ୍ତର ପଶ୍ଚିମ କୋଣରେ ତିଆରି ବି ହୋଇପାରିବ । ଦକ୍ଷିଣ ପୂର୍ବ କୋଣରେ ଥିଲେ ଅଗ୍ନି ବିଧି ଅନୁସାରେ ନିର୍ଗତ ହୋଇଥାଏ । ଏହି କାରଣରୁ ଏହା ହେଉଛି ଏକ ସଫଳ ଉପାୟ ରୋଷେଇ ଘର ନିର୍ମାଣ କରିବାରେ ।

**ଗ୍ୟାସ୍, ଷ୍ଟୋଭ କେଉଁଠି ରହିବା ଉଚିତ୍:**
ରୋଷେଇ ଘରେ ନିତ୍ୟାନ୍ତ ଆବଶ୍ୟକତା ଥାଏ ଗ୍ୟାସ୍ ଓ ଷ୍ଟୋଭର ଏଣୁ ଏହା ମଧ ନିର୍ଦ୍ଧାରିତ ସ୍ଥାନରେ ରହିବା ଉଚିତ୍ । ବାସ୍ତୁ ଶାସ୍ତ୍ର ନିୟମାନୁସାରେ ଗ୍ୟାସ୍ ଓ ଷ୍ଟୋଭ ଦିଣ ଓ ପୂର୍ବ କୋଣରେ ରହିବା ଉଚିତ୍ । ଏଣୁ ମହିଳାମାନେ ପୂର୍ବ ଦିଗକୁ ମୁହଁ କରି ରୋଷେଇ କରିବା ଆବଶ୍ୟକ ।

**କେଉଁଠି ଟ୍ୟାପ୍ ରହିବା ଉଚିତ୍:**
ରୋଷେଇ ଘରେ ପାଣିର ପ୍ରଭାହ ହେବା ଫଳରେ ଆସବାପତ୍ରଗୁଡ଼ିକ ଓଦାହେବାର ସମ୍ଭାବନା ଥାଏ । ତେଣୁ କରି ଉତ୍ତର-ପୂର୍ବ ଦିଗକୁ ଗ୍ୟାସ୍ ଓ ଷ୍ଟୋଭର ଦୂରରେ ଟ୍ୟାପ୍ ରହିବା ଜରୁରୀ । କାରଣ ନିଆଁ ଓ ପାଣି ଉଭୟ ପରସ୍ପରର ବିକର୍ଷଣ କରିଥାନ୍ତି ।

**ରିଫ୍ରେଜେରେଟର କେଉଁଠି ରହିବା କଥା:**
ବାସ୍ତୁ ଶାସ୍ତ୍ର ନିୟମାନୁସାରେ ରୋଷେଇ ଘରେ ରିଫ୍ରେଜେରଟର ଦକ୍ଷିଣ - ପୂର୍ବ ଦିଗରେ ରହିବା ଉଚିତ୍ । ପ୍ରତିକୋଣରୁ କିଛି ପାଦ ଦୂରକୁ ଛାଡ଼ି ରିଫ୍ରେଜେରେଟର ରଖାଯାଇଥିଲେ ଭଲ । କିନ୍ତୁ ଉତ୍ତର-ପୂର୍ବ ଦିଗରେ ରଖାଯିବା ଆଦୌ ଉଚିତ୍ ନୁହେଁ ।

**ଏକ୍ସହାଉସ୍ ଫ୍ୟାନ୍ ଓ ଝର୍କା:**
ରୋଷେଇଘରେ ଝର୍କାର ଗୁରୁତ୍ୱ ନିହାତି ଥଶଏ । ହେଲେ ବାସ୍ତୁଶାସ୍ତ୍ର ଅନୁସାରେ ଗୋଟିଏ କିମ୍ବା ଦୁଇଟି ଝର୍କା ରୋଷେଇ ଘରେ ରହିବା ଜରୁରୀ । ରୋଷେଇ ଘର ଧୂଆଁ ବାହାରକୁ ଯିବା ପାଇଁ ଏକ୍ସହାଉସ ଫ୍ୟାନ ବି ଦରକାର ତେଣୁ ଝର୍କା ଓ ଫଙ୍ଖା ଉଭୟ ପୂର୍ବ ଦିଗକୁ ରହିଲେ ଭଲ । ଝର୍କା ଛୋଟ ହେଉ କି ବଡ଼ ପୂର୍ବ ଦିଗରେ ରହିଲେ କିଛି ସମୟ ଅନ୍ତରରେ ବାୟୁ ଚଳାଚଳ ହୋଇଥାଏ । ଏହା ମଧ୍ୟ ଦକ୍ଷିଣ କୋଣରେ ରହିପାରିବ ।

**ବିଦ୍ୟୁତ୍ ଉପକରଣର ସ୍ଥାନ:**
ଅତ୍ୟାଧୁନିକ ରୋଷେଇ ଘରେ ବିନା ବିଦ୍ୟୁତ୍ ଉପକରଣରେ ବିଲା ଖାଲି ଖାଲି ମନେ ହୋଇଥାଏ । ଚୁଲି, ସୂକ୍ଷ୍ମତରଙ୍ଗ, ତାପଜ ଶକ୍ତି ଇତ୍ୟାଦି ରହିଥାଏ । ଏହିସବୁ ଉପକରଣ ଦିଣ କିମ୍ବା ଦକ୍ଷିର ପୂର୍ବ କୋଣରୁ ରହିବା ଉଚିତ୍ । ଉତ୍ତର ପୂର୍ବ କୋଣରେ କଦାପି ଏହା ରହିବା କଥା ନୁହେଁ ।

**ଷ୍ଟୋରେଜର ସ୍ଥାନ:**
ରୋଷେଇ ଘରେ ଷ୍ଟୋରେଜର ସ୍ଥାନ ଅନନ୍ୟ । ତେଣୁ କରି ଆମେ ଖାଦ୍ୟ, ବାସନ, ଏହି ଷ୍ଟୋରେଜରେ ରଖିଥାଉ । ଏହି ଷ୍ଟୋରେଜର ଆଲମାରୀ ଦକ୍ଷିଣ କିମ୍ବା ପଶ୍ଚିମରେ ରହିବା ଆବଶ୍ୟକ । ଏହାକୁ ଉତ୍ତର କିମ୍ବା ପୂର୍ବ ପାର୍ଶ୍ୱରେ ତିଆରି କରିବା ଅନୁଚିତ୍ ।

**ଜଳପାତ୍ର ସ୍ଥାନ :**
ପିଇବା ପାଣି ଜଳ ପାତ୍ର କିମ୍ବା ମାଟିରେ ନିର୍ମିତ ସୁରେଇ, ମାଠିଆ, ଫିଲଟର ଆଦି ଉତ୍ତର ପୂର୍ବ ଦିଗରେ ରହିବା ଉଚିତ୍ ।

**ରୋଷେଇ ଘରର ରଙ୍ଗ:**
ବାସ୍ତୁ ଶାସ୍ତ୍ର ଅନୁସାରେ ରୋଷେଇ ଘର କାନ୍ଥରେ କଳା ରଙ୍ଗ ଆଦୌ ଗ୍ରହଣୀୟ ନୁହେଁ । ହଳଦୀ , ଗୋଲାପି, ଚକୋଲେଟ୍, ମାଟିଆ, ସବୁଜ, କମଳା ଆଦି ରଙ୍ଗ କାନ୍ଥରେ ବ୍ୟବହାର କରାଗଲେ ଭଏ ।

ଏହିସବୁ ବ୍ୟତୀତ ରୋଷେଇ ଘର ପାଚେରୀ ନିକଟ କିମ୍ବା ଟଏଲଟ୍, ବାର୍ଥରୁମ୍ ଗୃହର ସମ୍ପୂର୍ଣ୍ଣ ମହଲା ନିକଟରେ ରହିବା ଉଚିତ୍ ନୁହେଁ । ଏବଂ ବାର୍ଥରୁମ୍ କିମ୍ବା ଟଏଲଟ ତଳେ ମଧ ନିର୍ମାଣ କରାଯିବା ଅନୁଚିତ୍ ।

# ଗ୍ରୀଷ୍ମରେ ତ୍ୱଚାର ଉପଚାର

**ଖରାର ପ୍ରକୋପରେ ତ୍ୱଚା ମଳିନ ପଡ଼ିବା ଏକ ସ୍ୱାଭାବିକ ପ୍ରସଙ୍ଗ । ଏଣୁ ଘରୋଇ ଉପାୟରେ ତ୍ୱଚାର ଉପଚାର କରିବା ଶ୍ରେୟସ୍କର । ରୋଷେଶାଳାରେ ଥିବା ସମଗ୍ରୀ ଓ ଆମ ବଗିଚାର ଫୁଲ ଗଛରୁ ହିଁ ତ୍ୱଚାର ଉତ୍ତମ ଯତ୍ନ ନେଇହେବ ଯେପରି:**

ଖରାରେ ବାହାରିବା ପୂର୍ବରୁ ଅବା ସ୍ନାନ କରିବା ପୂର୍ବରୁ ମସୁରଡାଲି ଗୁଣ୍ଡରେ କଞ୍ଚାଖିର ଓ ଲେମ୍ବୁ ରସ ମିଶାଇ ତ୍ୱଚାରେ ୧୨-୧୫ ମିନିଟ୍ ଛାଡ଼ିଦିଅନ୍ତୁ । ପରେ ଏହାକୁ ଥଣ୍ଡା ପାଣିରେ ଧୋଇନେବେ । ନିୟମିତ ନ ହେଲେ ମଧ ସପ୍ତାହକୁ ଥରେ କିମ୍ବା ଦୁଇଥର ଏଇ ଉପାୟ କରନ୍ତୁ ।

ଗୋଲାପ ପାଖୁଡ଼ାକୁଚ ଆଣି ତାହାକୁ ବାଟି ଅଳ୍ପ କଞ୍ଚା ଖିର ମିଶାଇ ପ୍ୟାକ୍ ଭଳି ପୁରା ଶରୀରରେ ଲଗାନ୍ତୁ । ୧ଘଣ୍ଟା ପରେ ତ୍ୱଚା ଧୋଇନେବେ । ଏହା ତ୍ୱଚାର ଚମକ ଆଣିବାରେ ଏକ ସୁନ୍ଦର ପ୍ୟାକ୍ ।

ମହୁ ଓ ଗୋଲାପଜଳର ମିଶ୍ରଣକୁ ତ୍ୱଚାରେ ଲଗାଇ ୩୦ମିନିଟ୍ ପରେ ତ୍ୱଚାକୁ ନଖ ଉଷୁମ ପାଣିରେ ଧୋଇ ନେବେ । ନିୟମିତ ଭାବେ ଏପରି କଲେ ତ୍ୱଚାର ରଙ୍ଗ ସଫା ହେବା ସହ କୋମଳ ହୋଇଥାଏ ।

୧ବଡ଼ ଚାମଚ ମହୁ ଓ ସେଥିରେ ପେସ୍ତାବାଦାମ ଗୁଣ୍ଡ ମିଶାଇ ପ୍ୟାକ୍ ଭଳି ଲଗାଇବେ । ଏଇ ପ୍ୟାକ୍ ଶୁଖିଗଲା ପରେ ତାହାକୁ ଭଲଭାବେ ମାଲିସ୍ କରି ତ୍ୱଚା ଧୁଅନ୍ତୁ ।





# ଓଜନ ହ୍ରାସର ସହଜ ଉପାୟ ନୃତ୍ୟ

ନୃତ୍ୟ କଲେ ଓଜନ କମେ, ଏ କଥା ନୂଆ ନୁହେଁ । କିନ୍ତୁ ଖାସ୍ କଥା ହେଉଛି, ଅନେକ ଦେଶ ନୃତ୍ୟକୁ ବୃଢ ଭାବେ ଗ୍ରହଣ କରୁଛନ୍ତି । ନୃତ୍ୟ ଦ୍ୱାରା ଓଜନ କମାଇବାକୁ ଏବେ ବିଭିନ୍ନ ସଂସ୍ଥା ଖୋଲିଲାଣି । ନୃତ୍ୟ କଲେ ଶରୀର ସକ୍ରିୟ ହୁଏ । ମାଂସପେଶୀ ମଜବୁତ ହେବାସହ ରକ୍ତ ସଂଚାଳନ ଠିକ୍ ହୋଇଥାଏ । ଶରୀରରେ ଥିବା ଅତ୍ୟଧିକ ଚର୍ବି ହ୍ରାସ ହୋଇ ଝାଳ ରୂପେ ବାହରକୁ ଆସିଥାଏ । ଗବେଷକଙ୍କ ମତରେ, ନୃତ୍ୟ କଲେ ହୃଦ ସମସ୍ୟା ଦୂର ହେବା ସହ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ନୃତ୍ୟ ଦ୍ୱାରା ସାଧାରଣତଃ ହୃତସ୍ପନ୍ଦନରେ ଗତି ବଢ଼ିଥା, । ଏହି କାରଣରୁ ଦ୍ରୁତ ଗତିରେ ଶରୀରରେ ରକ୍ତ ସଂଚାଳନ ହୋଇଥାଏ । ଯାହା ଓଜନ ହ୍ରାସର ଆଉ ଏକ କାରଣ । ମାତ୍ର ବେଳେବେଳେ ହୃତସ୍ପନ୍ଦନ ଗତି ବୃଦ୍ଧି କ୍ଷତିକାରକ ହୋଇଥାଏ । ଏଥିପାଇଁ ବିଭିନ୍ନ ନୃତ୍ୟ ଶୈଳୀ ରହିଛି । ସେଗୁଡ଼ିକ ହେଲା, ହିପହପ୍, ବେଲି, ଜୁମ୍ବା ଓ ବଲିଉଡ୍ ଆଦି । ଲୋକଙ୍କ ସ୍ୱାସ୍ଥ୍ୟ ଓ ହୃତସ୍ପନ୍ଦନ ଗତିକୁ ଧ୍ୟାନରେ ରଖି ପ୍ରଶିକ୍ଷକମାନେ ନୃତ୍ୟ ଚୟନ କରି ତାଲିମ ଦେଉଛନ୍ତି ।

# ଡେଡ୍ ସ୍କିନ୍ ସେଲ୍ସରୁ ମୁକ୍ତି

୧ ଗାଧେଇବା ପାଣିରେ ଲମ୍ବୁରସ ମିଶାଇଲେ ତ୍ୱଚାକୁ ଡେଡ୍ ସ୍କିନ୍ ସେଲ୍ସ ହଟିଯାଇଥାଏ ।

୨ ସୈନ୍ଧବ ଲବଣ ପାଣିରେ ମିଶାଇ ଗାଧେଇବା ଦ୍ୱାରା ଦେହର ଅଶ୍ୱସ୍ତି ଓ ବ୍ୟଥା ଦୂର ହୋଇଥାଏ ।

୩ ଖଦଡ଼ ହୋଇଥିବା ବେସନକୁ ମୁହଁ ଓ ଦେହରେ ଲଗାଇ ଘଷିଲେ ଡେଡ୍ ସ୍କିନ୍ ସେଲ୍ସ ବାହାରି ଯାଇଥାନ୍ତି । ଏହା ଦ୍ୱାରା ତ୍ୱଚା ଚିକ୍କଣ ହୋଇଯାଏ ।



ଏହା ଯୋଗୁ ଅତ୍ୟଧିକ ଖରା ଯୋଗୁ ଶରୀରର ବାହାର ଭାଗକୁ କ୍ଷତି ହୋଇଥାଏ । ଯଦି ଆପଣ ୩୦ବର୍ଷ ପରେ ମଧ୍ୟ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି ତେବେ ଆପଣ ନିଜ ସ୍କିନର ଯତ୍ନ ନିଅନ୍ତୁ ।

**ତିରିଶ ବର୍ଷ ପରେ ବି:**
ଶରୀରରେ ତିରିଶ ବର୍ଷ ପରେ ପରିବର୍ତ୍ତନ ଆସିଥାଏ । ଆଖି ତଳେ କଳା ଦାଗ, ବ୍ରଣ ଓ ଅନ୍ୟାନ୍ୟ ଦାଗ କାରଣରୁ ଆପଣ ଅଧିକ ବୟସ୍କ ଦେଖାଯାଇଥାନ୍ତି । ସ୍କିନରେ ଦେଖାଯାଉଥିବା ଏହି ସମସ୍ୟା ଧୂଳି, ମାଟି ଓ ପ୍ରଦୂଷଣ ଆଦି କାରଣରୁ ହୋଇଥାଏ । ଏହା ବ୍ୟତୀତ ଅତ୍ୟଧିକ ଖରା ଯୋଗୁ ଶରୀରର ବାହାର ଭାଗକୁ କ୍ଷତି ହୋଇଥାଏ । ଯଦି ଆପଣ ୩୦ ବର୍ଷ ପରେ ମଧ୍ୟ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି ତେବେ ଆପଣ ନିଜ ସ୍କିନର ଯତ୍ନ ନିଅନ୍ତୁ ।

ତରଭୁଜର ଫେସ ପ୍ୟାକ୍ ଘରେ ତିଆରି କରି ଲଗାନ୍ତୁ ।

ଚମେଲୀ ଫୁଲକୁ ବିଉଟି ଟ୍ରିଟ୍ମେଣ୍ଟରେ ମଧ୍ୟ ବ୍ୟବହାର କରାଯାଏ ।

କଳା ଦାଗ, ବ୍ରଣ ଓ ଅନ୍ୟ ଦାଗର ସମସ୍ୟା ଦୂର କରିବା ପାଇଁ ସେ ସ୍ଥାନରେ ବରଫକୁ ଧୀରେଧୀରେ ଘଷନ୍ତୁ ।

ଏସବୁ ସମସ୍ୟା ଦୂର କରିବା ପାଇଁ ବେକିଙ୍ଗ ସୋଡ଼ାକୁ ଫେସ ପ୍ୟାକ୍ ମଧ କରି ବ୍ୟବହାର କରି ପାରିବେ ।

# ଆର୍ଥ୍ରାଇଟିସ୍



ଅଧିକାଂଶ ଲୋକେ ଅନେକ ସମୟରେ ଶରୀରରେ ଦରଜ ଓ ଯନ୍ତ୍ରଣା ଅନୁଭବ କରୁଥିବାର ନଜର ରହିଛି । ବେଳେ ସେମାନଙ୍କ ହାତ, କାନ୍ଧ ଓ ଆଣ୍ଠୁ ଫୁଲିଥିବାର ଦରଜ ଅନୁଭବ କରନ୍ତି । ସେମାନେ ହାତ ହଲେଇବାରେ କଷ୍ଟ ପାଇଥାନ୍ତି ।

ଆର୍ଥରାଇଟିସକୁ ଗଠିଆ ବାତ ମଧ୍ୟ କୁହାଯାଏ । ଏହା କେବଳ ବୟସ୍କମାନଙ୍କ କ୍ଷେତ୍ରରେ ସୀମିତ ନୁହେଁ । ଯୁବକ, ଯୁବତୀମାନେ ମଧ୍ୟ ଏହି ରୋଗର ଶୀକାର ହେଉଛନ୍ତି । ଏହାର ସବୁଠୁ ଅଧିକ ପ୍ରଭାବ ଆଣ୍ଠୁରେ ଓ ହାଡ଼ରେ ଦେଖାଯାଇଥାଏ । ଅଧିକାଂଶ ଲୋକେ ଅନେକ ସମୟରେ ଶରୀରରେ ଦରଜ ଓ ଯନ୍ତ୍ରଣା ଅନୁଭବ କରୁଥିବାର ନଜର ରହିଛି । ବେଳେବେଳେ ସେମାନଙ୍କ ହାତ, କାନ୍ଧ ଓ ଆଣ୍ଠୁ ଫୁଲିଥିବାର ଦରଜ ଅନୁଭବ କରନ୍ତି । ସେମାନେ ହାତ ହଲେଇବାରେ କଷ୍ଟ ପାଇଥାନ୍ତି । ଏହି ଲୋକଙ୍କୁ ଆର୍ଥରାଇଟିସ୍ ହେବାର ସମ୍ଭାବନା ଅଧିକ ପରିମାଣରେ ଥାଏ । ଢିକ୍ ସମୟରେ ଏହାର ଚିକିତ୍ସା ନ କଲେ ଏହି ରୋଗ ଏକ ବର୍ଷ ମଧରେ ଶରୀରର ଅନେକ କିଛି କ୍ଷତି କରିଥାଏ ।

# ମନ୍ଦିରରେ ଲାଗିହୁଏ ଗୋଟା ପିଆଜ



ଦୁଇ ସପ୍ତାହରେ ଏଠାରୁ ୫୦ ରୁ ୭୦ କ୍ୱିଣ୍ଟାଲ ମଧରେ ପିଆଜ ସଂଗ୍ରହ କରାଯାଇଥାଏ । ଦିଲ୍ଲୀ, ହରିଆନା, ଉତ୍ତରପ୍ରଦେଶ, ପଞ୍ଜାବ ଏବଂ ରାଜସ୍ଥାନର ହନୁମାନଗଡ଼ ଜିଲ୍ଲାସ୍ଥିତ ଦଦରେବା ଧାମରେ ଗୋଗାଜୀ ଏବଂ ଗୁରୁ ଗୋରଖନାଥ ମନ୍ଦିରରେ ପ୍ରସାଦରେ ଲାଗିହୁଏ ଗୋଟା ପିଆଜ। ଏହି ନୈବେଦ୍ୟ କେବଳ ଭାଦ୍ରବ ମାସରେ ଲାଗିହୁଏ । ଏହି ମନ୍ଦିରରେ ପିଆଜ ସହ ବୁଟ ଡାଲି ମଧ୍ୟ ଭୋଗ ପାଇ ହୋଇଯାଏ । ରକ୍ଷା ବନ୍ଧନ ପରଠାରୁ ଏହି ନୀତି ଚାଲେ । ଏହି ପରମ୍ପରା ଦୀର୍ଘ ବର୍ଷର । ଏହି ପରମ୍ପରା ଏତେ ଲୋକପ୍ରିୟ ଯେ, ଗୋଟିଏ ମାସ ଭିତରେ ପାଖାପାଖି ୪୦ ଲକ୍ଷ ଭକ୍ତ ଆସିଥାନ୍ତି ଏହି ମନ୍ଦିରକୁ । ସାଙ୍ଗରେ ଆଣିଥାନ୍ତି ବହୁତ ପିଆଜ । ଏକ ଗରନା ଅନୁସାରେ ପ୍ରାୟ ମଧ୍ୟପ୍ରଦେଶରୁ ପ୍ରାୟ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି । ଏହାକୁ ନେଇ ଏକ ରୋଚକ କିମ୍ବଦନ୍ତୀ ମଧ୍ୟ ରହିଛି, ତାହା ହେଲା ପ୍ରାୟ ଏକ ହଜାର ବର୍ଷ ପୂର୍ବରୁ ହନୁମାନଗଡ଼ ଜିଲ୍ଲାରେ ଗୋଗାମେଡୀ ପାଖରେ ଗୋଗାଜୀ ଏବଂ ମହମ୍ମଦ ଗଜନବିଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଗୋଗାଜୀ ଏହି ଯୁଦ୍ଧ ପାଇଁ ସବୁ ସ୍ଥାନରୁ ସୈନ୍ୟ ଡକାଇଥିଲେ । ସୈନ୍ୟମାନେ ଯୁଦ୍ଧ ସମୟରେ ଖାଦ୍ୟ ଗ୍ରହଣ କରିବା ପାଇଁ ପିଆଜ ଏବଂ ବୁଟ ଡାଲି ଆଣିଥିଲେ । କାରଣ ସେହି ସମୟରେ ଏହାହିଁ ସବୁଠାରୁ ଶାସ୍ତାରେ ମିଳୁଥିଲା ।

# ଖରାଦିନିଆ ପାନୀୟ 'ମିଣ୍ଟଲସି'

ଗ୍ରୀଷ୍ମର ପ୍ରକୋପରେ ଶରୀରକୁ ବିଭିନ୍ନ ପ୍ରକାର ସୁଆଦିଆ ପାନୀୟ ହିଁ ଶୀତଳତା ପ୍ରଦାନ କରିଥା, । ଉତ୍ତର-ଭାରତର ଅନ୍ୟତମ ମୁଖ୍ୟ ଗ୍ରୀଷ୍ମ ପାନୀୟ ଭାବେ 'ମିଣ୍ଟଲସି' ଜଣାଯାଏ । ମାତ୍ର କିଛି ମିନିଟରେ ପ୍ରସ୍ତୁତ ହୋଇପାରୁଥିବା ଏହି ଲସି ଦେହ ପାଇଁ ଖୁବ୍ ହିତକାରୀ । ଘରର ସଦସ୍ୟଙ୍କ ସହ କେହି ଅତିଥି ଅଭ୍ୟାଗତ ଆସିଲେ ତାଙ୍କୁ ମଧ ଏଲ ପାନୀୟ ଦେଇପାରିବେ ।

**ମିଣ୍ଟ ଲସି ପାଇଁ ଆବଶ୍ୟକ ସାମଗ୍ରୀ:-** ୧କପ ଦହି, ବରଫ ଖଣ୍ଡ (୫-୭)ଟି ୨ବଡ଼ ଚାମଚ ଗୁଣ୍ଡ ଚିନି, ଅଧ କପ ପୋଦିନାର ପତ୍ର ଚୂନାଚୂନା କଟା, ପେସ୍ତାବାଦାମ ଚୂନାଚୂନା କଟା ।

**ପ୍ରସ୍ତୁତି ପ୍ରଣାଳୀ:-** ଲସି ପ୍ରସ୍ତୁତ କରିବା ନିମନ୍ତେ ପ୍ରଥମେ ଗୋଟିଏ ପାତ୍ରରେ ଦହି , ଚିନି, ପୋଦିନା ପତ୍ର ନେଇ ତାହାକୁ ଭଲ ଭାବେ ମିଶାଇ ନେବେ । ଏବେ ଏସବୁକୁକୁ ଗ୍ରାଇଣ୍ଡିଂ କରି ନିଅନ୍ତୁ । ଏକ ଗିଲାସରେ ପ୍ରସ୍ତୁତ ଲସିକୁ ଢ଼ାଳି ସେଥିରେ ବରଫ ଖଣ୍ଡକୁ ମିଶାଇବେ । ଚୂନାଚୂନା କଟା ପେସ୍ତାବାଦାମକୁ ଲସିରେ ମିଶାଇ କିଛି ସମୟ ପାଇଁ ଫ୍ରିଜରେ ରଖନ୍ତୁ । ଏହା ପରେ ଲସିକୁ ବାହାର କରି ୧୦ମିନିଟ୍ ପାଇଁ ବାହାରେ ତାପମାତ୍ରାରେ ରଖନ୍ତୁ । ଘରକୁ କେହି ଆସିଲେ ସୁଆଦିଆ 'ମିଣ୍ଟ ଲସି' ପିଇବାକୁ ଦେଇ ତାଙ୍କର ଥକ୍କାପଣ ଦୂର କରନ୍ତୁ ।



# ଗ୍ରୀଷ୍ମଦିନିଆ ବିଶେଷ ଫେସ୍‌ପ୍ୟାକ୍

ଗରମର ପ୍ରକୋପ ନିଜ ତ୍ୱଚାକୁ ରକ୍ଷା କରିବାକୁ ଚାହୁଁଥିଲେ ଯୁବତୀ ଓ ମହିଳାମାନେ ନିୟମିତ ଭାବେ ଘରୋଇ ଫେସପ୍ୟାକ୍ ତ୍ୱଚାରେ ଲଗାଇବା ଆବଶ୍ୟକ । ଏହି ପ୍ୟାକ୍ ତ୍ୱଚାକୁ ଶୀତଳତା ପ୍ରଦାନ କରିବା ସହ ଏକ ଚମକ ଆଣିଥାଏ । ସମସ୍ତେ ପ୍ରାୟ ବେସନ କିମ୍ବା ମୁଲତାନୀ ମାଟିକୁ ଫେସପ୍ୟାକ୍ ଭାବେ ବ୍ୟବହାର କରନ୍ତି । ଏହା ବାଦ ବଜାରରେ ଓ ଅନ-ଲାଇନରେ ମଧ ଅନ୍ୟପ୍ରକାରର ତତ୍ତ୍ୱମାନ ମିଳୁଛି, ଯାହାର ଉପଯୋଗ କରି ତ୍ୱଚାକୁ ଗରମରୁ ରକ୍ଷା କରିହେବ ।

*କେଓଲିନାଇଟ କ୍ଲେ:-* ଏହା ଚୀନୀ ମାଟି ଭାବେ ମଧ ଜଣାଯାଏ । ଚୀନର ଏଇ ମାଟି ଏବେ ଭାରତୀୟ ବଜାରରେ ସୁଲଭ ମୂଲ୍ୟରେ ମିଳୁଛି । ଭଲଭାବେ ଦୋକାନରୁ ପରଖି ଏହି ମାଟି କିଣିବା ପରେ କଞ୍ଚା ଖିରରେ ମିଶାଇ ତ୍ୱଚାରେ ଲଗାନ୍ତୁ । ଗ୍ରୀଷ୍ମରେ ନିୟମିତ ଭାବେ ଏଇ ପ୍ୟାକ୍ ଲଗାଇଲେ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି ପାଏ ।

*ବେଣ୍ଟୋନାଇଟ୍ କ୍ଲେ:-* ଅନ-ଲାଇନରେ ଏହି କ୍ଲେ ମିଳୁଥିବାବେଳେ ଗରମଦିନ ପାଇଁ ଏହା ଅନ୍ୟତମ ଭଲପ୍ୟାକ୍ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ପରାମର୍ଶ ନେବା ନିତାନ୍ତ ଆବଶ୍ୟକ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆଇନ ଉଚ୍ଛେଦ ଚର୍ଚ୍ଚା...

ବେଶ୍ କେତେ ବର୍ଷ ହେବ ଦେଶର ଉତ୍ତର ପୂର୍ବ ଅଂଚଳରେ ଆଇନ୍ ଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ଲାଗୁ କରାଯାଇଥିବା ଆଫସ୍ପା (ଆର୍ମଡ୍ ଫୋର୍ସେସ୍-ସ୍ପେଶିଆଲ ପାୱାରସ୍-ଆଇନ), ୧୯୫୮ର ଉଚ୍ଛେଦକୁ ନେଇ ଚର୍ଚ୍ଚା ଚାଲି ଆସିଥିଲା ଦେଶରେ। ବିଶେଷକରି ଏହି ଆଇନ୍ ଲାଗୁ କରାଯାଇଥିବା ଉପରୋକ୍ତ ଅଂଚଳର ଜିଲ୍ଲାଗୁଡ଼ିକରେ ଏହାର ଉଦ୍ଦେଶ୍ୟ ସାଧିତ ହେବାପରେ, ଅର୍ଥାତ ଆଇନ୍ ଶୃଙ୍ଖଳା ପରିସ୍ଥିତି ସ୍ୱାଭାବିକ ହେବାପରେ ତଥା ଲୋକମାନଙ୍କ ତରଫରୁ ଏହକୁ ବିରୋଧ କରାଯିବା ପରେ ଏହି ଚର୍ଚ୍ଚା ଜୋର ଧରିଥିଲା। ନିକଟରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏହି ଆଇନକୁ ଉପରୋକ୍ତ ଅଂଚଳର ଅଧିକାଂଶ ଜିଲ୍ଲାରୁ ଉଚ୍ଛେଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମନ୍ତ୍ରଣାଳୟର ନିଷ୍ପତ୍ତି ଅନୁସାରେ ଏହି ଆଇନ୍ ସମ୍ପ୍ରତି ଆସାମ, ନାଗାଲ୍ୟାଣ୍ଡ, ମଣିପୁର ଏବଂ ଅରୁଣାଚଳ ପ୍ରଦେଶର କିଛି ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ଥିବା ଜିଲ୍ଲାରେ ବଳବତ୍ତର ଥିବାବେଳେ ଉତ୍ତର ପୂର୍ବାଂଚଳର ୩୬ଟି ଜିଲ୍ଲାରୁ ଉଠାଇ ଦିଆଯିବ। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ଆସାମର ୨୩ଟି, ମଣିପୁରର ୬ଟି ଏବଂ ନାଗାଲ୍ୟାଣ୍ଡର ୭ଟି ଜିଲ୍ଲା। ଅରୁଣାଚଳ ପ୍ରଦେଶର କେବଳ ୩ ଗୋଟି ଜିଲ୍ଲାରେ ଆଫସ୍ପା ଆଇନ୍ ବଳବତ୍ତର ରହିବ। ଆଫସ୍ପା ଆଇନର ପ୍ରଚଳନ ଭାରତରେ ବ୍ରିଟିଶ ଶାସନ କାଳରେ ହୋଇଥିଲା। ଭାରତ ଛାଡ଼ ଆନ୍ଦୋଳନକୁ ଦମନ କରିବାପାଇଁ ୧୯୪୨ରେ ତତ୍କାଳୀନ ଭାଇସ୍‌ରାୟ ଲିନ୍‌ଲିଥ୍‌ଗୋ ସଶସ୍ତ୍ର ସେନାବଳ ଅଧ୍ୟାଦେଶ ଜାରି କରିଥିଲେ। ବସ୍ତୁତଃ, ଏହି ଆଇନ ବିଦ୍ରୋହୀମାନଙ୍କୁ ହତ୍ୟା କରିବାକୁ ଏକ ଆଭାସୀ ଆଦେଶ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ଦେଶରୁ ବ୍ରିଟିଶ ଶାସନ ହଟିବା ପରେ ଏହି ଆଇନଟି ମୃତପ୍ରାୟ ହୋଇଯାଇଥିଲା। କିନ୍ତୁ ୧୯୫୮ରେ ଆସାମ ଏବଂ ମଣିପୁରରେ ବିଦ୍ରୋହକୁ ରୋକିବା ନିମନ୍ତେ ଏହି ଆଇନ୍ ପୁଣିଥରେ ଜନ୍ମଲାଭ କଲା। ପରବର୍ତ୍ତୀ ସମୟରେ ଦେଶର ଉତ୍ତର ପୂର୍ବ ଅଂଚଳରେ ଅନ୍ୟାନ୍ୟ ରାଜ୍ୟଗୁଡ଼ିକରେ ଯେହେତୁ ସ୍ଥାନୀୟ ବିଦ୍ରୋହୀ ଏବଂ ହିଂସାକାଣ୍ଡ ଉଗ୍ର ରୂପ ଧାରଣ କଲା, ତେଣୁ ଏହାକୁ ସେହିସବୁ ଅଂଚଳ/ଜିଲ୍ଲାକୁ ସମ୍ପ୍ରସାରିତ କରାଗଲା। ୧୯୯୦ରେ ଯେତେବେଳେ ପାକିସ୍ତାନ-ପ୍ରାୟୋଜିତ ଆଙ୍କବାଦୀମାନେ ଜାମ୍ମୁ ଏବଂ କାଶ୍ମୀରରେ ଅତ୍ୟଧିକ ପରିମାଣରେ ବିଶୃଙ୍ଖଳା ଓ ହିଂସାକାଣ୍ଡ ସୃଷ୍ଟି କଲେ, ଉପରୋକ୍ତ ଆଫସ୍ପା ଆଇନର ଏକ ସଂସ୍କରଣକୁ ସେଠରେ ଲାଗୁ କରାଗଲା। ରାଜ୍ୟ ବା କେନ୍ଦ୍ର ସରକାରଙ୍କ ଦ୍ୱାରା ଯେଉଁ ରାଜ୍ୟର ଯେଉଁସବୁ ଅଂଚଳକୁ ଅଶାନ୍ତ ଏବଂ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ଅଂଚଳ ଭାବରେ ଘୋଷଣା କରାଯାଏ, ଆଫସ୍ପା ଆଇନ ସେଠାରେ ଲାଗୁ କରାଯାଏ ଏବଂ ଏହା ସେଠାରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ମୁତୟନ ହୋଇଥିବା ସେନାବାହିନୀକୁ ବିଶେଷ କ୍ଷମତା ପ୍ରଦାନ କରିଥାଏ। ଏହା ଜଣେ ଅଣ-କମିଶନଡ୍ ଅଧିକାରୀ ବା ତତୁର୍ଦ୍ଧ୍ୱ ପଦାଧିକାରୀଙ୍କୁ ଏକ ଅଂଚଳରେ ପାଂଚ ଜଣ ବା ତହିଁରୁ ଅଧିକ ସଂଖ୍ୟକ ଲୋକଙ୍କୁ ଏକାଠି ହେବାରୁ ରୋକିବା ସହିତ ଆବଶ୍ୟକ ସ୍ଥଳେ ଆଇନ୍ ଶୃଙ୍ଖଳା ବଜାୟ ରଖିବାପାଇଁ ଅଧିକାରୀଙ୍କୁ ଏକତ୍ରିତ ହୋଇଥିବା ଲୋକମାନଙ୍କୁ ବଳ ପ୍ରୟୋଗ କରି ଘଉଡ଼ାଇବାକୁ, ଏପରିକି ପରିସ୍ଥିତିର ଆବଶ୍ୟକତା ଅନୁସାରେ ଗୁଳି ଚାଳନା କରିବାକୁ କ୍ଷମତା ପ୍ରଦାନ କରିଥାଏ। ଏହି ଗୁଳି ଚାଳନା କାଳରେ ଯଦି କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ଘଟେ, ତା'ହେଲେ ମଧ୍ୟ ଅଧିକାରୀଙ୍କୁ କଦାଚିତ୍ ଦୋଷୀ ସାବ୍ୟସ୍ତ କରାଯାଇପାରେ। ପୁନଶ୍ଚ, ଏହି ସଶସ୍ତ୍ର ସେନା ବଳଙ୍କ ନିକଟରେ ମଧ୍ୟ ଆଇନ୍ ଲାଗୁ ହୋଇଥିବା ଅଂଚଳର ଯେ କୌଣସି ବ୍ୟକ୍ତିଙ୍କୁ ଗିରଫ କରିବା କିମ୍ବା ଯେ କୌଣସି ପରିବାର ବା କ୍ଷେତ୍ରରେ ବିନା ୱାରେଣ୍ଟରେ ପ୍ରବେଶ କରି ଅନୁସନ୍ଧାନ କରିବାର କ୍ଷମତା ରହିଥାଏ। ଉତ୍ତର ପୂର୍ବ ଅଂଚଳର ଯେଉଁସବୁ ଜିଲ୍ଲାରେ ଏହି ଆଇନ୍ ଲାଗୁ ହୋଇଥିଲା, ସେସବୁ କ୍ଷେତ୍ରରେ ବିଦ୍ରୋହକୁ ଦମନ କରିବାରେ ସୁରକ୍ଷା ବଳଗୁଡ଼ିକ ସରକାରଙ୍କ ପାଇଁ ପର୍ଯ୍ୟାପ୍ତ ସହାୟତାର କାରଣ ପାଲଟିଥିବାବେଳେ ଏହି ଆଇନର ଅପବ୍ୟବହାରକୁ ନେଇ ମଧ୍ୟ ସମୟାନ୍ତରରେ ଯଥେଷ୍ଟ ଗୁରୁତର ଅଭିଯୋଗମାନ ହୋଇ ଆସୁଥିଲା। ୨୦୧୩ରେ ସୁପ୍ରିମକୋର୍ଟରେ ଦାଏର ହୋଇଥିବା ଏକ ଜନସ୍ୱାର୍ଥ ମାମଲାରେ ଅଭିଯୋଗ କରାଯାଇଥିଲା ଯେ ଜାଲ ଏନକାଉଂଟରଗୁଡ଼ିକରେ ୧,୫୮୨ ଜଣ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଥିଲା ଏବଂ ହତ୍ୟାକାରୀମାନେ ଆଫସ୍ପା ଆଇନର ଆଳରେ ଖସି ଯାଇଥିଲେ। ପରିଣତିରେ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟ ଏହିସବୁ ହତ୍ୟାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଦ୍ୱାରା ତଦନ୍ତ କରିବାକୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

## ପାକିସ୍ତାନ ଗଣତନ୍ତ୍ର ଓ ତଳସ୍ତରର ରାଜନୀତି



ଅମୂଲ୍ୟ କୁମାର ପଣ୍ଡା

ପାକିସ୍ତାନ ରାଜନୀତି କେତେ ତଳସ୍ତରକୁ ଯାଇପାରେ ତାହାର ପ୍ରମାଣ ପାକ୍ ସଂସଦରେ ଦେଖିବାକୁ ମିଳିଛି। ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ ସପକ୍ଷରେ ସଂଖ୍ୟାଧିକ ସାଂସଦଙ୍କ ସମର୍ଥନ ଥିବା ଦେଖି ଉପବାଚସ୍ପତି ଏହାକୁ ଖାରଜ କରି ବଡ଼ ଅନର୍ଥ ସୃଷ୍ଟି କରିଥିବା ବେଳେ ଅନ୍ୟପଟେ ବିରୋଧୀ ଦଳମାନେ ଆଜି ସଂସଦକୁ କବ୍‌ଜା କରି ମେଣ୍ଟ ନେତା ସେହବାଜ ସରିଫ୍‌ଙ୍କୁ ପ୍ରଧାନମନ୍ତ୍ରୀ ଘୋଷଣା କରିଦେଇଛନ୍ତି। ଉଭୟ ଶାସକ ଦଳ ଏବଂ ବିରୋଧୀ ମେଣ୍ଟ ସମ୍ବିଧାନକୁ ଜଳାଞ୍ଜଳି ଦେଇ ନିଜ ଇଚ୍ଛା ମୁତାବକ ପଦକ୍ଷେପ ନେଉଥିବାରୁ ଦେଶରେ ଆଉ ଗଣତନ୍ତ୍ର ବୋଲି କିଛି ନଥିବା ଅନୁମାନ କରାଯାଏ। ଅନାସ୍ଥା ଭୋଟ୍‌କୁ ନେଇ ଉପୁଜିଥିବା ସଙ୍କଟ ଉପରେ ଆସନ୍ତାକାଲି ସୁପ୍ରିମ୍ କୋର୍ଟରେ ଶୁଣାଣି ହେବାକୁ ଥିବା ବେଳେ ସେହବାଜ ସରିଫ୍‌ଙ୍କୁ ପ୍ରଧାନମନ୍ତ୍ରୀ ଘୋଷଣା ସଙ୍କଟକୁ ଆହୁରି ଜଟିଳ କରିଛି।

୩୪୨ ଆସନ ବିଶିଷ୍ଟ ପାକିସ୍ତାନ ଜାତୀୟ ସଭାରେ ପ୍ରଧାନମନ୍ତ୍ରୀଙ୍କୁ ବହିଷ୍କାର କରିବା ପାଇଁ ଅତି କମରେ ୧୭୨ ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ। ତେବେ ବିରୋଧୀ ଦଳଗୁଡ଼ିକର ଜାତୀୟ ସଭାରେ ୧୭୭ ସଦସ୍ୟଙ୍କ ସମର୍ଥନ ରହିଛି ଏବଂ ଶାସକ ଦଳର କିଛି ସଦସ୍ୟ ମଧ୍ୟ ଇମ୍ରାନଙ୍କ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଛନ୍ତି। ପାକିସ୍ତାନ ଡେମୋକ୍ରାଟିକ୍ ମୁଭମେଣ୍ଟ ଏବଂ ପିପିପି ମାର୍ଚ୍ଚ ୮ରେ ପ୍ରଧାନମନ୍ତ୍ରୀଙ୍କ ବହିଷ୍କାର ପାଇଁ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଅନ୍ୟପକ୍ଷରେ ବିରୋଧୀ ମେଣ୍ଟଙ୍କ ନିକଟରେ ୧୭୭ ସାଂସଦଙ୍କ ସମର୍ଥନ ରହିଥବବାରୁ ଇମ୍ରାନଙ୍କ ପଦବୀ ଯିବା ଏକପ୍ରକାର ନିଶ୍ଚିତ ହୋଇଯାଇଥିଲ। ହେଲେ ପାକିସ୍ତାନ ଜାତୀୟ ସଭାରେ ଇମ୍ରାନ ଖାନ ସରକାର ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ଭୋଟ ଗ୍ରହଣ ପୂର୍ବରୁ ଗୃହକୁ ମୁଲତବୀ ଘୋଷଣା କରିଥିଲେ ଉପବାଚସ୍ପତି। ସେଠାକାର ବିରୋଧୀ ଦଳ ଭୋଟିଂ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ସରକାର ଭାଙ୍ଗିବା ନେଇ ବିଦେଶୀ ଦେଶର ହାତ ଥିବା ଅଭିଯୋଗ କରି ଅନାସ୍ଥା ପ୍ରସ୍ତାବକୁ ଉପବାଚସ୍ପତି ଖାରଜ କରିଦେଇଥିଲେ। ଇମ୍ରାନ ନିକଟରେ ଯୁବପିଢିଙ୍କୁ ସମ୍ବୋଧନ କରି ତାଙ୍କ ସରକାରକୁ ଭାଙ୍ଗିବା ପଛରେ ବିଦେଶୀ ହାତ ରହିଛି ବୋଲି କହିଥିଲେ। ଏଥିପାଇଁ ମୁଖ୍ୟତଃ ଆମେରିକାକୁ ଇମ୍ରାନ ଦାୟୀ କରିଥିଲା ବେଳେ ସାଂସଦମାନେ କୋଟି କୋଟି ଟଙ୍କାରେ ବାହାର ଲୋକଙ୍କ ହାତରେ ବିକ୍ରି ହୋଇଯାଇଛନ୍ତି ବୋଲି ସେ କହିଥିଲେ। ଏହି ଆଳରେ ଇମ୍ରାନ ଖାନ୍ ତାଙ୍କ ଶେଷ ଅସ୍ତ୍ର ଚଳାଇ ନିଜ ପଦବୀର ଗାରିମାକୁ ରକ୍ଷା କରିଛନ୍ତି।

ଘଟଣାଟି ଏକ ନାଟକୀୟ ଢଙ୍ଗରେ ହୋଇଥିଲା ପାକିସ୍ତାନ ସଂସଦ ଭିତରେ। ଉପବାଚସ୍ପତି କାସିମ୍ ଖାଁ ସୁରିଙ୍କ ଅଧକ୍ଷତାରେ ପାକିସ୍ତାନ ପାର୍ଲାମେଣ୍ଟରେ ଅଧିବେଶନ ଆରମ୍ଭ ହେବା ପରେ ବିରୋଧୀମାନେ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ଅନାସ୍ଥା ପ୍ରସ୍ତାବ ଆଗତ ହେବା ପୂର୍ବରୁ ଇମ୍ରାନ୍ ଖାଁ ରାଷ୍ଟ୍ରପତି ଆରିଫ୍ ଅଲ୍‌ୱିଙ୍କୁ ଭେଟି ଦେଶର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତି ବିଷୟରେ ଆଲୋଚନା କରିଥିଲେ। ତେବେ ଇମ୍ରାନଙ୍କ ଇଚ୍ଛା ମୁତାବକ ନିଷ୍ପତ୍ତି ନିଆଯିବା ପରେ ଏବେ ଖୁସି ମନାଉଛନ୍ତି ଇମ୍ରାନଙ୍କ ସମର୍ଥକ। ପାକିସ୍ତାନ ସଂସଦ ବାହାରେ ଇମ୍ରାନ ଖାନ ପାକିସ୍ତାନକୁ ରକ୍ଷା କରିବେ ବୋଲି ସ୍ଲୋଗାନ ଦେଉଛନ୍ତି ତାଙ୍କ ସମର୍ଥକ। ଏହା ସହ ପାକିସ୍ତାନରେ ଆରମ୍ଭ ହୋଇଥିବା ରାଜନୈତିକ ବିବାଦ ପାଇଁ ଆମେରିକା ଦାୟୀ ବୋଲି ଇମ୍ରାନ କହୁଥିବା ବେଳେ ଆମେରିକାର ଯିଏ ବନ୍ଧୁ, ସେ ଦେଶଦ୍ରୋହୀ ବୋଲି ଇମ୍ରାନଙ୍କ ସମର୍ଥକ କହିବାରେ ଲାଗିଛନ୍ତି। ଇମ୍ରାନ ଖାନ ପାକିସ୍ତାନକୁ ରକ୍ଷା କରିବେ। ଆମେରିକାର ଯିଏ ବନ୍ଧୁ, ସେ ହେଉଛି ଦେଶଦ୍ରୋହୀ। ଅନାସ୍ଥା ଭୋଟ୍‌କୁ ଉପବାଚସ୍ପତି ଖାରଜ କରିବା ପରେ ଏବଂ ପାକ୍ ପାର୍ଲାମେଣ୍ଟ ଭାଙ୍ଗିବା ପରେ ଏବେ ଏଭଳି ସ୍ଲୋଗାନ ଦେବାରେ ଲାଗିଛନ୍ତି ଇମ୍ରାନ ଖାନଙ୍କ ସମର୍ଥକ। ଆଜି ଅନାସ୍ଥା ଭୋଟ୍‌କୁ ଉପବାଚସ୍ପତି ଖାରଜ କରିବା ପରେ ପାକ୍ ପାର୍ଲାମେଣ୍ଟକୁ ଭାଙ୍ଗି ଦିଆଯାଇଥିଲା। ଅନାସ୍ଥା ଭୋଟ୍ ପ୍ରସ୍ତାବ କାଟ୍ ଖାଇବା ପରେ ପାର୍ଲାମେଣ୍ଟ ଭଙ୍ଗ କରିବା ପାଇଁ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇଥିଲେ। ଇମ୍ରାନଙ୍କ ପରାମର୍ଶର କିଛି ସମୟ ପରେ ପାର୍ଲାମେଣ୍ଟ ଭଙ୍ଗ କରାଯାଇଥିଲା। ଏବେ ପାର୍ଲାମେଣ୍ଟ ଭଙ୍ଗ ହେବା ସହ ୩ମାସ ପରେ ସାନି ନିର୍ବାଚନ ହେବ ବୋଲି କୁହାଯାଇଛି।

ତେବେ ରାଷ୍ଟ୍ରପତିଙ୍କୁ ପାର୍ଲାମେଣ୍ଟ ଭାଙ୍ଗିବା ନେଇ ପତ୍ର ଲେଖିବା ପରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଇମ୍ରାନ କହିଥିଲେ, ପାର୍ଲାମେଣ୍ଟ ଭାଙ୍ଗି ଦେବା ପାଇଁ ମୁଁ ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଛି। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚନ ହେବା ଉଚିତ। ନିର୍ବାଚନ ପାଇଁ ପ୍ରସ୍ତୁତି କରିବାକୁ ମୁଁ ପାକିସ୍ତାନ ଜନସାଧାରଣଙ୍କୁ କହୁଛି। ଅନାସ୍ଥା ଭୋଟ୍ ପାଇଁ ଉପବାଚସ୍ପତି ଅନୁମତି ଦେଇ ନ ଥିବାରୁ ଦେଶବାସୀ ଆନନ୍ଦିତ। ଅନାସ୍ଥା ପ୍ରସ୍ତାବ ବିଦେଶୀ ଷଡ଼ଯନ୍ତ୍ରର ଅଂଶବିଶେଷ ଥିଲା। ତେଣୁ, ପାର୍ଲାମେଣ୍ଟ ଭାଙ୍ଗି ଦେବାକୁ ମୁଁ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇଛି। କାମଚଳା ସରକାର ପାଇଁ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଛି। ଅନସ୍ଥା ପ୍ରସ୍ତାବ ରଦ୍ଦ ପରେ ବିରୋଧୀଙ୍କ ହଟ୍ଟଗୋଳ ଦେଖିବାକୁ ମିଳିଛି। ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି ବିରୋଧୀ କହିଛନ୍ତି। ବିଧାନସଭା ଭଙ୍ଗ କରିବାକୁ ଇମ୍ରାନ ରାଷ୍ଟ୍ରପତିଙ୍କୁ ସୁପାରିସ କରିଥିବା କହିଛନ୍ତି। ଗଣତାନ୍ତ୍ରିକ ଉପାୟରେ ନିର୍ବାଚନ ହେବା ଉଚିତ୍ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ କହିଛନ୍ତି। ବାଚସ୍ପତିଙ୍କ ନିଷ୍ପତ୍ତିରେ ମୁଁ ପ୍ରତ୍ୟେକ ପାକିସ୍ତାନୀଙ୍କୁ ଅଭିନନ୍ଦନ ଜଣାଉଛି ବୋଲି ଇମ୍ରାନ କହିଛନ୍ତି। ତାଙ୍କ ବିରୁଦ୍ଧରେ ଏକ ବିଦେଶୀ ଷଡଯନ୍ତ୍ର ଥିଲା ବୋଲି ସେ କହିଛନ୍ତି। ସେମାନଙ୍କୁ କିଏ ଶାସନ କରିବା ଉଚିତ ତାହା ପାକିସ୍ତାନ ସ୍ଥିର କରିବ ବୋଲି ଇମ୍ରାନ ଖାନ କହିଛନ୍ତି। ତେବେ ଏଠି ଗୋଟେ କଥା ସତ, ଇମ୍ରାନ ଖାନଙ୍କ ରାଜନୈତିକ କ୍ରିକେଟ ଖେଳରେ ଚୌକା ମାରି ବିରୋଧୀ ଦଳଙ୍କୁ କ୍ଲିନ୍ ବୋଲ୍ଡ କରିଦେଇଛନ୍ତି।

+ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

## ଋଷିଆର ରୁଷା କାଣ୍ଡ



ଅଜୟ କୁମାର ବେହେରା

ଭୁଲ କାହାର ? ଏ ଖୋଜ ବେଳେ ବେଳେ ସରଳରେ ହୁଏନାହିଁ। ଛୋଟ ଛୋଟ ମାମଲତକାର ଥକି ପଡ଼ନ୍ତି। ବେଳକୁ ବେଳ ଏକ ଭୁଲରୁ ଅନେକ ଭୁଲକାମ ହୋଇ ହୋଇ ଚାଲେ। ମଞ୍ଜକଥା ଆସ୍ତେ ଆସ୍ତେ, ପୁଟ ଦିଆ ହୋଇ ହୋଇ ସ୍ଥୂଳ ଆକୃତିକୁ ଆସେ ସେତେବେଳକୁ ଦ୍ୱିଦଳରେ ପୁଣି ଅନେକ ଦଳ ପକ୍ଷ ଧରନ୍ତି। ଆସ୍ତେ କେନ୍ଦ୍ରବିନ୍ଦୁର ତରଙ୍ଗାୟିତ ହୋଇ ବିଭିନ୍ନ ବଧସ୍ଥଳୀ ଆକ୍ରାନ୍ତ ହୋଇଥାଏ ଓ ଜନକ୍ଷୟ, ଧନକ୍ଷୟ, ସୁନ୍ଦର ସୃଷ୍ଟି କ୍ଷୟ ହୋଇଯାଇଥାଏ। ପଡ଼ୋଶୀ ବଦଳା ଯାଇନପାରେ। ବନ୍ଧୁ ବଦଳାଯାଇ ପାରେ। ଦୁଇ ପାଖ ପାଖ ପରିବାର ପଡ଼ୋଶୀ ପ୍ରତିବେଶୀ ପରି ଦୁଇଟି ଗ୍ରାମ, ଦୁଇଟି ଜିଲ୍ଲା, ଦୁଇ ପ୍ରଦେଶ, ଦୁଇ ମହାଦେଶ ଏମିତି ପ୍ରତିବେଶୀ ରହିଥାନ୍ତି। ଏ ଯୁଗରେ ପ୍ରତି ଘରେ କଳି ଅଛି। ଯୌଥ ପରିବାରରେ ଅସନ୍ତୋଷ ରହୁଛି ଏ ପାଇଁ ପୃଥକାନ୍ନ ବା ଭିନ୍ନେ ହୋଇ ଅନେକ ରହୁଛନ୍ତି। ଏପରି ଦୁଇ ପାଖ ପଡ଼ୋଶୀଙ୍କର ବ୍ୟକ୍ତିଗତ ସମସ୍ୟା ରହିଲେ ବି ପଡ଼ୋଶୀର ପରିବାର ମଧ୍ୟରେ କାହାରି ନା କାହାରି ଉଭୟରେ ମିତ୍ରତା ବା ଶତ୍ରୁତା ରହିବା ଦେଖାଯାଉଛି। ପୂର୍ବେ ଲୋକେ ଅନ୍ନ ସଂସ୍ଥାନ ଓ କାମ ଭୋଗ ପାଇଁ ଝଗଡ଼ା କଳି କରୁଥିଲେ। ଲୋକେ ଅନପଢ଼ ଥିଲେ ବୋଲି ଏସବୁ ସମସ୍ୟାରେ ଠେଙ୍ଗାରେ, ଟେକା ପତର ବା ବାହୁ ଯୁଦ୍ଧରେ ପରିସ୍ପର ଆକ୍ରମଣ ହେଉଥିଲା। ହେଲେ ବର୍ତ୍ତମାନ ଲୋକେ ସର୍ବତ୍ର ଶିକ୍ଷିତ ସେହି ମୌଳିକ ସମସ୍ୟା ମାନ ଏବେ ବିଭିନ୍ନ ରଙ୍ଗର ରଞ୍ଜିତ ବିସ୍ତାରବାଦ ସମସ୍ତଙ୍କୁ ଧରୁଛି। ପ୍ରତ୍ୟେକ ଦେଶର ପ୍ରଜାଙ୍କ ଆୟରୁ ବିଭିନ୍ନ ଉପାୟରେ ରାଜକର ଆଦାୟ ସହିତ ସ୍ଥାନୀୟ ପ୍ରକୃତିରୁ ଖଣି ଖାଦାନ, ଶସ୍ୟାଦି ଉତ୍ପାଦନ ଦ୍ରବ୍ୟରୁ ବହୁ ଅର୍ଥ ବିଭିନ୍ନ ଦେଶୀୟ ସରକାର ସରଳରେ ଅର୍ଥ ସଂଗ୍ରହ କରୁଛନ୍ତି। ଫଳରେ ଖାଦ୍ୟ ଦ୍ରବ୍ୟ ସମସ୍ୟା ପରି ଏବେ ପର ଭୂମିର ପ୍ରକୃତିଗତ ଦାନୀୟ ଅନେକଗତ ଖଣିଜ ଦ୍ରବ୍ୟ କୁଳାଳାୟିତ ହୋଇ ତାକୁ ପଣ୍ୟ ଦ୍ରବ୍ୟ କରି ଶୀଘ୍ରାତି ଶୀଘ୍ର ଲାଳେଲାଳ ହେବା ପାଇ ବିସ୍ତାରବାଦ ଚିନ୍ତା ବଢୁଛି। ବଳ ସଂଗ୍ରହ ଯାହାଫରେ ଧନ ଓ ଶାସନ କ୍ଷମତା ଅଛି ସେ ମନଇଚ୍ଛା ସୈନ୍ୟବଳ ସଂଗ୍ରହ କରିପାରୁଛନ୍ତି। ସୈନ୍ୟଙ୍କୁ ବସାଇ ବସାଇ କେହି ଦରମା ଦେଇ ଦୀର୍ଘଦିନ ପୋଷିବା ଦେଖାଯାଏନାହିଁ। ପ୍ରତ୍ୟେକ ରାଜାଙ୍କ କାନୁନ ପଛରେ ଅଛି ସୈନ୍ୟମାନେ। ସେବଳରେ ଅନ୍ୟର ବଞ୍ଚିବାର ଅଧିକାରକୁ ଛିନ୍ନ କରିବାକୁ ପଛାଉନାହାଁନ୍ତି।

ପ୍ରତି ରାଜ୍ୟର, ପ୍ରତି ଦେଶର ପ୍ରଜାମାନେ ନିଶ୍ଚେ ଅପେକ୍ଷାକୃତ ସଂଖ୍ୟାଧିକ। ପ୍ରକୃତିର ପଞ୍ଚମହାଭୂତ ସମ୍ବନ୍ଧ ଯେତେ ଦ୍ରବ୍ୟ ସେ ସବୁର ସମସ୍ତେ ସମାନ ଉପଭୋକ୍ତା। ପ୍ରକୃତି ଓ ପୃଥିବୀ ସମସ୍ତଙ୍କ ଆଧାର ସମସ୍ତଙ୍କ ମାଆପରି। ପ୍ରଜାମାନେ ନିରାପଦରେ ରହିବା ପାଇଁ ରାଜ ସରକାର ବା ଦେଶ ସରକାରଙ୍କୁ କର ଦେଉଛନ୍ତି। ଏକ ଏକ ବ୍ୟକ୍ତିଗତ ଅର୍ଥରେ ସମୁହ ଉନ୍ନତି କେବେ ହେବା ସମ୍ଭବ ନୁହେଁ ଏଥିପାଇଁ ଏକତାର ବଳ ପାଇଁ ସରକାର କର ସଂଗ୍ରହ କରି ସେ ଦେଶର ବା ରାଜ୍ୟର ପ୍ରଜା ଉନ୍ନତି ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ରାଜଧନ ବଡ଼ ଧନ। ଦୁଇ ପାଖାପାଖି ଦେଶ ମଧ୍ୟରେ କଳି, ମତ, ଭେଦ, ଯୁଦ୍ଧରେ ପ୍ରବଳ କ୍ଷତି। ଉଭୟ ଦେଶ ପ୍ରଜାଙ୍କର ହେଉଛି। ହେଲେ ପ୍ରଜାଙ୍କର ସ୍ୱର ସେ କଳି ବେଳେ ରାଜାଙ୍କୁ ଶୁଣିବାକୁ ବା ଶାସକଙ୍କୁ ଶୁଣିବାକୁ ତର ନଥାଏ। କେମିତି ଭୂମି ବଣ୍ଟନରେ ଥିଲେ ଦୁଇ ପାଖାପାଖି ସ୍ଥାନରେ ମତ ଫରକ ହେବନାହିଁ ବା ମତ ଫରକ ହେବ ଏହାପାଇଁ ଏମିତି ପାଠ ରହିଛି। ସବୁ ବିଦ୍ୟାରେ ବୁଦ୍ଧିଜୀବୀ ଅଛନ୍ତି। ଏହି ଭୂମି ବିଦ୍ୟାରେ ଏମିତି ଜ୍ଞାନୀ ବୁଦ୍ଧିଜୀବୀ ଅଛନ୍ତି। ଏ ସମୟକୁ ବହୁ ବିଦ୍ୟାକୁ ପ୍ରବଳ ଅଣଦେଖା, ଯେଉଁ ବିଦ୍ୟାରେ ହଠାତ ଧନୀ ହୋଇ ସଂସାରରେ ପ୍ରତିଷ୍ଠା ଶୀଘ୍ର ପାଇ ହେବ, ଏପରି ବିଦ୍ୟା ପ୍ରାଧାନ୍ୟ ଦିଆଯାଉଛି ମାତ୍ର ଦୀର୍ଘ ଦୃଷ୍ଟିରଖି ପୁରୁଷ ପୁରୁଷ ଆଗକୁ ନିଷ୍କଣ୍ଟକ ବାସ କରିହେବ ଏପରି ଭାବନା କାହାରି ଏବେ ଉଦୟ ହେଉନାହିଁ। ଏପାଇଁ ବହୁନଜିର ଶାସ୍ତ୍ରରେ ଅଛି ତାକୁ ଲୋକକଥା , ଗାଉଁଲି କଥା, ମାଇଥ କହି, ଆଉଡାଇ ଦିଆଯାଉଛି। ବହୁ ଅତୀତରେ ଅନେକ ଯୁଦ୍ଧର ଉଦାହରଣ ଅଛି ଏଥିରୁ ହୁଏତ କେହି କିଛି ଶିକ୍ଷାକରୁ ନାହାଁନ୍ତି। ଭାରତର, ଚୀନର, ପାକିସ୍ଥାନର, ଯେଉଁ ମତ ଭେଦ ସମସ୍ୟା ଅଛି ତାହା ତିନି ଦେଶର ପ୍ରକୃତରେ ବାସ୍ତୁ ସମସ୍ୟାରୁ ଘଟୁଛି। ଜଳ ଉଚ୍ଚରୁ ତଳକୁ ନିଶ୍ଚେ ଗଡ଼ିବ, ପବନ ଗରମ ହେଲେ ଉପରକୁ ଉଠିବ ଏହି ଦୁଇଟି ପାଖାପାଖି ଅଞ୍ଚ ପାଇଁ ଦୁଃଖ ସମସ୍ୟା ନିଶ୍ଚେ କରାଇବ। ବାସ୍ତୁର ଏକ ଚୌକ କାଟିଲେ ନିଶ୍ଚେ ସେ ଚାରି ବାହୁ ଆବଦ୍ଧରେ, ଚାରି ଦିଗ, ଚାରି କୋଣ ଓ ପରସ୍ପର ସମ୍ମୁଖ କୋଣ ଗୁଡ଼ିକୁ ସଂଯୁକ୍ତ କଲେ ଯେଉଁ ଗୁଣ ଚିହ୍ନଟି ବାସ୍ତୁ ମଧ୍ୟରେ ସୃଷ୍ଟି ହୁଏ। ଏଥିରୁ ସ୍ଥାନଟିର କେଉଁ କୋଣରେ କ୍ଲେଶ ଆସିବ ତାର କାରଣ ଧରାପଡ଼େ। ପୂର୍ବ ଉତ୍ତର କୋଣରୁ ଦକ୍ଷିଣ ପଶ୍ଚିମ କୋଣ ମଧ୍ୟରେ ସର୍ବଦା ଶତୃତା ଭାବ। ତ୍ରଦେବ ଦେମ ମହାଦେବ ଈଶାନ ପୂର୍ବ ଉତ୍ତର ଅଧିଶ୍ୱର ଓ ଦକ୍ଷିଣ ପଶ୍ଚିମ ଯାହା ନୈଋତ ତାହା ଏକ ରାକ୍ଷସର ଅଧିପତିତ୍ୱରେ ରହିଛି। ପ୍ରକୃତରେ ବାସ୍ତୁରେ ହିଁ ଦେବାସୁର ସଂଗ୍ରାମ ସର୍ବତ୍ର ରହିଛି। ଅଗ୍ନୀକୋଣ ଦକ୍ଷିଣ ପୂର୍ବ କୋଣ ଓ ବାୟୁକୋଣ ଉତ୍ତର ପଶ୍ଚିମ କୋଣ, ଦକ୍ଷିଣା ପବନ ସର୍ବଦା ସମୁଦ୍ରପଟ ଦକ୍ଷିଣ ଅଗ୍ନୀରୁ ବହୁଥାଏ। ଆମ ଓଡ଼ିଶାରେ ବର୍ଷାର ମୂଳଉତ୍ସ ବଙ୍ଗୋପସାଗର ଯାହା ତାମିଲନାଡୁ ଆନ୍ଧ୍ରପଟରୁ ହିଁ ମୌସୁମୀ ବର୍ଷା ବତ୍ୟାର ଉତ୍ସ। ପ୍ରବଳ ଶୀତ ପବନ ପ୍ରତ୍ୟାବର୍ତ୍ତନ ମୌସୁମୀ ବାୟୁରେ ଉତ୍ତର ପଶ୍ଚିମରୁ ହିଁ ବହୁଛି। ମହାବାତ୍ୟାର ବେଗ ଅଗ୍ନୀକୋଣରୁ ଆସି ବାୟୁକୋଣରୁ ଚକ୍ରକାଟି ଭୟଙ୍କର ଭାବରେ ଓଡ଼ିଶାରେ ଆଘାତ କରୁଛି। ଅଗ୍ନୀ ଓ ବାୟୁ ଏମାନେ ପରସ୍ପର ସମ୍ମୁଖରେ ରାଶିଚକ୍ର ବିଭାଗ ବିଧାନରେ ପ୍ରତି ଅଗ୍ନୀ ରାଶିରୁ ବାୟୁ ରାଶି ୧୮୦ ଦୂରତ୍ୱରେ ରହିଛି ବା ବାୟୁ ରାଶିରୁ ସେପରି ଅଛି। ଅଗ୍ନୀପଟ ବୃଦ୍ଧି ହୋଇ, ଜଳ ଭୂମି ସମ୍ପୃକ୍ତି ଯେଉଁଠି ସେହିଠି ହିଁ ବିବାଦ ଘନୀଭୂତ ରହିଛି। ୟୁକ୍ରେନ ଭୂମିରୁ ପୂର୍ବ ଉତ୍ତରରେ ମସ୍କୋ ରାଜଧାନୀ ଓ ଋଷିଆଦେଶ ଓ ଋଷିଆରୁ ନୈଋତରେ ୟୁକ୍ରେନ। କୃଷ୍ଣ ସାଗର ୟୁକ୍ରେନର ଅଗ୍ନୀକୋଣ ବୃଦ୍ଧିରେ ସଂପୃକ୍ତ, ଯେଉଁଠି ବିଗତ କଳ ବନ୍ଦର ପାଇଁ ଦୁଇ ଦେଶ ମଧ୍ୟରେ କିଛି ବୁଝାମଣା ୟୁଏସଏସଆର ଭାଙ୍ଗିବା ପରେ ହୋଇଥିଲା। ରୁଦ୍ରାସ୍ତ୍ର ତ୍ରିଶୂଳ, ଦେବ ଆୟୁଧ ଏଥିରୁ ବାହାରି ରକ୍ଷା ନାହିଁ। ଏକଥା ଏବେ ପ୍ରତ୍ୟକ୍ଷ ଘଟୁଛି। ଶାସ୍ତ୍ରରେ ଅଛି ଦେବସୁର ସଂଗ୍ରାମରେ ଦେବତା ଶେଷରେ ଜିତନ୍ତି। ଅତଏବ ୟୁକ୍ରେନର ଏବେ ଏକ ମାସରୁ ଅଧିକ ଦିନ ମଧ୍ୟରେ ଆଗ୍ନେୟାସ୍ତ୍ର ନିଆଁରେ କଣ କ୍ଷତି ନହେଉଛି। ଏସବୁ ନ ଘଟିବା ପାଇଁ ରାକ୍ଷସୀ ମାୟା ପ୍ରକଟ ହିଁ ରୁଦ୍ରକୋପ। କପଟାଚାରୀ ରାକ୍ଷସ ଶକ୍ତି ଭାବେ ମୋର କିଛି କ୍ଷୟ ପରେ, ଅରି ଫେରି ଯିବେ ପୁଣି ମୁଁ ମାୟାର ଦିଗ ବଦଳାଇ ବି କିନ୍ତୁ ରୁଦ୍ରଶାନ୍ତି ନ ହେଲେ କେବେ ଅଗ୍ନୀକୋପ କମିବ ନାହିଁ। ବ୍ରହ୍ମା ଓ ବିଷ୍ଣୁ ଏପରି ପ୍ରଳୟରୁ ତାଣ୍ଡବକୁ ଶାନ୍ତି କରିପାରନ୍ତି। ଅର୍ଥାତ୍ ପ୍ରଳୟ ପରେ ପୁନଃ ସୃଷ୍ଟି ଓ ପାଳନ ହାର ମାଲିକ ବିଷ୍ଣୁ ଏଥିରୁ ରକ୍ଷା କୌଶଳ ବାହାର କରିପାରନ୍ତି। ବିଷ୍ଣୁ ମାୟାକୁ କେହି ଟପିନାହାଁନ୍ତି। ବ୍ରହ୍ମା ସୃଷ୍ଟିର ବିଶ୍ୱ ସମ୍ବାଦିକ ଶକ୍ତି, ନାରଦ ଅଛନ୍ତି। ଏଇ ନାରଦ ଶାନ୍ତି ମେଡ଼ିଆମାନେ ଚାହିଁଲେ ଯୁଦ୍ଧର ଦିଗ ଅବଶ୍ୟ ଶାନ୍ତ ହୋଇଯିବ। ଯେଉଁ ପାଇଁ ତର୍କ ତାକୁ କେମିତି ବଣ୍ଟନ ବା ଖଣ୍ଡନ କଲେ ସମସ୍ୟା ତୁଟିବ। ଏହା ମହା ବିଶ୍ୱକର୍ମା, ନଳ ବିଦ୍ୟା ଏ ମାନଙ୍କ ଦ୍ୱାରା ଧାର୍ଯ୍ୟ ପଥ ଆପଣେଇବା ବର୍ତ୍ତମାନ ଜରୁରୀ। ରୁଦ୍ର ଶାନ୍ତି ବର୍ତ୍ତମାନ ଆବଶ୍ୟକ ଋଷିଆ ଶାନ୍ତି ଆବଶ୍ୟକ।

+ପିସି ସରକାର ଲେନ୍,
ଅରୁଣୋଦୟ ନଗର, କଟକ,
ଦୂରଭାଷ : ୯୪୩୭୧୦୩୧୨୫୩

## କବିତା କୋଣାର୍କ

### ସ୍ୱାଭିମାନୀ ଓଡ଼ିଆ



ଦୁଷ୍ମନ୍ତ ବେହେରା

ମୁଁ ଓଡ଼ିଆ..
ମୋ ପରିଚୟ ଓଡ଼ିଆ ଭାଷା
ପଖାଳ କଂସାକୁ ମୁଖେ ଓଡ଼ିଆ
ବିଶ୍ୱ ଦେଖି ଶୁଣି କହେ ଭାରି ବଢ଼ିଆ

ମୁଁ ଓଡ଼ିଆ..
ମୋ ମାଟି ଚଷା ପୁଅ ମୁଖେ
ହସ ବଢ଼ିଆ ଖେତ ରେ ଫଳିଛି
ନାନା ରକମର ନାନା ପନିପରିବା

ମୁଁ ଓଡ଼ିଆ..
ଏ ମାଟିରେ କେତେ ବୀର ପୁତ୍ର
ଜନ୍ମ ନେଇ ଇତିହାସ ପୃଷ୍ଠା କହେ
ତାଙ୍କର ବୀର ଜନ୍ମ ମାଟିର ଗାଥା

ମୁଁ ଓଡ଼ିଆ..
ମୋ ଓଡ଼ିଶା କାରୁକାର୍ଯ୍ୟ ଦେଖି
ବିଶ୍ୱ କହେ ବାଃ ବଢ଼ିଆ ଓଡ଼ିଆ
ବୋଲି କହେ ମଥା ଟେକି

ମୁଁ ଓଡ଼ିଆ..
ଜାତି ଜାତି ପ୍ରାଣ ରଖିଛି ନିଜ
ସ୍ୱାଭିମାନ ଚିତ୍ରପଟ କହେ
ଇଏ ଓଡ଼ିଶାର ସମ୍ମାନ

ମୁଁ ଓଡ଼ିଆ..
ଇଏ ମାଟି ନୁହଁ ମୋର ମା'ଆ ମାଟି
କୋଳେ ଥୋଇ ମଥା ସ୍ୱାଧୀନେ କହେ
ଇଏ ମୋ ଓଡ଼ିଶା ମୋ ସ୍ୱାଭିମାନ
ଓଡ଼ିଆ...

♥ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
ମୋ : ୯୯୩୭୬୫୨୫୦୪

### ନିର୍ବାଚନ



ଆଦ୍ୟାଶା ମହାପାତ୍ର

ଯେତେ ବେଶ ବଦଳେଇ
ଆସିଲେ ବି ତମେ
କେମିତି ପାରିଲ ଭାବି
କେହି କେବେ ପାରିବେନି ଚିହ୍ନି,
ଜନ ଗଣ ମନ ଲୁଟି
ନିରୀହର ତଣ୍ଟି କାଟି
ଛଳନାରେ ତୁମେ ହିଁ ତ
ଜାଳିଥିଲ ହିଂସା ଦ୍ୱେଷ ବହ୍ନି...!

ବର୍ଷାରେ ଆସିଲେ ବଢି
କୂଳ ଲଂଘି ଯାଏ ତଡି
ହଜିଯାଏ ସେଇ ନଈ
ଆକାଶକୁ ମେଘ ବି ତ
କେବେ କେବେ ଦିଅଇ ଘୋଡେଇ,
ତୁମ ପାଦ ଶବ୍ଦ ଶୁଣି
ଆଖି ବୁଜି ପାରେ କହି
ପଥହରା ଗଣତନ୍ତ୍ର
ଖୋଜେ ନୂଆ କକ୍ଷପଥ
ପୁରାତନ ସତ୍ତାକୁ ଲୁଚେଇ...!

ତୁମକୁ ମୁଁ ଖୁବ୍ ଜାଣେ
ଚିହ୍ନିଚି ମୁଁ ଷୋଳପଣେ
ତୁମ ଛାଇ ସାଥେ ମୋର
ତୁମ ଠାରୁ ଅଧିକ ସଂପର୍କ,
ହାରିବା ଜିତିବା ଖେଳ
ସମୟରେ ସମତୁଲ
ଯେଉଁମାନେ ହାରିଯାନ୍ତି
ସେମାନେ ପା ତୁମ ଆମ ଲୋକ..!

ଏତେ ମିଛ କୁହ କାଇଁ..?
ଚୁପ୍ କରି ଠିଆ ହୋଇ
ସତ ଶୁଣେ ସବୁ କଥା
ହସୁଥାଏ ତୁମରି ପଛରେ,
କେତେ ପତ୍ର କେତେ କଢି
ଅକାଳେ ପଡନ୍ତି ଝଡି
ଗଛ ସିନା ଦୁଃଖ ଭୋଗେ
ନୂଆ ଆଶା ସଂଚରେ ମନରେ...!

♥ନୂଆପଡା, କଟକ

### ପ୍ରେମ, ପ୍ରତାରଣା ଓ ବିରହ



ଦୀପ୍ତି ମିଶ୍ର

ପ୍ରେମ ର ପରିଭାଷା
ତମେ ହିଁ......
ନିଶ୍ଚୟ ତମେ...
କାରଣ ତମେ ତ ଦିବ୍ୟ ପୁରୁଷ,
ପରମ ପ୍ରେମମୟ ତମ ଚେତନା....
ମହନୀୟ ତମ ଚିନ୍ତା,
ଯେଉଁଠି ମିଶାଇ ଦିଅ ଭାବରେ ....
ତୁମେ ମୋତେ
ଆଉ ମୋ ଚାରି ପାଖରେ
ବେଢ଼ି ରହିଥିବା ମୋର ଏଇ ବିଶାଳ
ସୁନ୍ଦର ଦୁନିଆଁକୁ .....
କେତେ ବେଳେ ପ୍ରେମିକା
କେତେବେଳେ ପତ୍ନୀ
କେବେ ଅବା ଜନନୀ ରୂପରେ--
ରହି ଥାଏ ପାଶେ ପାଶେ ତବ
ଫୁଟାଇବାକୁ ପ୍ରେମର ଯଥାର୍ଥ
ପ୍ରତୀକ ପୁଷ୍ପ ମାଳାଟିଏ ।

ପ୍ରତାରଣା ----
କିଏ ବା କାହାକୁ ଦିଏ ??
ହୁଏତ ପ୍ରେମୀ କେହି ଜଣେ
ଦୋଛକିରେ ହୁଏ ବାଟ ବଣା
ଅବା ଶିଉଳିରେ ପାଦ ପଡି
ମୁହଁ ମାଡିପଡ଼ିଯାଏ ତଳେ
ପଛକୁ ଚାହିଁ ବି ପାରେନା--
ଏହା ବିଧିର ବିଧାନ କି
ଭାଗ୍ୟର ବିଡମ୍ବନା...
ତାହା ବୁଝିବା ତ ପୀଡ଼ା ଦାୟକ
ବୁଝାଇ ବି ହୁଏନା...
ପ୍ରତାରଣା ସେଇଠି ପ୍ରଯୁଜ୍ୟ
ଯେଉଁଠି ଥାଏ
ବିକୃତ ଭଲ ପାଇବା
ଏକ ନୀଚମନାର......
ପ୍ରେମ କେବେ ପ୍ରତାରଣା
ହୋଇ ହିଁ ପାରେନା
ଭଲ ପାଇବାରେ ବିକୃତତା ବା କାହିଁ ??
ଏହା ହୋଇ ପାରେ ମାତା ପୁତ୍ର
ପିତା କନ୍ୟାର, ପତି ପତ୍ନୀର ଅବା
ଦୁଇ ପ୍ରେମୀଙ୍କର---
ପ୍ରେମର ଆରମ୍ଭ ମଧୁରତାରେ
ଯାହାର ଶେଷ ହିଁ ନ ଥାଏ
ଖାଲି ଏହାକୁ ବୁଝିଲେ ହେଲା ।

ଆଉ ବିରହ....
ବିରହର ପ୍ରଶ୍ନ ହିଁ ନାହିଁ
ପ୍ରେମ ପାଖେ କେବେ--
କେବେ ଦେଖିଛ କି
କଇଁ ଚାନ୍ଦକୁ ଚାହିଁ ଚାହିଁ
ଥକି ପଡ଼ିବାର...
ସୂର୍ଯ୍ୟମୁଖୀ ତପନଙ୍କଠାରୁ
ମୁହଁ ବୁଲେଇ ନେବାର,
କି ପଙ୍କଜ ଦିନମଣିଙ୍କ ପ୍ରତି
ବିମୁଖ ହେବାର---
ଦେଖିନ ନା ....
କେବେ ଦେଖି ବି ପାରିବନି,
କାହିଁକି ଜାଣ ??
କାରଣ ପ୍ରେମ ଶାଶ୍ୱତ..
ପ୍ରେମ ଚିରନ୍ତନ...
ସେଠି ପ୍ରତାରଣା, ଘୃଣା,
ବିରହର ସ୍ଥାନ ହିଁ ନାହିଁ--
ନାହିଁ ସ୍ୱାର୍ଥପରତା, ନାହିଁ ହୀନମନ୍ୟତା
ଅଛି ଖାଲି ସ୍ୱର୍ଗୀୟ ଆନନ୍ଦ ।

♥ବାରିପଦା

## ମାଟିର କୋହ

### ଶରତ କୁମାର ଦାସ



ମୁଁ ମୁଠାଏ ମଧୁର ନିଃଶ୍ୱାସ
ସିକ୍ତ ଉଚ୍ଛ୍ୱାସର ଶିରିଶିରି ଶିହରଣ,
ବୁନ୍ଦା ବୁନ୍ଦା ଲୁହରେ ଉବୁଟୁବୁ ହେଉଥିବା
ମୁଁ ଏକ ନିର୍ଜୀବ ଚିତ୍ରପଟ,
ପୁଣି 'ଭୂ' ରୁ ଭୂମାକୁ ଛୁଉଁଥିବା
ସ୍ନିଗ୍ଧ ପାର୍ବଣର ଝଲମଲ ରୂପ,
ଶାମୁକାରେ ମୁକ୍ତା ଦେଖୁଥିବା
ମୁଁ ଏକ ଉଜ୍ଜ୍ୱଳ ପ୍ରତିବିମ୍ବ ।

ମୁଠା ମୁଠା ଉଦାସୀନତାର ଉତ୍ତାଳ ତରଙ୍ଗ
ପିଟିହୁଏ ବାରମ୍ବାର ସୀମାହୀନ
ମୋ' ଶୂନ୍ୟ ଚେତନାର ନିର୍ଜନଦ୍ୱୀପରେ;
ସବୁଥାଇ କିଛିନଥିବାର ନିଃସ୍ୱପଣିଆରେ
ଅଣନିଃଶ୍ୱାସୀ ହୋଇ ଛଟପଟ ହୁଏ ମୁଁ
ପ୍ରାଚୁର୍ଯ୍ୟର ସ୍ତରୀଭୂତ ନଭଶ୍ଚୁମ୍ବୀ
ଝଲମଲ ପାହାଡ ଘେରରେ ।

ମୋ' ମାଟିରେ ଅଛି ଅଖଣ୍ଡ ବିଶ୍ୱାସ
ଅନ୍ଧାରରୁ ଆଲୋକ ବିଚ୍ଛୁରିତ
ଏକ ନିଆରା ଚମକ;
ଅନେକ ସ୍ମୃତି ଓ କିମ୍ବଦନ୍ତୀର ଅର୍କକ୍ଷେତ୍ର
କାଳଜୟୀ ଇତିହାସର କୀର୍ତ୍ତିସ୍ତମ୍ଭ

ବୀର ଯୋଦ୍ଧାଙ୍କ ରକ୍ତରେ ଉଦ୍‌ଘୋଷିତ
ଶାନ୍ତି, ସ୍ଥିରତା ଓ ମାନବବାଦର ପୁଣ୍ୟମନ୍ତ୍ର ।

ଅଥଳ ବାରିଧି କୂଳେ ଦଣ୍ଡାୟମାନ
ପବିତ୍ରତାର ଢଳଢଳ ରୂପଜ୍ୟୋତି
ଆଧ୍ୟାତ୍ମିକତା ଓ ବିଶ୍ୱଭ୍ରାତୃତ୍ୱର ମୂକସାକ୍ଷୀ
ପୁଣ୍ୟଭୂମି ଶଙ୍ଖକ୍ଷେତ୍ରର ବେଦଧ୍ୱନି
ଐକ୍ୟ, ସଂହତିର ଶାନ୍ତ ସ୍ନିଗ୍ଧ ତପୋବନ
ନର୍କରୁ ନିର୍ମାଲ୍ୟ ସନ୍ଧାନ ।

ନଦ, ନଦୀ, ବଣ, ପାହାଡ,
ସବୁଜ କେଦାର ଘେରା ସୁଗନ୍ଧିତ ଉପବନେ
କୋଇଲିର କୁହୁକୁହୁ ଆକର୍ଷଣ,
ଦୂର ପଳାଶ ବନର କମନୀୟ ଶୋଭା;
ସତ୍ୟ-ଶିବ-ସୁନ୍ଦରର ଓଁ କାର ତୋଳେ
ପୂଣ୍ୟତୋୟା ବୈତରଣୀର ପବିତ୍ର ଧ୍ୱନି;
ମହାନଦୀର କଳକଳ କାଚକେନ୍ଦୁ ଜଳରାଶି
ଢାଳିଦିଏ ମୋ' ରିକ୍ତ ପାପୁଲିରେ
ମୁଠା ମୁଠା ଶୀତଳ ପୀୟୂଷ ।

ମୋ' ଭାଷାର ମହକ ଚିର ପୁଲକିତ
ମହାନ ମୋ' ସଂସ୍କୃତି, ମହାର୍ଘ ମୋ' ପରମ୍ପରା
ମାଟି ଏଠି କଥା କହେ
ପୁଣି କଥା କହେ ପଶୁପକ୍ଷୀ ତରୁଲତା
ଅନାବରଣ ପ୍ରକୃତିର ଅନାବିଳ ସ୍ନେହ
ବାନ୍ଧି ରଖେ ହୃଦୟକୁ ଯୁଗ ଯୁଗ ପାଇଁ ।

ତଥାପି ମୁଁ ଦିଗହରା, ଶଙ୍କାଗ୍ରସ୍ତ,
ନିଃସ୍ୱ ଓ ଦରିଦ୍ର,
ପୁଣି ନିଷ୍ପେଶିତ, ଅବହେଳିତ, ନିଷ୍କ୍ରିୟ
ନିଷ୍ପ୍ରଭ ମୋ' ଜ୍ୟୋତି
ଭୋକରେ ଆଉଟୁ ପାଉଟୁ ଦାଦନ ଶ୍ରମିକ;
ମୁଠାଏ ଭାତ ପାଇଁ ଆହାର କେନ୍ଦ୍ରର
ଲମ୍ବା ଧାଡିରେ ଚିତ୍କାର କରୁଥିବା
ମୁଁ ଜଣେ କୋଣଠେଶା ଅଜଣା ମଣିଷ;
ପେଟ ବିକଳରେ ନିଜର ରକ୍ତକୁ ବିକୁଥିବା
ଅପପୁଷ୍ଟିର ଲେଲିହାନ ଶିଖାରୁ
ହାଡ ମାଂସର ପାଉଁଶ ସାଉଁଟୁ ଥିବା,
ପ୍ରତି ମୁହୂର୍ତ୍ତରେ ମୃତ୍ୟୁର ସ୍ୱାଦ ଚାଖୁଥିବା
ମୁଁ ଜଣେ ନିହାତି ଅସହାୟ ଓ ବିକଳାଙ୍ଗ ବାପ ।


♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧




## ସମସ୍ୟା ଓ ସମାଧାନ

### ପ୍ରଦୀପ୍ତ ଆଚାର୍ଯ୍ୟ

ଏହି ଦୁନିଆରେ, ନାହିଁ କେହି ଜଣେ,
ସମସ୍ୟା ଯାହାର ନାହିଁ,
ସମୟ ସ୍ରୋତରେ, ଜୀବନ ପଥରେ,
ବାରମ୍ବାର ଆସିଥାଇ।
ସମସ୍ୟା ଚାପରେ, ହତୋତ୍ସାହ ହେଲେ,
ବୋଝ ତାହା ହୋଇଯିବ,
ଧୈର୍ଯ୍ୟର ସହିତ, ମୁକାବିଲା କଲେ,
ଅଚିରେ ହାଲୁକା ହେବ।
ସମସ୍ୟା ଆସିବ, ସମାଧାନ ହେବ,
ଗତାନୁଗତିକ ଧାରା,
ସମାଧାନ ସୂତ୍ର, ନିଶ୍ଚେ ବାହାରିବ,
ଈଶ୍ୱର ଚିନ୍ତନ ଦ୍ୱାରା।


♥ ଶିକ୍ଷାବିତ୍,
ଈଶାଣୀ ବ୍ରହ୍ମପୁର, କଟକ
ମୋ: ୬୩୭୧୫୯୩୨୨୦


## ପ୍ରେମର ମୁଠାଏ ପାଉଁଶ

### ତପନ ସାହୁ



ଜଳି ଗଲା ପରେ
ଆଉ କଣ ରହିବ ଯେ
ପ୍ରେମ ହୋଇଯାଏ ମୁଠାଏ ପବିତ୍ର ପାଉଁଶ
ଧୂଆଁ ଧୂଆଁ କିଛି ଜାଗା
ଦରପୋଡ଼ା କଞ୍ଚା ସମ୍ପର୍କ !!

ତୁମେ ପରା ମୁଖାଗ୍ନି ଦେଲ
ଟିକେ ବି ଦୟା ଲାଗିଲାନି କି ତୁମକୁ ?
ଜାଳି ଦେବାକୁ ମୋ ଜୀବନ୍ତ ଶରୀର!!

ପାଉଁଶ ଟିକେ ଉତ୍ତପ୍ତ
ଥିଲା ବୋଲି ସହିଲାନି
ତୁମ ପଥର ହୃଦୟ
ପୁଣି ଆସିଗଲ କରିବାକୁ ଶୀତଳ !!

ଏଇ ଦେଖ ଯୋଉ ଜାଗାରୁ
ଧୂଆଁ ଉଠୁଛି ତାହା ମୋ ଦରପୋଡ଼ା ହୃଦୟ
ମୁଁ ତ ଜଳି ଗଲି ମୋ ହୃଦୟ ଜଳୁନି
ତମେ ଜାଣିଛ କାହିଁକି ?
ତମେ ଏବେ ବି ସୁରକ୍ଷିତ,

ମୋ ହୃଦୟ ଭିତରେ ତୁମେ ଅଛ ବୋଲି
ମୋ ପ୍ରେମର ଛାଉଣୀ
ତା ଭିତରେ ତୁମେ ନିର୍ଭୟ, ନିଶ୍ଚିନ୍ତ !!

ଗୋଟେ ହିଁ ରହିଗଲା ଅବଶୋଷ,
ଦେଖି ପାରିଲିନି ଚେହେରା ତୁମର
ଜୀବନଠୁ ସମ୍ପର୍କ ଛିଣ୍ଡିଲା ପରେ
ମୁଁ ଏବେ ମୃତ ।

ବାଟ ଭୁଲି ମଶାଣି ପଟେ
ଯଦି କେବେ ଆସିବ
ଝରେଇଦବ ଦି ଟୋପା ଲୁହ
ଅର୍ଦ୍ଧଦଗ୍ଧ ହୃଦୟ ହୋଇଯିବ ଶାନ୍ତ
ମୁଁ ଚାହେଁନା ମୁକ୍ତି ତୁମଠୁ
ମୁଁ ଚାହେଁ କେବଳ
ତୁମ ପ୍ରେମସିକ୍ତ ଲୋତକର ସ୍ପର୍ଶ !!!


♥ ଏମ୍.ରାମପୁର, କଳାହାଣ୍ଡି
ମୋ: ୯୦୧୯୩୧୧୮୬୮


## ବର୍ଷାନ୍ତ !!

### ଉମେଶ ଚନ୍ଦ୍ର ମହାନ୍ତି

ଫଗୁଣରେ ଫଗୁବୋଳି
ମଳୟଟା ଲମ୍ଭେଇ ଲମ୍ଭେଇ ପଶିଥିଲା
ବିଚିତ୍ରବର୍ଣ୍ଣା ରୋଷଣୀରେ,
ପ୍ରେମର ବର୍ଣ୍ଣାଳୀ ଖୋଲିଛି
ଅସହାୟ ଅନ୍ଧକାରେ
ତଥାପି
ହୃଦୟତଳେ ମନଜଳେ।
ବୈଧବ୍ୟ ଯନ୍ତ୍ରଣାରୁ ମୁକୁଳିଛି
ଏବେ ଏବେ ପୃଥିବୀ
ଝଞ୍ଜ ପିଟା ଝାଞ୍ଜି
ହଜେଇ ଦେଇଛି
ଫଗୁଣର ରଙ୍ଗକୁ
ଅଥଚ
ମହା ମିଳନର ମହାତୀର୍ଥରେ
ନୂନା ନୂନା ହସ ମଧ୍ୟେ,
ଓଡ଼ିଆଣୀ ପାଳେ
ନୂଆ ବରଷର
ପଣା ସଂକ୍ରାନ୍ତି।


♥ କୁପାରି, ବାଲେଶ୍ୱର
ମୋ:୯୫୫୬୬୬୮୮୮୮


## ମୁଁ କବିର କଲମ

### ପ୍ରଶାନ୍ତ କୁମାର ନାଥ



କେତେ ଗଳ୍ପ ଆଉ କାହାଣୀ ଲେଖିଛି
ହିସାବ ତାହାର ନାହିଁ
ପ୍ରେମିକ ମନର ଅକୁହା କଥାକୁ
ଗୀତରେ ଦେଇଛିକହି ।

ଆଙ୍କିଛି ଅନେକ ଗାଆଁ ପ୍ରତିଛବି
କାହାମନେ ଡାଏରୀରେ
ପୁରୁଣା ସ୍ମୃତିକୁ ଜୀବିତ କରିଛି
କାହା ମନ ଆଇନାରେ ।

ପ୍ରେମ ଭାବନାକୁ ଆଙ୍କି ମୁଁ ଦେଇଛି
ହୃଦୟର କାଗଜରେ
କା' ପାଇଁ ଲେଖିଛି ବିରହ କବିତା
ଧୋକା ଖାଇଗଲା ପରେ ।

ଫୁଟିଛି କେବେ ମୁଁ ଫୁଲଟିଏ ହୋଇ
ଧରଣୀର ବୁକୁ ଫାଡି
କଣ୍ଟାଟିଏ ହୋଇ ଛାତିରୁ କାହାର
ଦେଇଛି ରକ୍ତ ନିଗାଡି ।

ଗରିବ ମନର ଅକୁହା କଥାକୁ
ପ୍ରକାଶ କରିଛି କେତେ
ଚୋରଖଣ୍ଟଙ୍କର କଳାକାରନାମା
ଆଣିଛି ପଦାକୁ ଯେତେ ।

ଦୁର୍ନୀତି ବିରୁଧେ ଲଢେଇ କରିଛି
ମନରେ ସାହାସ ବାନ୍ଧି
ଦୁନିଆଁର ଏହି ବିଚିତ୍ର ନ୍ୟାୟରେ
ମଉନେ ରଖିଛି କାନ୍ଦି ।
ବର୍ଣ୍ଣନା କରିଛି ପ୍ରିୟାର ରୂପକୁ
ଜହ୍ନ ଆଲୁଅରେ ବସି
ଦୁଃଖୀ ମଣିଷର ଜୀବନରେ ପୁଣି
ସାଜିଛି ଅନେକ ଖୁସି ।

ଦୁଃଖୀନି ମାଆର ଛାତିର କୋହକୁ
କାଗଜେ କରିଛି ଲୁହ
ସେହି କାଗଜରେ ଦେଖାଇଛି ଆଣି
ଦୁଃଖୀ ଦରିଦ୍ରଙ୍କ ମୁହଁ ।

କେତେ ଇତିହାସ ଗୌରବର ଗାଥା
ଆଙ୍କିଛି ମୁନରେ ମୋର
କବି ଯଦି ହୁଏଶିଳ୍ପୀ ଯେ ଗୋଟିଏ
ମୁଁ ଅଟେ ନିହାଣତାର ।


♥ ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
ମୋ-୦୮୮୯୨୩୦୧୧୪୩


## ତଥାପି ମୁଁ ବଞ୍ଚିବାକୁ ଚାହେଁ...

### ଜୟରୁଧର ବେହେରା



ଯେତେବେଳେ ତୁମ
ଅନୁସନ୍ଧାନୀ ଆଖି ଦ୍ୱୟ
ମୋତେ ନିରେଖି ନିରେଖି ଦେଖେ
ମୋ ଆବେଗପୂର୍ଣ୍ଣ ଚେହେରା
କଳାପଡ଼ି ମଳିନ ମଳିନ
ଜଣାପଡେ.......
ତଥାପି ମୁଁ ବଞ୍ଚିବାକୁ ଚାହେଁ...!!
ମୁଁ ଅନୁଭବ କରେ
ଅଶାନ୍ତ ସମୁଦ୍ରର
ଗର୍ଜନ ଭିତରେ
ଫେନିଳ ଢେଉ ଗୁଡ଼ିକ
ନତମସ୍ତକ ହୋଇ
ବାଲୁକା ଶଯ୍ୟାରେ
ମଥାପିଟି
ରକ୍ତାକ୍ତ ଓ ରକ୍ତସ୍ରାବ ଶରୀର ନେଇ,
ଫେରିଯାଆନ୍ତି
ପଛକୁ ପଛକୁ
ଅଧିକରୁ ଅଧିକକୁ
ଶାନ୍ତ, ସରଳ, ନିଷ୍କପଟ
ଭାବ ଓ ଆବେଗରେ......
ତଥାପି ମୁଁ ବଞ୍ଚିବାକୁ ଚାହେଁ.....!!
ଲାଗେ ଯେପରି
ମୋ' ଚିନ୍ତା ଓ ଚେତନାରେ
ଜ୍ୱଳନ୍ତ ଅଗ୍ନି କଣିକା ଗୁଡ଼ିକ
ଧିମେଇ ଧିମେଇ
ନିଜକୁ ବୁଡ଼ାଇ ଦିଏ
ତୁମ ଉପସ୍ଥିତିର
କାକର ବିନ୍ଦୁରେ
ତଳିରୁ ତଳିପା ଯାଏଁ
ତଲୀନ ତରଳ ସିନ୍ଧୁରେ
ବୁନ୍ଦା ବୁନ୍ଦା
ସୁନେଲି ଫେଣରେ...
ତଥାପି ମୁଁ ବଞ୍ଚିବାକୁ ଚାହେଁ...!!


♥ ଓଡ଼ିଆ ଶିକ୍ଷକ,
ଜବାହର ନବୋଦୟ ବିଦ୍ୟାଳୟ
ପାରଳାଖେମୁଣ୍ଡି,ଗଜପତି(ଓଡ଼ିଶା)
ମୋ: ୯୪୩୭୭୮୮୪୬୪




## ଅସହାୟ

### ପୁଷ୍ପାଞ୍ଜଳି ମିଶ୍ର

କଳ୍ପନା କରୁଛ କି
ଚାଲି ଚାଲି ଥକି ପଡିଲିଣି
କେତେ ବାଟରୁ ଆସିଲିଣି
ପୁଣି ଯିବାକୁ ଅଛି
କେତେ କିଏ କହିବ
କେଉଁଠୁ ଆସିଲି ପୁଣି
ଯିବି କେଉଁ ଠାକୁ
ହିସାବ ତ ରଖିନି
କି କେବେ ଖୋଜି ନାହିଁ
ଖାଲି ଯାହା ଭାବପ୍ରବଣତା
ବେଳ ନାହିଁ ଠିଆ ହୋଇ
କାହା କଥା ଶୁଣି ବାକୁ
ସବୁଠି ତ ଅଙ୍ଗ କଷା
ବଳ କଷା ଆଉ ବୁଦ୍ଧି କଷା
ସ୍ୱଚ୍ଛ ପାଣିରେ ବି
ମୁହଁ ଦେଖା ଯାଉନି
ଜୀବନ ପରି ଲମ୍ବା ପ୍ଲାଟଫର୍ମରେ
ଚାଲିବାକୁ ତ ହେବ
ସମୟକୁ ଅପେକ୍ଷା ନ କରି
ପହଞ୍ଚିବାକୁ ପଡିବ
ସବୁ ବାଧା ବନ୍ଧନକୁ ଡେଇଁ
ନିଜର ଭାବନାକୁ ନେଇ
ନିଜ ଛାଇ କି ଦେଖି ଦେଖି
ନିଶବ୍ଦ ଗମ୍ଭୀର ତା ଭିତରେ
ନିଜ ଦୁଃଖର ମାପ କାଠିକୁ
ମାପି ମାପି
ନିଜ ଆଖି ଲୁହକୁ
ପିଇ ପିଇ ଆଉ
କୋହକୁ ଚାପି ଚାପି
ଅସହାୟର ପାହାଡ ଉପରେ
ଠିଆ ହୋଇ
ଖାଲି ଯାହା ସବୁ
ରୀତି ସୀମାରେଖାକୁ ଡେଇଁ ।


♥ ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
ମୋ: ୯୫୫୬୬୪୩୯୨୧




## ବିବଶତା

### ପ୍ରବୀର କୁମାର ଦାସ

ପୀରତିର ଚାରାଟିକୁ
ଉଧେଇବାକୁ ଦେବନି
ମନର ମାଟିରେ ?

ଇଏ କ'ଣ ଲାଉ ଲଟା ଯେ
ମଡ଼େଇ ଦେବନି
ନଡା ଛପର ଚାଳରେ ?

ଭୁଲିଯାଅନା ଯେ
ହୃଦୟର ଚେର ଥାଏ

ମାଡିଯିବ ଗହୀରକୁ
ତୁମେ ଜାଣିନଥିବ କି
ଦେଖିନଥିବ

ଖାଲି ଅନୁଭବି
ଉପାଡି ଦେବାର ଯନ୍ତ୍ରଣା
ଆଉ
ରକ୍ତକ୍ଷରଣ ପରି
କିଛି ଆବେଗ-କ୍ଷରଣ


♥ ୨୭୬, ଶୁକ ବିହାର,
ଭୁବନେଶ୍ୱର-୨୨
ମୋ: ୮୮୪୭୮୬୮୦୫୦


## ତଫାତ୍

### ରତ୍ନକାନ୍ତି ମିଶ୍ର



ତୁମେ ଦେଖୁଛ ସଚରାଚର
ବେଢ଼ା ଭିତରେ, ବାହାରେ
ଯାହା ଅବ୍ୟକ୍ତ, ଅଦୃଶ୍ୟ
ଅସଂଲଗ୍ନ ଅଭିସାର।
ଶୁଣି ପାରୁଛ ସବୁ ଶବ୍ଦ
ପବନରେ ମିଶି ଯାଉଥିବା
ନୀରବ ଆର୍ତ୍ତନାଦ, ଏବଂ
ହୃଦୟର ସ୍ପନ୍ଦିତ ସ୍ୱର।

ଆମେ ଦେଖୁଛୁ ତୁମକୁ
ତୁମର ନିର୍ଲିପ୍ତ ଦୃଷ୍ଟିକୁ
ଧୂପ, ଦୀପ, ନୈବେଦ୍ୟ ସହ
ବାଢ଼ି ଦେଉଛୁ ଭକ୍ତି ଅର୍ଘ୍ୟ,
ଭାବରେ ଅଶ୍ରୁର ପ୍ଲାବନ,
ପ୍ରାଣରେ ସଞ୍ଚାରି ପାରୁଛୁ ବିଶ୍ୱାସ
ଉଚ୍ଚାରିତ ଶ୍ଳୋକର ମୂର୍ଚ୍ଛନାରେ
ଆମେ ମନ୍ତ୍ର ମୁଗ୍ଧ ।

ତୁମେ ସର୍ଜନା କରିଛ
ଆକାଶ, ଅଗ୍ନି, ସମୁଦ୍ର, ଅରଣ୍ୟ
ମାଟି, ପାଣି, ପବନ,
ଶବ୍ଦ ଧ୍ୱନି ଓଁକାର।

ଆମେ ତିଆରି କରିଛୁ
ଏକ ମୁହାଁ ମନ୍ଦିର, ଆଉ
ନିହାଣ ମୁନରେ ଖୋଦେଇ
ନିରବଦ୍ରଷ୍ଟା ଈଶ୍ୱର ।


♥ ଆଳି, କେନ୍ଦ୍ରାପଡା


## ଆସିଛି ବସନ୍ତ

### ସୁବ୍ରତ ମଲ୍ଲିକ



ଧରାରୁ ମେଲାଣି ଶୀତ ନେଇଗଲା
ବହିଲା ମଳୟ ପବନ,
ପ୍ରକୃତି ଡାକରେ ଋତୁରାଜ ଆସେ
ମହୀ ଦିଶେ ରାଜଭବନ ।
ଭଳି ଭଳି ଫୁଲ କାନନରେ ଫୁଟି
ସୁବାସ ତାହାର ବିତରେ,
ଆମ୍ବ ଗଛ ଡାଳେ ବଉଳର ଛବି
କେଡ଼େ ମନଲୋଭା ସତରେ !
ନାହିଁ ଖରା ତାତି ନାହିଁ ବର୍ଷା ଭୀତି
ମେଳା ମଉଛବ ସବୁଠି,
ଅଗିରା ପୁନେଇଁ, ଜାଗର ହେଉବା
ରଙ୍ଗର ପରବ ହୋଲିଟି ।
କୋଇଲିର କୁହୁ ଶୁଣିବାକୁ ମିଳେ
ଝଙ୍କାଳିଆ ଗଛ ଫାଙ୍କରୁ,
ମୁରୁକି ମୁରୁକି କୃଷ୍ଣଚୂଡା ହସେ
ଗାଆଁ ମୁଣ୍ଡ ପାଖ ବାଙ୍କରୁ ।
ଖୁସିର ପସରା ସଭିଙ୍କର ପାଇଁ
ବସନ୍ତ ଆଣିଛି ସାଥିରେ,
ମିଳିମିଶି ଚାଲ ସ୍ୱାଗତ କରିବା
ଗୀତ ଗାଇ ଝୁମି ନାଚିରେ ।


♥ କୋରୁଆ, ଅସୁରାଳି, ଭଦ୍ରକ


## ଭଗତ ସିଂହ

### ଅରୂପ କୁମାର ବିଶ୍ୱାଳ



ଆହେ ବୀର ଶହୀଦ ଭଗତ ସିଂହ
ଭାରତର ଗର୍ବ ତୁମେ,
ତୁମେ ଦେଶ ଭକ୍ତ ଏଇ ମାଟି ପାଇଁ
ଜାଗ୍ରତ ଥିଲ କର୍ମେ।
ଡାୟାର ଗୁଳିରେ ଜାଲିଓ୍ୱାନା ବାଗ୍
ରକ୍ତର ହୋଲି ଦେଖି,
ପଣ କରିଥିଲ ନେବ ପ୍ରତିଶୋଧ
ରଖିବନି କିଛି ବାକି ।
ଫିରଙ୍ଗି ଶାସକ ଆସ୍ଥାନ ଥରାଇ
ଅସହଯୋଗରେ ମାତି,
ବିବାହ ପ୍ରସ୍ତାବ ମାଆଙ୍କର ତୁମେ
କରିଦେଇଥିଲ ମନା,
ସ୍ୱାଧିନତା ତୁମ ମାନସ କନ୍ୟା
ଏଇ ଯେ ତୁମ ଭବନା ।
ଚୌରିଚୌରାରେ ସତର ପୋଲିସ
ଜିଅନ୍ତା ଦେଲ ଜଳାଇ,
ଛଦ୍ମବେଶେ ଯାଇ ସଣ୍ଡର୍ସକୁ ମାରିଲ
ନିଜେ ବନ୍ଧୁକ ଚଳାଇ ।
ଜେଲରେ ରହି ପୁସ୍ତକ ପଢିଲ
ବୀରମାନଙ୍କ ଜୀବନୀ,
ଫାଶୀ ପାଇବାର ଦିନ ପଢୁଥିଲ
ଲେଲିନ୍‌ଙ୍କ କାହାଣୀ ।
ଫାଶୀ ବେଳ ଯେବେ ଆସିଲା ପାଖେଇ
ଢାଙ୍କିବନି ନିଜ ମୁହଁ,
ଇନ୍ କିଲାବ ଜିନ୍ଦାବାଦ କହି
ଶହୀଦ୍ ହେ ଦେଶ ପ୍ରିୟ ।
ଭଗତ ସିଂହ ହେ ଚିର ଅମର ଯେ
ବୀର ପୁତ୍ର ଭାରତର,
ଦୁର୍ଦ୍ଧର୍ଷ ଇଂରେଜ କଲା ମଥାନତ
ନାହିଁ ତୁମ ପଟାନ୍ତର।


♥ ସହକାରୀ ଶିକ୍ଷକ
ଏନ୍.ଏ.ସି ବାଳିକା ଉଚ୍ଚ ବିଦ୍ୟାଳୟ
ପାରାଦୀପ,
ମୋ-୯୦୪୦୮୭୦୧୦୦


## ନାହିଁ ଅଧିକାର

### ସୁଚିତ୍ରା ପାତ୍ର



ହେ ପ୍ରେମ !
ତୋତେ ନିଜର କଲି ବୋଲି,
ଏ ସମାଜେ ବଞ୍ଚିବାର ନାହିଁ ମୋର ଅଧିକାର
ଦେବୁ କି ଥରେ ମୋ ପ୍ରଶ୍ନର ସଠିକ୍ ଉତ୍ତର ?
ଏ ଦୁନିଆରେ ସବୁ ପ୍ରେମୀ କରନ୍ତି ତୋତେ ନିଜର
ତଥାପି ତୁ କେମିତି ସାଜୁ ସମାଜେ ପାତ୍ର ଘୃଣାର ?

ହେ ପ୍ରେମ !
ଯଦି ତୋତେ ନ ଆଦରି କରିଥାନ୍ତି ହତାଦର
ମୋ ସାଥି କହିଥାନ୍ତା ବେଇମାନି ତୁ ପ୍ରେମିକା ମୋର
ପ୍ରେମରେ ବଞ୍ଚିବାକୁ ପୁଣି ମରିବାକୁ ନାହିଁ ମୋର ଅଧିକାର ।


♥ ଜୈରତ, କିଶୋରନଗର, ଅନୁଗୁଳ-୭୫୯୧୨୬
ମୋ: ୮୪୫୭୯୯୫୬୩୦


## ଅନୁଭୂତିରେ ସାହିତ୍ୟ

### ରଶ୍ମୀବାଳା ଶତପଥୀ



ହେ ସାହିତ୍ୟ,
ଅବ୍ୟକ୍ତ ମନର ଭାବନା ତମେ
ନୟନର ଅଶ୍ରୁଧାରାରେ ତମେ
ବାରିଧିରେ ଆଶାରେ ଜୁଆର ତମେ
ନଭର ଉଜ୍ଜ୍ୱଳତମ ଜ୍ୟୋତିଷ୍କ ତମେ ।

ହେ ସାହିତ୍ୟ,
ପକ୍ଷୀ କାକଳିର ମଧୁର ଧ୍ୱନିରେ ତମେ
ଶିଶୁଟିର ପ୍ରଥମ କ୍ରନ୍ଦନ ଶବ୍ଦରେ ତମେ
ନିଶବ୍ଦ ରାତ୍ରିର ଅଜସ୍ର ଚିନ୍ତାଧାରା ତମେ
ଶାନ୍ତ ସ୍ନିଗ୍ଧ ହୃଦୟର ବାର୍ତ୍ତାରେ ତମେ ।

ହେ ସାହିତ୍ୟ,
ସୃଷ୍ଟିର ଆଦ୍ୟର ଓଁ କାର ଧ୍ୱନି ତମେ
ସୃଷ୍ଟିର ବିଲୟର ତାଣ୍ଡବରେ ତମେ
ଅବିରାମ ଗତିର ପ୍ରବାହଶୀଳ ତମେ
ସମୟ ସୁଅର ପ୍ରକାଶଭଙ୍ଗୀରେ ତମେ।

ହେ ସାହିତ୍ୟ,
ବିଭିନ୍ନ ଯୁଗର ଅୟମାରମ୍ଭ ତମେ
ସାହିତ୍ୟିକଙ୍କର ଦିଗ୍‌ଦର୍ଶନ ତମେ
ମହାରଥୀଙ୍କ ଲେଖନୀରେ ତମେ
ଯୁଗସ୍ରଷ୍ଟା ପ୍ରବର୍ତ୍ତକଙ୍କ ଭାବନାରେ ତମେ ।

ହେ ସାହିତ୍ୟ,
ବିଶ୍ୱ ଭାତୃତ୍ୱର ପରିଚାୟକ ତମେ
ଅନ୍ଧକାରରେ ଆଶାର କିରଣଟେ ତମେ
ତୁମ ବିନୁ ଏ ସଂସାର ମରୁଶୁଷ୍କ ପ୍ରାୟ
ତୁମ ଆଗମନେ ସଂସାର ସବୁଜିମାମୟ।


♥ ସ୍ଥାନ - ଯାଜପୁର ଟାଉନ୍,
ଯାଜପୁର

# ପାର୍ଟି କଂଗ୍ରେସରେ ଯୋଗଦେବା ପାଇଁ ଓଡିଶାରୁ ସି.ପି.ଆଇ.(ଏମ୍) ପ୍ରତିନିଧି ଦଳର କନ୍ନୁର ଯାତ୍ରା

ଭୁବନେଶ୍ୱର,୦୪/୦୪ (ନି.ପ୍ର): କେରଳର କନ୍ନୁରଠାରେ ଏପ୍ରିଲ ୬ ତାରିଖରୁ ୧୦ ତାରିଖ ଅନୁଷ୍ଠିତ ହେଉଥିବା ସି.ପି.ଆଇ.(ଏମ୍)ର ୨୩ତମ ପାର୍ଟି କଂଗ୍ରେସରେ ଯୋଗ ଦେବା ପାଇଁ ୯ ଜଣିଆ ପ୍ରତିନିଧି ଦଳ ଆଜି କେନ୍ଦ୍ର କମିଟି ସଭ୍ୟ ଅଲି କିଶୋର ପଟ୍ଟନାୟକଙ୍କ ନେତୃତ୍ୱରେ ଯାତ୍ରା କରିଛନ୍ତି । ଏହି ପ୍ରତିନିଧି ଦଳରେ ଶ୍ରୀ ଅଲି କିଶୋର ପଟ୍ଟନାୟକଙ୍କ ସମେତ ଅନ୍ୟ ୬ ଜଣ ପ୍ରତିନିଧି ଯଥା ଶ୍ରୀ ଜନାର୍ଦ୍ଦନ ପତି , ସନ୍ତୋଷ ଦାସ, ପୁଷ୍ପା ଦାଶ, ସୁରେଶ ପାଣିଗ୍ରାହୀ, ଦୁଷ୍ମନ୍ତ ଦାସ ଓ ସାଲ ମାର୍ଣ୍ଡି ଏବଂ ଅନ୍ୟ ୨ ଜଣ ଦର୍ଶକ ଶ୍ରୀ ପ୍ରମୋଦ କୁମାର ସାମଲ ଓ ବସନ୍ତ ମାଝୀ ଅନ୍ତର୍ଭୁକ୍ତ । ଆର୍ନ୍ତଜାତୀୟ ଓ ଜାତୀୟ କ୍ଷେତ୍ରରେ ଦେଖା ଦେଇଥିବା ଘଡିସନ୍ଧି ମୁହୂର୍ତରେ ବିଶେଷ କରି ଆମ ଦେଶରେ ଦେଖାଦେଇଥିବା ଲଗାମ ଛଡା ଦରବୃଦ୍ଧି , ବେକାରୀ ଓ ନବ୍ୟ ଉଦାରବାଦୀ ଅର୍ଥନୀତିର କୁପ୍ରଭାବ ଓ ସାଂପ୍ରଦାୟିକ ଆକ୍ରମଣ ବିରୋଧରେ ଏକ ପ୍ରକୃତ ଜନବାଦୀ ବିକଳ୍ପ ଗଢିତୋଳିବା ପାଇଁ ଏହି କଂଗ୍ରେସ ପଥ ନିର୍ଦ୍ଧାରଣ କରିବ । ଏହି କଂଗ୍ରେସର ନିର୍ଦ୍ଧାରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆଗାମୀ ଏପ୍ରିଲ ୬ ତାରିଖରେ ଏହା ଆରମ୍ଭ ହେଉଥିବାରୁ ସେହିଦିନ ପାର୍ଟିର ପ୍ରତ୍ୟେକଟି ଶାଖା ପାର୍ଟି କାର୍ଯ୍ୟାଳୟ ଏବଂ ଅଂଚଳର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପାର୍ଟି ପତାକା ଉତୋଳନ କରାଯିବ ।

# ବରଗଡ଼-ଭୁବନେଶ୍ୱର ସକାଳୁଆ ଟ୍ରେନ୍ କେବେ ?

ବରଗଡ଼,୦୪/୦୪ (ନି.ପ୍ର): ଦାବି, ଚର୍ଚ୍ଚା ଏବଂ ଆଲୋଚନା ଭିତରେ ବରଗଡ଼ରୁ ଭୁବନେଶ୍ୱରକୁ ସକାଳୁଆ ଟ୍ରେନ୍ ସେବା ସୀମିତ ରହିଛି । ସ୍ଥାନୀୟ ରେଳ ଉପଭୋକ୍ତା କମିଟି ଏବଂ ବୁଦ୍ଧିଜୀବୀ ଏହି ପ୍ରସଂଗ ନେଇ ରେଳ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବାରମ୍ବାର ଆଲୋଚନା କରିଛନ୍ତି । ଏପରିକି ସ୍ଥାନୀୟ ଜନପ୍ରତିନିଧିଙ୍କୁ ସାଂଗରେ ନେଇ ଦାବି ଉପସ୍ଥାପନ ସରିଛି । କିନ୍ତୁ ଏହି ପ୍ରତିକ୍ଷିତ ଟ୍ରେନ୍ ସେବା ଆରମ୍ଭ ହୋଇନାହିଁ । ଫଳରେ ବରଗଡ଼ ଜିଲ୍ଲାବାସୀଙ୍କୁ ରାଜଧାନୀକୁ ଟ୍ରେନ୍ ଧରିବା ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ରାଜଧାନୀକୁ ଜରୁରୀ କାମରେ ଯିବାକୁ ହେଲେ ସିଧା ସମ୍ବଲପୁର ଯାଇ ଟ୍ରେନ୍ ଧରିବାକୁ ପଡ଼ିଥାଏ । ତେବେ କରୋନା କଟକଣା ଦିନରୁ ସକାଳୁ ୬ଟା ବାହାରୁଥିବା ସମ୍ବଲପୁର-ପୁରୀ ଇଣ୍ଟରସିଟି ଟ୍ରେନ୍ ବନ୍ଦ ଅଛି । ଫଳରେ ବରଗଡ଼ର ଯାତ୍ରୀଙ୍କୁ ବହୁ ଅସୁବିଧା ଭୋଗିବାକୁ ପଡୁଛି । ଆସନ୍ତା ୧୦ ତାରିଖରୁ ସମ୍ବଲପୁର-ପୁରୀ ଇଣ୍ଟରସିଟି ଚଳାଚଳ କରିବ । କିନ୍ତୁ ଏହାଦ୍ୱାରା ବରଗଡ଼ବାସୀ ସେହି ପୁରୁଣା ଅସୁବିଧା ଭୋଗିବାକୁ ପୁଣି ବାଧ ହେବେ । ଏହି ଟ୍ରେନ୍ ?କୁ ବରଗଡ଼କୁ ସଂପ୍ରସାରିତ କରିବାକୁ ଯୋଜନା ରହିଛି । କିନ୍ତୁ ତାହା କେବେ ଫଳବତୀ ହେବ ଜଣାପଡୁନାହିଁ । ସକାଳୁ ବରଗଡ଼ରୁ ରାଜଧାନୀକୁ କେବଳ ସାପ୍ତାହିକ ଟ୍ରେନ୍ ? ଚଳାଚଳ କରୁଛି । କରୋନା କଟକଣା ହଟିବା ପରେ, ରବିବାର ସକାଳ ୬.୪୦ରେ ଗାନ୍ଧୀଧାମ-ପୁରୀ, ସୋମବାର ସକାଳ ୮ଟାରେ ଏଲ୍‌ଟିଟି-ପୁରୀ ଓ ୧୦.୧୨ଟାରେ ଅହମଦାବାଦ୍-ପୁରୀ, ବୁଧବାର ସକାଳ ୬.୪୦ରେ ଯୋଧପୁର-ପୁରୀ, ଗୁରୁବାର ଓ ଶନିବାର ସକାଳ ୬.୪୦ରେ ଅଜମେର-ପୁରୀ ଟ୍ରେନ୍ ଚଳାଚଳ କରୁଛି । କିନ୍ତୁ ଏସବୁ ଟ୍ରେନ୍ ଦୂରଗାମୀ ଥିବାରୁ ବରଗଡ଼ରୁ ସିଟ୍ ଟିଏ ପାଇବା କାଠିକର ପାଠ । କାରଣ ଏସବୁ ଟ୍ରେନ୍‌ରେ ପର୍ଯ୍ୟପ୍ତ ସ୍ଲିପର କ୍ଲାସ୍ ରହିଛି । କିନ୍ତୁ ସକାଳୁ ରାଜଧାନୀ ଯାଉଥିବା ଲୋକ ସ୍ଲିପରରେ ଶୋଇ ଯାତ୍ରା କରିବା ମୁସ୍କିଲ । ଏଣେ ଅଯଥାରେ ଏଥିପାଇଁ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ଗୁରୁତ୍ୱପୂର୍ଣ୍ଣ କଥା, ଜରୁରୀ କାମ ପାଇଁ ରାଜଧାନୀ ଯିବାକୁ ଥିବା ଲୋକେ ଟିକଟ୍ ପାଇବେ କେମିତି ? କାରଣ ଏସବୁ ଦୂରଗାମୀ ଟ୍ରେନ୍ ?ରେ ସପ୍ତାହେ ପୂର୍ବରୁ ବୁକିଂ କଲେ ବି ଟିକଟ୍ ଉପଲବ୍ଧ ରହୁନାହିଁ । ତେଣୁ ଜେନେରାଲ୍ ବଗିରେ ଛିଡ଼ା ହୋଇ ଭୁବନେଶ୍ୱର ଯାଏଁ ଲୋକେ ଯାତ୍ରା କରୁଥିବା ଦେଖାଯାଉଛି । ବର୍ତମାନ ବରଗଡ଼ରୁ ଭୁବନେଶ୍ୱରକୁ ସହଜ ଯାତ୍ରା ହେଲା ବଲାଂଗୀର-ଭୁବନେଶ୍ୱର ସୁପରଫାଷ୍ଟରେ । କିନ୍ତୁ ଏହା ଅପରାହ୍ଣ ୪ଟାରେ ବରଗଡ଼ ଅତିକ୍ରମ କରୁଛି । ସକାଳୁଆ ଟ୍ରେନ୍ ସୁବିଧା ନଥିବାରୁ ଆସନ୍ତା ୧୦ ତାରିଖରୁ ସମ୍ବଲପୁର-ପୁରୀ ଏକ୍ସପ୍ରେସ୍ ହିଁ ଭରସା । କିନ୍ତୁ ଏହି ଟ୍ରେନ୍ ଧରିବାକୁ ଲୋକଙ୍କୁ ବହେ କସରତ କରିବାକୁ ପଡ଼ିବ । ପ୍ରଥମେ ବରଗଡ଼ରୁ ସମ୍ବଲପୁର ବସ୍‌ଯାତ୍ରା । ବସ୍‌ଷ୍ଟାଣ୍ଡରୁ ପୁଣି ଅଟୋ ଧରି କ୍ଷେତରାଜପୁର ଷ୍ଟେସନ୍ ଯିବାକୁ ପଡ଼ିବ । ଏସବୁ ଘୋର ଅସୁବିଧା ଭିତରେ ବରଗଡ଼ବାସୀଙ୍କ ଦୀର୍ଘ ଦିନର ଦାବି ଅପୂରଣୀୟ ହୋଇ ରହିଛି ।

# ସୂଚନା ଓ ଲୋକ ସଂପର୍କ ବିଭାଗ କର୍ମଚାରୀ କଲ୍ୟାଣ ସମିତି ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଭୁବନେଶ୍ୱର ,୦୪/୦୪ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗର କର୍ମଚାରୀ କଲ୍ୟାଣ ସମିତି ତରଫରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭାଗତକାଲି ଅପରାହ୍ଣରେ ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେଅନୁଷ୍ଠିତ ହୋଇଯାଇଛି । ଗତ ମାର୍ଚ୍ଚ ମାସ ୩୧ ତାରିଖରେ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ମାନସ ରଂଜନ ବିଶ୍ୱାଳ, ସୂଚନା ଅଧିକାରୀ ଶ୍ରୀ ସଚ୍ଚିଦାନନ୍ଦ ବେହେରା , ୪ର୍ଥ ଶ୍ରେଣୀ କର୍ମଚାରୀ ଅଭୟ ପତ୍ରୀ ସରକାରୀ ଚାକିରୀରୁ ଅବସରଗ୍ରହଣ ପରିପ୍ରେକ୍ଷୀରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ବିଭାଗର ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ ଅବସରଗ୍ରହଣ କରିଥିବା ଏହି ଅଧିକାରୀ ଓ କର୍ମଚାରୀମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରି ସେମାନଙ୍କର ଅବସରକାଳୀନ ସୁସ୍ଥ ଓ ଦୀର୍ଘ ଜୀବନ କାମନା କରିଥିଲେ ।

ସୂଚନା ଯୋଗ୍ୟ ଯେ ଅବସରଗ୍ରହଣ କରିଥିବା ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ବିଶ୍ୱାଳ ପୂର୍ବରୁ ବୌଦ୍ଧ, ଢେଙ୍କାନାଳ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଭାବେ କାର୍ଯ୍ୟକରି ଶେଷରେ ବିଭାଗୀୟ ବିଭିନ୍ନ ପଦନ୍ନୋତି ପରେ ଅତିରିକ୍ତ ନିର୍ଦ୍ଦେଶକ ପଦବୀରେ ଅବସ୍ଥାପିତ ହୋଇ ଅବସରଗ୍ରହଣ କରିଛନ୍ତି । ସେହିପରି ସୂଚନା ଅଧିକାରୀ ଶ୍ରୀ ବେହେରା ବିଭିନ୍ନ ଜିଲ୍ଲାରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀଏବଂ ରାଜ୍ୟ ସରକାରଙ୍କ ପଂଚାୟତିରାଜ ଓ ପାନୀୟଜଳ ବିଭାଗ, ଗୃହ ଓ ନଗର ଉନ୍ନୟନ, ଆଇନ୍, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ସୂଚନା ଅଧିକାରୀଭାବେ ସୁଚାରୁରୂପେ କାର୍ଯ୍ୟ ସଂପାଦନ କରିଥିଲେ ।

ଏହି ସଭାରେବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ, ଉପ ନିର୍ଦ୍ଦେଶିକା-ଗବେଷଣା,ତଥ୍ୟ, ସଂରକ୍ଷଣ ଓ ସଂରଚନା ଶାଖା ଶ୍ରୀମତୀ ସ୍ମିତା କର, ସହକାରୀ ନିର୍ଦ୍ଦେଶିକା(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶିନୀ ଓ ଅନ୍ୟ କର୍ମଚାରୀମାନେ ଯୋଗ ଦେଇ ଅବସରଗ୍ରହଣ କରିଥିବା ଉପରୋକ୍ତ ଅଧିକାରୀ ଓ କର୍ମଚାରୀ ବିଭାଗୀୟ କାର୍ଯ୍ୟାବଳୀକୁ ନିଜ ନିଜ ସ୍ତରରେ କିପରି ସୁଚାରୁରୂପେ ସମ୍ପାଦନ କରୁଥିଲେ, ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।ଅବସରଗ୍ରହଣ କରିଥିବା ଅଧିକାରୀ ଦ୍ୱୟ ଓ କର୍ମଚାରୀ ବିଭାଗରେ ଦୀର୍ଘ ଦିନ ଧରି ନିଷ୍ଠାର ସହ କାର୍ଯ୍ୟ ସଂପାଦନ ସଂପର୍କରେ ନିଜ ନିଜର ଅନୁଭୂତି ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ(ବୈଷୟିକ) ଶ୍ରୀ ସୁରେନ୍ଦ୍ରନାଥ ପରିଡା, ଯୁଗ୍ମ ଶାସନ ସଚିବ ଶ୍ରୀମତୀ ବିଷ୍ଣୁପ୍ରିୟା ସାହୁ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ମାନସ ରଞ୍ଜନ ଖୁଣ୍ଟିଆଙ୍କ ସମେତ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀ, ଉପ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଭୁବନେଶ୍ୱରରେ ଏକଦିବସୀୟ ଧର୍ମ ସମ୍ମିଳନୀ

ଭୁବନେଶ୍ୱର,୦୪/୦୪ (ନି.ପ୍ର): ସ୍ଥାନୀୟ ଭୁବନେଶ୍ୱରସ୍ଥିତ ଇଡ଼କଲ ଅଡ଼ିଟୋରିୟମ ଠାରେ ଆଗାମୀ ଏପ୍ରିଲ୍ ୩୦ ଏବଂ ମେ' ୧ ତାରିଖରେ ସାଂଚିଠାରେ ହେବାକୁ ଥିବା ଆନ୍ତର୍ଜାତିକ ବିଶାଳ ଧର୍ମ ସଂଗତି ସମାରୋହକୁ ସଫଳ କରିବା ଉଦ୍ଦେଶ୍ୟରେ ଏକଦିବସୀୟ ଧର୍ମ ଶିବିର ବିପୁଳ ଜନସମାଗମରେ ଅନୁଷ୍ଠିତ ହୋଇଯାଇଛି । ସର୍ବପ୍ରଥମେ ଅତିଥିମାନଙ୍କ ଦ୍ୱାରା ତଥାଗତ ଗୌତମ ବୁଦ୍ଧ ଏବଂ ବୋଧିସତ୍ୱ ଡଃ ବାବାସାହେବ ଆମ୍ବେଦକରଙ୍କ ତୈଳଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ସାମୁହିକ ଭାବରେ ବୁଦ୍ଧବନ୍ଦନା ଗାନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ବୌଦ୍ଧ ମହାସଭାର ସଂସ୍ଥାପକ ଓ ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଧର୍ମପ୍ରକାଶ ଭାରତୀୟ ଯୋଗାଦାନ କରି ସାମ୍ପ୍ରତିକ ପରିସ୍ଥିତିରେ ଧର୍ମର ଆବଶ୍ୟକତା ଓ ପ୍ରାସଙ୍ଗିକତା ଉପରେ ବିସ୍ତାର ପୂର୍ବକ ସାରଗର୍ଭକ ଭାଷଣ ଉପସ୍ଥାପନ କରିଥିଲେ । ତତ୍‌ସଙ୍ଗେସଙ୍ଗେ ୟୁନିଭରସାଲ ବୁଦ୍ଧ ଫାଉଣ୍ଡେସନର ଓଡ଼ିଶା ଅଧ୍ୟକ୍ଷ ଶ୍ରୀ ଭଜମନ ବେହେରା ମୁଖ୍ୟବକ୍ତା ରୂପେ ଯୋଗଦାନ କରି ଡଃ ବାବାସାହେବ ଆମ୍ବେଦକରଙ୍କ ବିଶ୍ୱବୌଦ୍ଧ ସମ୍ମିଳନୀମାନଙ୍କରେ ମହତ୍ୱପୂର୍ଣ୍ଣ ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ । ତତ୍ ପଶ୍ଚାତ ରାଷ୍ଟ୍ରୀୟ ବୌଦ୍ଧ ମହାସଭାର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଧର୍ମପ୍ରିୟ ଏମ୍.ଆର୍. ପ୍ରଶାନ୍ତ ପଂଚଶୀଳ ରଙ୍ଗର ମହତ୍ୱ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟ ବକ୍ତାମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ମହାସଚିବ ଶ୍ରୀ ମହେଶ୍ୱର ଷଣ୍ଢ, ୟୁବିଏଫ୍‌ର ଉପାଧ୍ୟକ୍ଷ ଶ୍ରୀ ଅମୀୟ ଭୂଷଣ ସେଠୀ, ଶ୍ରୀ ଗୋବିନ୍ଦ ଚନ୍ଦ୍ର ସେଠୀ, ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଶ୍ରୀ ପ୍ରଦୀପ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଓଡ଼ିଶାରେ ବୌଦ୍ଧଧର୍ମର ପ୍ରଚାର ଓ ପ୍ରସାର କିପରି ହେବ ତା' ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ରାଷ୍ଟ୍ରୀୟ ବୌଦ୍ଧମହାସଭାର ରାଜ୍ୟ ସଂଯୋଜକ ଶ୍ରୀ ନେପାଳେଶ୍ୱର ତାଣ୍ଡିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଧର୍ମ ଶିବିରରେ ଶ୍ରୀ ଦୈତାରୀ ନାୟକ ମଂଚ ପରିଚାଳନା କରିଥିଲେ । ବୌଦ୍ଧଭୀକ୍ଷୁ ଧର୍ମ ଗବେଷକଙ୍କ ଧର୍ମଦେଶ ଉପସ୍ଥିତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ସୈନିକ ପୋଷାକଧାରୀ ସମତା ସୈନିକ ଦଳର ଭୀମ ସୈନିକମାନେ ଯୋଗଦାନ କରି ସଭାଟିକୁ ଆହୁରି ଚିତାକର୍ଷକ କରିଥିଲେ । ଶେଷରେ ସର୍ବେ ସତା ସୁଖୀ ହୋନ୍ତୁ ଗାଥା ଶିବିରର ପରିବେଶକୁ ଋଦ୍ଧିମନ୍ତ କରିଥିଲା । ଓଡ଼ିଶାର କୋଣ ଅନୁକୋଣରୁ ଶତାଧିକ ଉପାସକ ଓ ଉପାସିକା ଏହି ଶିବିରରେ ଯୋଗଦାନ କରିଥିଲେ ।

# ରାଜ୍ୟ ପାଠାଗାରରେ କବିତା ଆସର

ଭୁବନେଶ୍ୱର,୦୪/୦୪ (ନି.ପ୍ର): ଉତ୍କଳ ଦିବସ ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ପାଠାଗାରରେ ସପ୍ତାହ ବ୍ୟାପୀ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ରଂଜନ କୁମାର ଦାସଙ୍କ ଦିଗ୍‌ଦର୍ଶନରେ ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆୟୋଜିତ ହୋଇଅଛି । ମାର୍ଚ୍ଚ ୩୧ ତାରିଖରେ ପୁସ୍ତକ ପ୍ରଦର୍ଶନୀ ଆୟୋଜିତ ହୋଇଥିବା ବେଳେ ଅପ୍ରେଲ୍ ୧ ତାରିଖରେ ପାଠକପାଠିକାମାନଙ୍କ ମଧ୍ୟରେ ସାଧାରଣଜ୍ଞାନ ଓ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ୨ ତାରିଖରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସମ୍ବାଦପତ୍ର, ଲେଖକ ଓ ପାଠାଗାରର ଭୂମିକା ସମ୍ପର୍କରେ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟଯନ୍ତ୍ରୀ ଇଂ. ଦିପଂକର ବେହେରା, ପ୍ରାଧାପକ ବ୍ରହ୍ମାନନ୍ଦ ଖୁଂଟିଆ ଯୋଗଦାନ କରିଥିଲେ । ଆଜି କବିତା ଆସର ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ଓ ଅଧାପିକା ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି କମଳିନୀ ମଲ୍ଲିକ, ଭଜକୃଷ୍ଣ ମହାନ୍ତି, ଆଲୋକରଂଜନ ପରିଡ଼ା, ଚିତରଂଜନ ପୃଷ୍ଟି, ସସ୍ମିତା ଚୌଧୁରୀ, ସୁଷମା ଲେଙ୍କା, ରଶ୍ମିମୟୀ ପତି, କୃପାଳିନୀ ପଟ୍ଟନାୟକ, ଡକ୍ଟର ସୁକାନ୍ତି ତ୍ରିପାଠୀ, ଜୟଶ୍ରୀ ପଟ୍ଟନାୟକ, କସ୍ତୁରୀ ଚରଣ ଦାସ, ନିବେଦିତା ଭଞ୍ଜ, ତନୟା ଦାସଗୋସ୍ୱାମୀ, ଭଗବାନ ସାହୁ, ସୌଦାମିନୀ ସାମନ୍ତରାୟ, ଚମକଚାନ୍ଦିନୀ ଦାସ, ସୌଦାମିନୀ ବେହେରା, ଅମ୍ବିକା ସ୍ୱାଇଁ, ଗୀତାଞ୍ଜଳି ପଣ୍ଡା, ଡଃ. ରଜନୀ ରଣସିଂହ, ସୌଦାମିନୀ ସାହୁ, ସଂଯୁକ୍ତା ପରିଡ଼ା, ପ୍ରସନ୍ନ କୁମାର ଦାସ, ମାଧବ ଚନ୍ଦ୍ର ମଙ୍ଗରାଜ, ସୁଦର୍ଶନ ପ୍ରଧାନ, କବିତା ମିଶ୍ର, ସମ୍ପଦ କୁମାର ବେହେରା, ଜନରଂଜନ ପ୍ରଧାନ, ବିଷ୍ଣୁପ୍ରିୟା ଜେନା, ଡଃ ହେମାଦ୍ରି ତନୟା ମିଶ୍ର, ସୁଲୋଚନା ବେହେରା, ଶୁଭସ୍ମିତା ପ୍ରଧାନ, କଣ୍ଠମଣି ବିଶ୍ୱାଳ, ପ୍ରମୁଖ ଉତ୍କଳର କଳା, ସଂସ୍କୃତି ଓ ଇତିହାସ ଉପରେ ସ୍ୱତନ୍ତ୍ର ନିଜସ୍ୱ କବିତା ପଠନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗ୍ରନ୍ଥାଗାରିକ ସସ୍ମିତା ମିଶ୍ର, ସଂଘମିତ୍ରା ସାହୁ, ପଦ୍ମନାଭ ଜେନା, ରୁଦ୍ରପ୍ରସାଦ ବେହେରା, ସଳିତା ପାତ୍ର, ବିଦ୍ୟାଧର ପଣ୍ଡା, ମଞ୍ଜୁରାଣୀ ମୁଦୁଲି, ଭିକାରୀଚରଣ ସାହୁ, କୃପାଳିନୀ ପଟ୍ଟନାୟକ, ଶ୍ୟାମସୁନ୍ଦର ରାଉତ, ଅଜୟ ନନ୍ଦ, ଦୋଳଗୋବିନ୍ଦ ସେଠୀ, ଦେବେନ ମହାନ୍ତ ପ୍ରମୁଖ ପାଠାଗାର କର୍ମଚାରୀମାନେ ସହଯୋଗ କରିଥିଲେ । ଏହି ଅବସରରେ କବିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ରାଜ୍ୟସ୍ତରୀୟ କବାଡ଼ି ଚମ୍ପିୟନସିପର ଦ୍ୱିତୀୟ ଦିବସ ପ୍ରତିଯୋଗିତା

ପୁରୀ,୦୪/୦୪ (ନି.ପ୍ର): ବ୍ଲୁଫ୍ଲାଗ ବେଳାଭୂମିରେ ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ହୋଇଛି । ଜିଲ୍ଲା ପ୍ରଶାସନ ଓ କବାଡ଼ି ସଂଘ ପକ୍ଷରୁ ପ୍ରତିଯୋଗିତା ଆୟୋଜନ କରାଯାଇଛି । ଚମ୍ପିଅନସିପର ଦ୍ୱିତୀୟ ଦିନର ମ୍ୟାଚରେ ପୁରୁଷ ବିଭାଗରେ ଭୁବନେଶ୍ୱର ବନାମ ଓ ପୁରୀ ,ରାଉରକେଲା ଷ୍ଟିଲ ପ୍ଲାଂଟ ବନାମ ଅନୁଗୁଳ , କଟକ ବନାମ ଢେଙ୍କାନାଳ, ସମ୍ବଲପୁର ବନାମ ରାଉରକେଲା ଷ୍ଟିଲ ପ୍ଲାଂଟ, ଅନୁଗୁଳ ବନାମ ଢୋଙ୍କାନାଳ, ଓଡ଼ିଶା ପୋଲିସ ବନାମ ଭୁବନେଶ୍ୱର ଓ ସମ୍ବଲପୁର ବନାମ କଟକ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସେଥିରେ ଭୁବନେଶ୍ୱର, ଅନୁଗୁଳ, କଟକ, ସମ୍ବଲପୁର, ଢେଙ୍କାନାଳ ଓ ଓଡ଼ିଶା ପୋଲିସ ଦଳ ବିଜୟୀ ହୋଇଛନ୍ତି ।

# ୨୨ ଏପ୍ରିଲରେ ରାଜ୍ୟର ସମସ୍ତ ବିଦ୍ୟୁତ୍ ଅଫିସ ଘେରାଉ କରିବ ସିପିଆଇ

ଭୁବନେଶ୍ୱର,୦୪/୦୪ (ନି.ପ୍ର): ରାଜ୍ୟରେ ଦେଖାଦେଇଥିବା ଚରମ ବିଜୁଳି ବିଭ୍ରାଟ ଓ ଅରାଜକତାର ପ୍ରତିକାର ଏବଂ ସବୁ ପରିବାରକୁ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଣ ଦାବିରେ ସିପିଆଇ ଆସନ୍ତା ଏପ୍ରିଲ ୨୨ ତାରିଖରେ ରାଜ୍ୟର ସମସ୍ତ ବିଦ୍ୟୁତ୍ ଅଫିସ ଘେରାଉ କରିବ । ଆଜି ପାର୍ଟିର ରାଜ୍ୟ ଦପ୍ତର ଭଗବତୀ ଭବନଠାରେ ରମଣୀରଞ୍ଜନ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟ ପରିଷଦ ବୈଠକରେ ଏହି ନିଷ୍ପତି ନିଆଯାଇଛି ।

ପରିଷଦରେ ଗୃହୀତ ପ୍ରସ୍ତାବରେ କୁହାଯାଇଛି– ରାଜ୍ୟର ବିଦ୍ୟୁତ୍ ବଂଟନ ଦାୟିତ୍ୱ ଟାଟା କମ୍ପାନୀକୁ ଦିଆଯିବା ପରେ ଇଷ୍ଟ ଇଣ୍ଡିଆ କମ୍ପାନୀର ମେରୀ ରାୟ ଶାସନ ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ବିଦ୍ୟୁତ୍ ଗ୍ରାହକମାନଙ୍କ ପାଖକୁ ମନଇଚ୍ଛା ବିଲ୍ ଏପରିକି ୫ଗୁଣ ୧୦ଗୁଣ ଅଧିକ ବିଲ୍ ଆସୁଛି । ଅଭିଯୋଗ କଲେ ଶୁଣିବାକୁ କେହି ନାହିଁ । ବିଲ୍ ଆଦାୟର ଜୁଲୁମ୍ ବର୍ଗୀ ଆକ୍ରମଣ ଭଳି ହେଉଛି । ଗୋଟିଏ ଗୋଟିଏ ଗାଁକୁ ସପ୍ତାହ ସପ୍ତାହ ଧରି ଲାଇନ କାଟିଦିଆଯାଉଛି । ଅଘୋଷିତ ବିଦ୍ୟୁତ୍ କାଟ ସାଙ୍ଗକୁ "ଲୋ ଭୋଲ୍‌ଟେଜ" ବିଷମ ପରିସ୍ଥିତି ସୃଷ୍ଟି କରିଛି । ଏସବୁର ପ୍ରତିକାର ସହିତ ବିଦ୍ୟୁତ୍ ଏକ ଅତ୍ୟାବଶ୍ୟକ ସେବା ହୋଇଥିବାରୁ ରାଜ୍ୟ ସରକାର ପ୍ରତି ପରିବାରକୁ ୨୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇବା ପାଇଁ ସିପିଆଇ ଦାବି କରିଛି ।

ଅନ୍ୟପକ୍ଷରେ ଏହା ପୂର୍ବରୁ କେନ୍ଦ୍ର ସିପିଆଇ ଡିଜେଲ, ପେଟ୍ରୋଲ, ରନ୍ଧନ ଗ୍ୟାସ୍ ଓ ଅତ୍ୟାବଶ୍ୟକ ଜିନିଷପତ୍ରର ଆକାଶଛୁଆଁ ଦରବୃଦ୍ଧି ବିରୋଧରେ ଏପ୍ରିଲ ୪ରୁ ୧୦ ପର୍ଯ୍ୟନ୍ତ ଦେଶ ବ୍ୟାପୀ ପ୍ରତିବାଦର ଡାକରା ଦେଇଥିବାରୁ ଓଡ଼ିଶାରେ ମଧ୍ୟ ପେଟ୍ରୋଲ ପମ୍ପ ଓ କେନ୍ଦ୍ର ସରକାରୀ ଅଫିସ୍ ସମ୍ମୁଖରେ ବିକ୍ଷୋଭମାନ ଅନୁଷ୍ଠିତ ହେବ ।

ରାଜ୍ୟ ପରିଷଦର ଏହି ବୈଠକରେ ସିପିଆଇର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନର ସମୀକ୍ଷା ରିପୋର୍ଟ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମକୃଷ୍ଣ ପଣ୍ଡା ଜାତୀୟ ପରିଷଦ ରିପୋର୍ଟ, ଅଭୟ ସାହୁ ଆନ୍ଦୋଳନ କାର୍ଯ୍ୟକ୍ରମ ଉପସ୍ଥାପିତ କରିଥିବାବେଳେ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିବାକର ନାୟକ, ରାଜ୍ୟ ସହସମ୍ପାଦକ କ୍ଷୀରୋଦ ସିଂହଦେଓ, ସମ୍ପାଦକମଣ୍ଡଳୀ ସଭ୍ୟ ପ୍ରଶାନ୍ତ ପାଟ୍ଟଯୋଷୀ ଓ ନୂଆଦୁନିଆର ସମ୍ପାଦକ ରମେଶ ପାଢ଼ୀ ପ୍ରମୁଖ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ ।

# ସର୍ବନିମ୍ନ ସଂକ୍ରମଣ : ରାଜ୍ୟର ୪ଟି ଜିଲ୍ଲାରୁ ୫ କରୋନା ପଜିଟିଭ ଚିହ୍ନଟ, ୨ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୦୪/୦୪ (ନି.ପ୍ର): ଗତକାଲି ୩୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ମାତ୍ର ୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୪ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ-କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ମାତ୍ର ୪ଟି ଜିଲ୍ଲାରୁ ୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୬ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି ଯାଜପୁର ଜିଲ୍ଲାରୁ ସର୍ବାଧିକ ୨ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧ ଜଣ, ବଲାଙ୍ଗୀର ଜିଲ୍ଲାରୁ ୧ ଜଣ, ଯାଜପୁରରୁ ୨ ଜଣ, ଓ ସମ୍ବଲପୁରରୁ ୧ ଜଣ, କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୭, ୭୪୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୭୮,୨୭୦ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୨୯୮ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ପୂର୍ବତଟ ରେଳପଥର ରେକର୍ଡ: ୨୩୨.୧୩ ନିୟୁତ ଟନ୍ ମାଲ୍ ପରିବହନ



ଭୁବନେଶ୍ୱର,୦୪/୦୪ (ନି.ପ୍ର): ୨୦୨୧-୨୨ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୧ ଏପ୍ରିଲ୍ ପହିଲାରୁ ଗତ ମାର୍ଚ୍ଚ ୩୧ ସୁଦ୍ଧା ପୂର୍ବତଟ ରେଳପଥ ସର୍ବାଧିକ ମାଲ୍ ପରିବହନ କରି ଶୀର୍ଷ ସ୍ଥାନ ହାସଲ କରିଛି । କ୍ରମାଗତ ଭାବେ ୪ର୍ଥ ଥର ପାଇଁ ପୂର୍ବତଟ ରେଳପଥ ପଣ୍ୟ ପରିବହନରେ ଦେଶରେ ଶୀର୍ଷ ସ୍ଥାନରେ ରହିଛି । ନୂତନ ଜୋନ୍ ଆରମ୍ଭ ହେବା ଦିନରୁ ମାଲ ପରିବହନ କ୍ଷେତ୍ରରେ ପୂର୍ବତଟ ରେଳପଥ ଲଗାତାର ଭାବେ ବର୍ଦ୍ଧିତ ପଣ୍ୟ ବୋଝେଇ ଓ ପରିବହନ କରିଆସୁଛି ।

୨୦୨୧-୨୨ରେ ପୂର୍ବତଟ ରେଳପଥ ୨୩୨.୧୩ ନିୟୁତ ଟନ୍ ମାଲ ପରିବହନ କରି ଗତ ଆର୍ଥିକ ବର୍ଷର ୨୦୪.୯୦ ନିୟୁତ ଟନ୍‌କୁ ଅତିକ୍ରମ କରିଛି । ଯାହାକି ୧୩.୨୮% ଅଭିବୃଦ୍ଧି । ଏ ବାବଦରେ ପୂର୍ବତଟ ରେଳପଥ ପ୍ରାୟ ୨୩ ହଜାର ୧୨ କୋଟି ଟଙ୍କା ଆୟ କରିଛି । ଏହା ଭାରତୀୟ ରେଳପଥରେ ସର୍ବାଧିକ । ଏହି ଅବଧି ମଧ୍ୟରେ ପୂର୍ବତଟ ରେଳପଥ ତାଳଚେର ଅଞ୍ଚଳରୁ ୫୨.୮ ନିୟୁତ ଟନ୍ ପଣ୍ୟ ବୋଝେଇ କରିଥିବା ବେଳେ ପାରାଦୀପ ଅଞ୍ଚଳରୁ ୨୧.୬ ନିୟୁତ ଟନ୍, ଷ୍ଟିଲ୍ ପ୍ଲାଣ୍ଟଗୁଡ଼ିକରୁ ୨୧ ନିୟୁତ ଟନ୍, ଧାମରା ଅଞ୍ଚଳରୁ ୧୫.୨ ନିୟୁତ ଟନ୍, ବିଶାଖାପାଟଣା ଅଞ୍ଚଳରୁ ୧୪ ନିୟୁତ ଟନ୍, କୋଟଭଲସା ଅଞ୍ଚଳରୁ ୧୩.୭ ନିୟୁତ ଟନ୍, ଗଙ୍ଗାଭରମ ଅଞ୍ଚଳରୁ ୯.୯ ନିୟୁତ ଟନ୍, ଅଲୁମିନିୟମ୍ ୮ ନିୟୁତ ଟନ୍ ଓ ଅନ୍ୟାନ୍ୟ ପଣ୍ୟ ପରିବହନ ୨୦.୬ ନିୟୁତ ଟନ୍ ପରିବହନ କରାଯାଇଛି । ଖୋର୍ଦ୍ଧାରୋଡ୍, ୱାଲଟିୟର ଓ ସମ୍ବଲପୁର ରେଳମଣ୍ଡଳର ଉଲ୍ଲେଖନୀୟ ପ୍ରଦର୍ଶନ ହେତୁ ଏହା ସମ୍ଭବପର ହୋଇଛି । ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଅର୍ଚ୍ଚନା ଯୋଶୀ, ପ୍ରମୁଖ ପରିଚାଳନା ପ୍ରବନ୍ଧକ ପ୍ରମୋଦ କୁମାର ଜେନା ପଣ୍ୟ ପରିବହନ କ୍ଷେତ୍ରରେ ଜଡିତ ସମସ୍ତ କର୍ମଚାରୀଙ୍କ ଅବଦାନକୁ ପ୍ରଶଂସା କରିବା ସହ ଅଭିନନ୍ଦନ ଜଣାଇଛନ୍ତି ।

# ପଶ୍ଚିମ ଓଡ଼ିଶାରେ ନିଆଁବର୍ଷା ଜାରି : ୪୧ ଡିଗ୍ରୀ ଉପରେ ୬ ଜିଲ୍ଲା, ୫ ଦିନ ଯାଏ ନିସ୍ତାର ନାହିଁ

ଭୁବନେଶ୍ୱର,୦୪/୦୪ (ନି.ପ୍ର): ଦିନ ତ ଦିନ, ରାତିରେ ବି ନିସ୍ତାର ମିଳୁନି । ସକାଳ ୯ଟାରୁ ସୂର୍ଯ୍ୟଙ୍କ ତାତି ଏତେ ବଢ଼ିଯାଉଛି ଯେ ଘରୁ ବାହାରିବା ମୁସ୍କିଲ୍ ହୋଇଯାଉଛି । ଦିନ ୧୧ଟାରୁ ଆରମ୍ଭ ହୋଇଯାଉଛି ଯାତନା । ସୂର୍ଯ୍ୟଙ୍କ ପ୍ରଚଣ୍ଡ ପ୍ରକୋପ ସାଙ୍ଗକୁ ଝାଞ୍ଜିମାଡ଼ ଅସ୍ତବ୍ୟସ୍ତ କରି ପକାଉଛି । ଘର, ଦ୍ୱାର, କାନ୍ଥ, ବାଡ଼ ସବୁ ତାତି ଯାଉଛି । ନା ବାହାରକୁ ଯାଇ ହେଉଛି ନା ଘରେ ଶାନ୍ତିରେ ଟିକିଏ ଶୋଇ ହେଉଛି ; ଫ୍ୟାନ୍ ପବନରୁ ବି ତତଲା ହାୱା ବାହାରୁଛି । ଆଉ ଦୁର୍ଭାଗ୍ୟକୁ ଯଦି ଏହି ସମୟରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଗଲା, ତେବେ କଥା ସରିଲା । ଯାତନା ଖାଲି ସେତିକିରେ ସରୁନି, ସୂର୍ଯ୍ୟ ଅସ୍ତ ହେବା ପରେ ମଧ ସଂଧ୍ୟା ସାଢ଼େ ୭ଟା/୮ଟା ପର୍ଯ୍ୟନ୍ତ ତତଲା ପବନ ପ୍ରବାହ ଜାରି ରହୁଛି । ଗତ କିଛି ଦିନ ହେଲା ପଶ୍ଚିମ ଓଡ଼ିଶାବାସୀ ଏମିତି କଲବଲ ହେଉଛନ୍ତି ।

ଆଜି ବି ଏହି ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇ ନଥିଲା । ପଶ୍ଚିମ ଓଡ଼ିଶାର ୬ ଜିଲ୍ଲାର ତାପମାତ୍ରା ୪୧ ଡିଗ୍ରି ଉପରେ ରହିଥିଲା । ୪୧.୬ ଡିଗ୍ରି ତାପମାତ୍ରା ସହ ଟିଟିଲାଗଡ଼ ରାଜ୍ୟର ସବୁଠୁ ଉତ୍ତପ୍ତ ସ୍ଥାନର ରେକର୍ଡ ଅକ୍ଷୁଣ୍ଣ ରଖିଥିବା ବେଳେ ଝାରସୁଗୁଡ଼ା, ବଲାଙ୍ଗୀର, ବୌଦ୍ଧରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୧.୫ ଡିଗ୍ରି ରେକର୍ଡ ହୋଇଥିଲା । ସେହିପରି ସମ୍ବଲପୁରରେ ୪୧.୧ ଡିଗ୍ରି, ସୋନ୍ ?ପୁରରେ ୪୧ ଡିଗ୍ରି, ଭବାନୀପାଟଣାରେ ୪୦.୨ ଓ ସୁନ୍ଦରଗଡ଼ରେ ୪୦ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶାରେ ପାଗ ଏହିଭଳି ରହିବ । ଏଥିସହ ଆଭ୍ୟନ୍ତର ଓଡ଼ିଶାର ତାପମାତ୍ରା ମଧ ୪୦ ଡିଗ୍ରି ପାଖାପାଖି ରହିବ । ଫଳରେ ଅଧାରୁ ଅଧିକ ଓଡ଼ିଶା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଅସ୍ତବ୍ୟସ୍ତ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ।

ଅନ୍ୟପଟେ ଉପକୂଳ ଓଡ଼ିଶା ଓ ସଂଲଗ୍ନ ଅଞ୍ଚଳରେ ପାଗ କୋହଲା ଓ ମେଘୁଆ ରହିଛି । ଆସନ୍ତା ୨ ଦିନ ଉତ୍ତର ଉପକୂଳ ଓଡ଼ିଶା ସମେତ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଆଦି ଅଞ୍ଚଳରେ ହାଲୁକା ବର୍ଷାର ସମ୍ଭାବନା ରହିଛି । ଫଳରେ ଏହି ସବୁ ଅଞ୍ଚଳ ଅପେକ୍ଷାକୃତ ଥଣ୍ଡା ରହିବ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି । କିନ୍ତୁ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନର ତାପମାତ୍ରା ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରି ପର୍ଯ୍ୟନ୍ତ ଅଧିକ ରହିବ ।

# ଚାଟଶାଳୀ ହିଁ ମୋତେ ରାଜନେତା ସଜାଇ ଦେଇଛି : ସୁନୀତି ମାର୍ଣ୍ଡି

ଉଦଳା, ୦୪/୦୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟା ବ୍ଲକ ଅନ୍ତର୍ଗତ ଧାନଘେରା ଗ୍ରା:ପ: ର ହରିଶୋଳ ଗ୍ରାମର ବାସିନ୍ଦା ପୂର୍ଣ୍ଣଚନ୍ଦ୍ର ବାସ୍କେଙ୍କର ସହ ଧର୍ମିଣୀ ସୁନୀତି ମାର୍ଣ୍ଡି ବିଗତ କରୋନା କାଳରେ ବହୁ ସଂଖ୍ୟାରେ ପିଲା ପାଠ ପଢ଼ା ଛାଡ଼ି ଦେଉଥିବାର ଦୃଶ୍ୟ ଦେଖି ସେ ନିଜେ ଘରେ ଧୈର୍ଯ୍ୟ ଧରି ବସିପାରିଲେ ନାହିଁ । ପିଲାଙ୍କୁ ପୁଣି ଥରେ ପାଠ ସହିତ ବାନ୍ଧି ରଖିବା ପାଇଁ ନିଜ ଗାଁରେ ପିଲାଙ୍କୁ ଏକତ୍ରିତ କରାଇ ପାଠ ପଢ଼ାଇବାକୁ ଉଦ୍ୟମ କଲେ । ଏତିକି ବେଳେ ମୟୂରଭଞ୍ଜରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ "ଜନଜାଗୃତି ମଞ୍ଚ" ର କର୍ମୀ ଆରତୀ ଖଣ୍ଡାପାତ୍ରଙ୍କ ସହିତ ଯୋଗାଯୋଗ ହୁଏ ସୁନୀତିଙ୍କର ।



ଦୁହେଁ ମିଶି ଆରମ୍ଭ କଲେ ଚାଟଶାଳୀ ଓ ଏହି ଚାଟଶାଳୀରେ ନିୟମିତ ପାଠ ପଢ଼ାଇବାର ଦାୟିତ୍ୱ ନେଲେ ସୁନୀତି । ଏହି ଭଳି ପିଲାଙ୍କ ସହିତ ସମୟ ବିତାଇ ଧିରେ ଧିରେ ଅଭିଭାବକ ଓ ଗ୍ରାମବାସୀଙ୍କ ମହଲରେ ଖୁବ୍ ପ୍ରିୟ ହୋଇ ଉଠିଲେ ସୁନୀତି । କାରଣ ତାଙ୍କର ମଧୁର ବ୍ୟବହାର, କଥାବାର୍ତ୍ତା ଓ ପାଠ ପଢ଼ାଇବାର ଶୈଳୀ ଏତେ ଉନ୍ନତ ଧରଣ ଥିଲାଯେ ସେଥିପାଇଁ ସେ ବିଭିନ୍ନ ମହଲରେ ପ୍ରଂଶସାର ପାତ୍ର ସାଜିଥିଲେ । କାଳକ୍ରମେ ପହଞ୍ଚିଲା ପଞ୍ଚାୟତ ନିର୍ବାଚନ । ଗ୍ରାମବାସୀ ମାନେ ମିଳିମିଶି ସୁନୀତିଙ୍କୁ ଏଥିରେ ଅଂଶ ଗ୍ରହଣ କରିବାକୁ ଅନୁରୋଧ କଲେ । ସୁନୀତି ମଧ୍ୟ ମୟୂରଭଞ୍ଜ ଜିଲ୍ଲାର ୧୩ ନଂ ଜୋନରୁ ବିଜୁ ଜନତା ଦଳରୁ ଜିଲ୍ଲାପରିଷଦ ସଦସ୍ୟ ଭାବେ ପ୍ରାର୍ଥୀ ହେଲେ ଓ ନିର୍ବାଚନରେ ବିଜୟ ମଧ୍ୟ ଲାଭ କଲେ । ତେବେ ଆଜି ମଧ୍ୟ ସେ ଭୁଲିଯାଇନାହାନ୍ତି ଚାଟଶାଳୀକୁ । ସେ ମୁକ୍ତ କଣ୍ଠରେ କହନ୍ତି ଏହି ଚାଟଶାଳୀ ହିଁ ମୋତେ ଆଜି ରାଜନେତା ହେବାର ସୁଯୋଗ ପ୍ରଦାନ କରିଛି । ତେଣୁ ଏହାକୁ ମୁଁ କେବେ ଭୁଲି ପାରିବି ନାହିଁ ।

# ପୁରୁଣା ପେନସନ ଯୋଜନା ଲାଗୁ ପାଇଁ ବୈଠକ



ବାରିପଦା, ୦୪/୦୪ (ନି.ପ୍ର): ଆଜି ପୂର୍ବାହ୍ନରେ ବାରିପଦା ପ୍ରାଥମିକ ଶିକ୍ଷକ ଭବନ ପରସରରେ ଶିକ୍ଷକ ସଂଘ ପକ୍ଷରୁ ପୁରୁଣା ପେନସନ ଯୋଜନା ଲାଗୁ କରିବା ପାଇଁ ଆଗାମୀ ଦିନରେ ହେବାକୁ ଥିବା ଆନ୍ଦୋଳନ ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲ୍ଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ବୈଠକରେ ସଂଘର ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟ ସଭାପତିତ୍ୱ କରି ନୂତନ ପେନସନ ଯୋଜନା ବଦଳରେ ପୁରାତନ ପେନସନ ଯୋଜନା କାର୍ଯ୍ୟକାରୀ କରିବାରେ ଅନ୍ୟ ରାଜ୍ୟ ତୁଳନାରେ ଓଡିଶା ଅନେକ ପଛରେ ପଡିଥିବାରୁ କ୍ଷୋଭ ପ୍ରକାଶ କରିଥିଲେ । ଆଗାମୀ ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲ୍ଲାର ସମସ୍ତ ବିଭାଗ ଓ ବର୍ଗର ନୂତନ ପେନସନ ଭୁକ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ନେଇ ଆଗାମୀ ତା ୧୭. ୦୪.୨୦୨୨ ରିଖ ରବିବାର ଦିବା ୧୦ ଘଟିକା ସମୟରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ଭବନ ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆହ୍ୱାନ କରାଯାଇଅଛି । ଉକ୍ତ ବୈଠକରେ ବିପୁଳ ସଂଖ୍ୟାରେ ଯୋଗ ଦେବାକୁ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି । ଏହି ବୈଠକରେ ଜିଲ୍ଲା ସଂଯୋଜକ ହରେକୃଷ୍ଣ ବାରିକ, ମହାସଚିବ ଜାମିନୀ କାନ୍ତ ପଣ୍ଡା, ଉପାଧ୍ୟକ୍ଷା ବନକୁମାରୀ ସିଂ, ପ୍ରଭାତ କୁମାର ସାହୁ, ମିଡିଆ ସଂଯୋଜକ ଗଦାଧର ନାୟକ, କପ୍ତିପଦା ବ୍ଲକ ସଂଯୋଜକ ଜଗନ୍ନାଥ ପଣ୍ଡା, ଶୁଳିଆପଦା ବ୍ଲକ ସଂଯୋଜକ ଗୟା ପ୍ରସାଦ ମହାନ୍ତ, ଗୁରୁଚରଣ ମହାନ୍ତ, ବ୍ୟମୋକେଶ ଦତ, ଛବିରାଣୀ ବାରିକ, ବିଭାକର ଲେଙ୍କା, ବେଣୁ ଗୋପାଳ ମହାନ୍ତ, ରାକେଶ ପ୍ରଧାନ, କାଳୀ ଶଙ୍କର ଦାସ, ପ୍ରଦୀପ କୁମାର ନାଥ, ରାଜସ୍ୱ ବିଭାଗର ଜଗବନ୍ଧୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ନବନିର୍ବାଚିତ ପୌର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର,୦୪/୦୪ (ନି.ପ୍ର): ବାଲେଶ୍ୱର ପୌର ପରିଷଦର ନବ ନିର୍ବାଚିତ ଅଧ୍ୟକ୍ଷା ସବିତା ସାହୁଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲରଙ୍କୁ ପୌରାଞ୍ଚଳର ୫ନଂ ୱାର୍ଡରେ ନାଗରିକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏନେଇ ହେମକାପଦା ସ୍ଥିତ କଲ୍ୟାଣମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ଟାଉନ ସଭାପତି ସନତ ଦାସ ପୌରହିତ୍ୱ ସହ ନବନିର୍ବାଚିତ ଲୋକପ୍ରତିନିଧିମାନଙ୍କୁ ଅଭିନନ୍ଦନ ଜଣାଇ ଜନସାଧାରଣଙ୍କ ଆଶା ଆକାଂକ୍ଷା ପୂରଣରେ ସେମାନେ ବ୍ରତୀ ହେବେ ବୋଲି ଆଶା ପ୍ରକାଶ କରିଥିଲେ । ଯୁବ ସଂଗଠକ ଭାଗବତ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ବିଶ୍ୱାସ ପ୍ରକଟ ସହ ସହରବାସୀ ଅକୁଣ୍ଠିତ ସମର୍ଥନ ଦେଇଛନ୍ତି ବୋଲି କହିଥିଲେ। ସେମାନଙ୍କ ଆଶା ପୂରଣ ଦିଗରେ ନବ ନିର୍ବାଚିତ ପୌର ପରିଷଦ ନିଶ୍ଚିତ କାର୍ଯ୍ୟ କରିବେ ବୋଲି ସେ ପ୍ରକାଶ କରିଥିଲେ। ଶିକ୍ଷାବିତ କମଳାକାନ୍ତ ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ୫ନଂ ୱାର୍ଡ ସମେତ ସହରବାସୀଙ୍କ ମୌଳିକ ସମସ୍ୟା ସମ୍ପର୍କରେ ନବନିର୍ବାଚିତ ଲୋକପ୍ରତିନିଧିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ବର୍ଦ୍ଧିତ ଅବସରରେ ପୌରାଧ୍ୟକ୍ଷା ଶ୍ରୀମତୀ ସାହୁ, ୨ନଂ ୱାର୍ଡର କାଉନସିଲର ଅମିତ କୁମାର ନାୟକ, ୪ନଂ ୱାର୍ଡର କାଉନସିଲର ସଲିମା ବିବି, ୫ନଂ ୱାର୍ଡର କାଉନସିଲର ମିତା ପଟ୍ଟନାୟକ, ୭ନଂ ୱାର୍ଡର କାଉନସିଲର ମୀରାଜ ବାନୋ ପ୍ରମୁଖ ଜନସାଧାରଣଙ୍କ ଦାବି ଓ ପ୍ରତ୍ୟେକ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମାଜସେବୀ ସତ୍ୟେନ୍ଦ୍ର ଦାସ ଏଥିରେ ମଞ୍ଚ ପରିଚାଳନା କରିଥିଲେ । ଶ୍ରୀମନ୍ତ ମାଝୀ, ଲମ୍ବୋଦର ବେହେରା, ରାଜେନ୍ଦ୍ର ଦାସ, ରାଜଦର୍ଶୀ ଦାସ, ଶେଖ ରାଜ, ନବ ବାରିକ, ପରମାନନ୍ଦ ନାୟକ, ମନୋଜ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦୀନକୃଷ୍ଣ କଲେଜରେ ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ

ଜଳେଶ୍ୱର, ୦୪/୪ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଦୀନକୃଷ୍ଣ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା ଶିବିର ଉଦ୍‌ଯାପିତ ହୋଇ ଯାଇଛି । ୮ ଦିନ ଧରି ଚାଲିଥିବା ଏହି ଆତ୍ମ ସୁରକ୍ଷା ଶିବରରେ ୧୦୦ଜଣ ଛାତ୍ରୀ ଯୋଗ ଦେଇଥିଲେ । ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଧାରଂଜନ ସେନାପତି ଅଧ୍ୟକ୍ଷତା କରି ସାମ୍ପ୍ରତିକ ସମାଜରେ ମହିଳା ଓ ଛାତ୍ରୀ ମାନେ ଅସୁରକ୍ଷିତ ହୋଇପଡିଥିବାରୁ ସମସ୍ତେ ଏହାକୁ ପ୍ରତିହତ କରିବାକୁ ଆହ୍ୱାନ ଜଣାଇଥିଲେ । ମୁଖ୍ୟ ଅତିଥିଭାବେ ପୂର୍ବତନ ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ରାଉତ ଯୋଗ ଦେଇଥିବା ବେଳେ ଅର୍ଥନିତୀ ବିଭାଗର ମୁଖ୍ୟ ଅଜୟ ମହାପାତ୍ର, ପଦାର୍ଥବିଜ୍ଞାନ ବିଭାଗ ମୁଖ୍ୟ ସୁକାନ୍ତ ଦାସ, ଗଣିତ ବିଭାଗ ମୁଖ୍ୟ ଡ. ହିମାଂସୁ ସାମଲ, ଅଂଜନା ଭୋଇ ପ୍ରମୁଖ ଯୋଗ ଦେଇ ଛାତ୍ରୀମାନେ ନିଜର ସୁରକ୍ଷା କର୍ତ୍ତବ୍ୟ ସମ୍ପର୍କରେ ସଚେତନା ହେବା ସମ୍ପର୍କରେ କହିଥିଲେ । ଏଥିରେ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ, ଅଣ ଶିକ୍ଷକ ଯୋଗ ଦେଇଥିବା ବେଳେ ଶିବିରର ସଂଯୋଜିକା ଅଂଜନା ଭୋଇ ଉଦ୍ଦେଶ୍ୟ ଜ୍ଞାପନ ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଜଗନ୍ନାଥଙ୍କ ଚୁଲି ଭଙ୍ଗାଯିବାକୁ ....

ପ୍ରାଣକେନ୍ଦ୍ର । ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ କିପରି ଏହି ଅଭାବନୀୟ କାଣ୍ଡ ଘଟାଇବାକୁ ସାହସ କରିପାରିଲେ ଦୁର୍ବୃତ୍ତ, ଜଗନ୍ନାଥଙ୍କ ଆଗରେ ଦାଦାଗିରି ଦେଖାଇଲେ, ଏହାକୁ ନେଇ ପ୍ରଶ୍ନ ଉଠିଛି । ରାତି ପ୍ରାୟ ୩ଟା ପରେ ୪୦ରୁ ଅଧିକ ଚୁଲି ଭଙ୍ଗାଯାଇଛି । ରୋଷଘର ସୁରକ୍ଷାରେ ଢିଲା ବ୍ୟବସ୍ଥା ଯୋଗୁଁ ଏତେ ବଡ଼ ସମ୍ବେଦନଶୀଳ ଘଟଣା ଘଟିଲା ବୋଲି ଅଭିଯୋଗ ହୋଇଛି । ଏବେ ଥାନାରେ ପହଁଚିଛି ଏହି ମାମଲା । ଏସପିଙ୍କ ନିର୍ଦ୍ଦେଶରେ ୫ ଜଣିଆ ଟିମ୍ ଆରମ୍ଭ କରିଛନ୍ତି ତଦନ୍ତ । ସେଦିନ ରାତିର ସିସିଟିଭି ଫୁଟେଜ ଆଧାରରେ ଜଣକୁ ଚିହ୍ନଟ କରାଯାଇଛି । ତେବେ ଏନେଇ ଶ୍ରୀମନ୍ଦିର ପ୍ରଶାସନ ଉପରେ ବର୍ଷିଛନ୍ତି ବରିଷ୍ଠ ନେତା ବିଜୟ ମହାପାତ୍ର । ସେ କହିଛନ୍ତି, ଦୁଇ ଦିନ ତଳୁ ସେବାୟତଙ୍କ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା । ଆଗକୁ ଏହା ବିସ୍ଫୋରକ ରୂପ ନେବ ବୋଲି ଉଭୟ ଜିଲ୍ଲା ପ୍ରଶାସନ ଓ ମନ୍ଦିର ପ୍ରଶାସନ ଜାଣିଥିଲେ । ହେଲେ କୌଣସି ପଦକ୍ଷେପ ନିଆଯାଇନଥିଲା । ତେଣୁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି । ଅନ୍ୟପଟେ ଘଟଣାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଟ୍ୱିଟ୍ କରି ସେ କହିଛନ୍ତି, ଶ୍ରୀମନ୍ଦିର, ଓଡିଶାବାସୀ ଓ ସାରା ବିଶ୍ୱର ହିନ୍ଦୁ ସମାଜର ଆସ୍ଥା ଓ ବିଶ୍ୱାସର କେନ୍ଦ୍ର । ଭବିଷ୍ୟତରେ ଯେଭଳି ଘଟଣାର ପୁନରାବୃତି ନହେବ, ଆବଶ୍ୟକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାର ଓ ଶ୍ରୀମନ୍ଦିର ପ୍ରଶାସନକୁ ଅନୁରୋଧ କରିଛନ୍ତି । ସେହିପରି ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ତାଙ୍କ ଟ୍ୱିଟରେ ଲେଖିଛନ୍ତି, ଏହା କେବଳ ଓଡ଼ିଆ ନୁହେଁ ସମଗ୍ର ହିନ୍ଦୁଙ୍କୁ ଏହା ଆଘାତ ଦେଇଛି । ଘଟଣା ନେଇ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ସମ୍ବିତ । ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମଧ୍ୟ ଟ୍ୱିଟ୍ କରି କ୍ଷୋଭ ପ୍ରକାଶ କରିଛନ୍ତି । କଳାପାହାଡ଼ ସହ ତୁଳନା କରି ସେ କହିଛନ୍ତି, ଏହି କାଣ୍ଡ ଘଟାଇଥିବା ଲୋକଙ୍କ ଏ ଜାତି ଆଦୌ କ୍ଷମା କରିବନାହିଁ ।

## ପୁଣି ଆନ୍ଧ୍ରର ନୂଆ ଚାଲ୍ ....

କିଲୋମିଟର ଥିବାବେଳେ ପାର୍ବତୀପୁରମ ନୂଆ ମୁଖ୍ୟାଳୟ ହେବା ପରେ ଦୂରତା ଅଧାରୁ ଅଧିକ କମିଯିବ । ଫଳରେ ଆନ୍ଧ୍ର ଅଧିକାରୀ ଖୁବ କମ ସମୟରେ କୋଟିଆରେ ପଶିବେ ଓ କାମ ତୁଟାଇ ଫେରିଯାଇପାରିବେ । ଆନ୍ଧ୍ରକୁ କୌଣସି ଓଡ଼ିଶା ମାଟି ଦିଆଯିବ ନାହିଁ ବୋଲି ସ୍ଥାନୀୟ ନେତା କହୁଥିବା ବେଳେ ନୂଆ କେନ୍ଦ୍ର ଶାସିତ ଅଞ୍ଚଳ ଗଠନ ହେଲେ ସବୁ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଛନ୍ତି ବରିଷ୍ଠ ନେତା ଜୟରାମ ପାଙ୍ଗି । ସେପଟେ ଆନ୍ଧ୍ର ନିଷ୍ପତିକୁ ବିରୋଧ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର । ବିଜେଡି ସାଂସଦ ମୁନ୍ନା ଖାନ କହିଛନ୍ତି, କୋଟିଆ ପାଇଁ ଲଢେଇ ଜାରି ରହିଛି, ଆଗକୁ ମଧ୍ୟ ଏହି ଲଢେଇ ଜାରି ରହିବ । ଆନ୍ଧ୍ରକୁ ଓଡିଶାର ଇଞ୍ଚେ ବି ଜମି ଦିଆଯିବ ନାହିଁ ।

## ରୁଷ ସେନା ପଛକୁ ହଟିବା ପରେ ....

ପୁଅଙ୍କୁ ହରାଇ ବିକଳରେ କାନ୍ଦୁଛନ୍ତି । ଆଖି ଆଗରେ ପୁଟିନ୍ ବାହିନୀ ପୁଅକୁ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି ମାଆମାନେ । ସେପଟେ ବୁଚା ସହରରେ ରାସ୍ତାରେ ପଡି ରହିଥିବା ମୃତଦେହଗୁଡିକ ସମୂହ କବର ଦେବାର ବ୍ୟବସ୍ଥା କରିଛନ୍ତି କିଭ୍ ମେୟର ଭିଟାଲି କ୍ଲିସ୍କୋ । ବୁଚାରେ ଥିବା ଚର୍ଚ୍ଚର କବରିସ୍ତାନରେ ୪୫ ଫୁଟ ଲମ୍ବା ଗାତ ଖୋଳାଯାଇ ୪ଶହ ଜଣଙ୍କୁ ସମୂହ ସମାଧି ଦିଆଯାଇଛି । ୟୁକ୍ରେନରେ ନରସଂହାର କରିଥିବା ରୁଷ ସେନା ଉପରେ ଅଭିଯୋଗ କରିଛନ୍ତି ରାଷ୍ଟ୍ରପତି ଜେଲେନସ୍କି । ଆଉ ରୁଷିଆ ରାଷ୍ଟ୍ରପତିଙ୍କ ବିରୋଧରେ ଯୁଦ୍ଧ ବିରୋଧୀ ହିଂସା ନେଇ ମାମଲା ତୀବ୍ର କରିବାକୁ ଅପିଲ କରିଛନ୍ତି । ସେପଟେ ରୁଷୀୟ ସେନାର ଦମନଲୀଳାକୁ ପ୍ରତ୍ୟାଖାନ କରିଛି କ୍ରେମଲିନ୍ । ରୁଷ ସେନା ସାଧାରଣ ନାଗରିକଙ୍କୁ ହତ୍ୟା କରିନଥିବା ମସ୍କୋ ପକ୍ଷରୁ କୁହାଯାଇଛି ।

## ଏପ୍ରିଲ ୭ରେ ପୌରସଂସ୍ଥା ଉପାଧ୍ୟକ୍ଷ....

ନିର୍ବାଚନ ଅପ୍ରେଲ ୭ ତାରିଖ, ବ୍ରହ୍ମପୁର ମହାନଗର ନିଗମ ପାଇଁ ଅପ୍ରେଲ ୮ ତାରିଖ ଏବଂ ଭୁବନେଶ୍ୱର ମହାନଗର ନିଗମ ଡେପୁଟି ମେୟର ନିର୍ବାଚନ ପାଇଁ ଅପ୍ରେଲ ୯ ତାରିଖ ଦିନ ନିର୍ବାଚନ ଅନୁଷ୍ଠିତ ହେବ। ରାଜ୍ୟ ମୁନିସିପାଲିଟି ପ୍ରଶାସନର ନିର୍ଦ୍ଦେଶକଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି । ଡେପୁଟି ମେୟର ନିର୍ବାଚନ ପାଇଁ ନିର୍ଦ୍ଧାରିତ ନିର୍ବାଚନ ଦିନ ସକାଳ ୧୦ଟାରୁ ୧୧ଟା ମଧ୍ୟରେ ନାମାଙ୍କନ ପତ୍ର ଦାଖଲ, ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ନାମାଙ୍କନ ପତ୍ର ଯାଞ୍ଚ, ଦିନ ୧ଟା ମଧ୍ୟରେ ନାମାଙ୍କନ ପତ୍ର ପ୍ରତ୍ୟାହାର ଓ ସେହିଦିନ ୧.୩୦ମି.ରୁ ମତଦାନ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ମତଦାନ ଜାରି, ମତଦାନ ପରେ ପରେ ଭୋଟଗଣତି ଓ ଭୋଟଗଣତି ପରେ ପରେ ସେହିଦିନ ନିର୍ବାଚନ ଫଳାଫଳ ଘୋଷଣା କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ସରକାରଙ୍କ ନୂତନ ନିୟମ ଅନୁସାରେ ପୌରସଂସ୍ଥା ଉପାଧ୍ୟକ୍ଷ ଓ ମହାନଗର ନିଗମର ଡେପୁଟି ମେୟର ପଦବୀ ନିର୍ବାଚନ ପାଇଁ ପ୍ରତ୍ୟେକ ରାଜନୈତିକ ଦଳ ତାଙ୍କ ଦଳ ତରଫରୁ ଜଣେ ପ୍ରାଧିକୃତ ପ୍ରତିନିଧିଙ୍କୁ ନିଯୁକ୍ତ କରିବେ ଓ ସଂପୃକ୍ତ ଦଳର ସଭ୍ୟମାନେ ଉପାଧ୍ୟକ୍ଷ/ଡେପୁଟି ମେୟର ନିର୍ବାଚନରେ ଭୋଟଦେଇ ସେହି ଦଳର ପ୍ରାଧିକୃତ ପ୍ରତିନିଧିଙ୍କୁ ଦେଖାଇ ଭୋଟ ବାକ୍ସରେ ପକାଇବେ ।

## ଦେଶର ନୂଆ କାମଚଳା....

ଖାରଜ କରିଦେଇଥିଲେ । ଆଉ ଏହି ମାମଲାକୁ ନେଇ ବିରୋଧୀ ଏବେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଯଦି ବିରୋଧୀ ଦଳଙ୍କ ଆବେଦନ ସପକ୍ଷରେ ଫଳାଫଳ ନଆସେ ତାହାଲେ ଦେଶରେ ପୁଣିଥରେ ନିର୍ବାଚନ ହୋଇପାରେ । ଅନାସ୍ଥା ପ୍ରସ୍ତାବ ଖାରଜ ହେବା ପରେ ପାକିସ୍ତାନ ରାଷ୍ଟ୍ରପତି ଅଲବୀ, ଇମ୍ରାନ ଖାନଙ୍କ ସୁପାରିଶରେ ନ୍ୟାସନାଲ ଆସେମ୍ବଲିକୁ ଭଙ୍ଗ କରିଥିଲେ ।

## ମାନସ ସ୍ୱାଇଁ ହତ୍ୟା ମାମଲା....

ଖାଲି ସେତିକି ନୁହେଁ, ମାନସଙ୍କ ଚପଲ ଓ ଇୟରକର୍ଡ ଚିହ୍ନଟ କରିବା ପାଇଁ ପରିବାର ସଦସ୍ୟଙ୍କ ସହିତ ଆଲୋଚନା କରିଛନ୍ତି କ୍ରାଇମବ୍ରାଞ୍ଚ ଟିମ୍ । ଅନ୍ୟପଟେ ଶର୍ମିଷ୍ଠା ରାଉତ ଓ ଝୁନା ଭୋଇଙ୍କୁ ଏକାଠି ଜେରା କରିଛି କ୍ରାଇମବ୍ରାଞ୍ଚ । କ୍ରାଇମବ୍ରାଞ୍ଚ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଟିମ୍ ଦୁଇ ଜଣଙ୍କୁ ଜେରା କରିଛନ୍ତି । ବ୍ୟକ୍ତିଗତ ଜେରା ବେଳେ ଉଭୟଙ୍କ କଥାରେ ତାଳମେଳ ରହୁନଥିବାରୁ ଏକାଠି ଜେରା କରାଯାଇଛି । ହତ୍ୟାକାଣ୍ଡ ପଛର ମୁଖ୍ୟ କାରଣ କୁହାଯାଉଥିବା ମେମୋରି ଚିପ୍ କ୍ରାଇମବ୍ରାଞ୍ଚ ହାତରେ ବର୍ତ୍ତମାନ ସୁଦ୍ଧା ଲାଗି ନାହିଁ । ମେମୋରି ଚିପ୍ ନେଇ ଶର୍ମିଷ୍ଠା ଓ ଝୁନାଙ୍କୁ ପଚରାଉଚରା କରୁଛି କ୍ରାଇମବ୍ରାଞ୍ଚ । ଏହାସହ ନିରଞ୍ଜନଙ୍କ ଡାଏରୀରୁ ମିଳିଥିବା ତଥ୍ୟକୁ ନେଇ ଜେରା କରାଯାଉଛି । ତଦନ୍ତରେ ଉଭୟ ଶର୍ମିଷ୍ଠା ଓ ଝୁନା ଭୋଇ ସହଯୋଗ କରୁଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ମିଳିଛି । ମାନସ ସ୍ୱାଇଁ ହତ୍ୟା ମାମଲାରେ ଜେରା ସଂପର୍କିତ ସୂଚନା ଆସନ୍ତାକାଲି କ୍ରାଇମବ୍ରାଞ୍ଚ ଗଣମାଧ୍ୟମକୁ ଦେବ ବୋଲି ଜଣାପଡ଼ିଛି । ରିମାଣ୍ଡ ଅବଧି ଶେଷ ହେବା ପେର ଶର୍ମିଷ୍ଠା ରାଉତ ଓ ଝୁନା ଭୋଇଙ୍କୁ ଆଉ ତିନି ଦିନଆ ରିମାଣ୍ଡରେ ନେଇ ଜେରା କରୁଛି କ୍ରାଇମବ୍ରାଞ୍ଚ ।

## ହାଇ କୋର୍ଟ ମହିଳା ସମ୍ବାଦିକ ରାଣା ଆୟୁବଙ୍କୁ ବିଦେଶ ଜୀବାକୁ ଅନୁମତି ଦେଲେ

ନୂଆଦିଲ୍ଲୀ, ୦୪/୦୪ (ନି.ପ୍ର): ଦିଲ୍ଲୀହେଇ କୋର୍ଟ ମହିଳା ସମ୍ବାଦିକ ରାଣ ଆୟୁବଙ୍କୁ ବିଦେଶ ଜୀବୀକୁ ଅନୁମତି ଦେଇଛନ୍ତି । ଜଷ୍ଟିସ ଚନ୍ଦ୍ରଧାରି ସିହଁ କିଛି ସର୍ତ ସହିତ ରାଣା ଆୟୁବଙ୍କୁ ବିଦେଶ ଜୀବୀକୁ ଅମତି ଦେଇଛନ୍ତି । ଏହି କେସରେ ରାଣା ଆୟୁବଙ୍କର ଆଉଜଣେ ବରିଷ୍ଟ ଓକିଲ ବୃନ୍ଦା ଗୋଭର କହିଛନ୍ତି ଆୟୁବ ଜଣେ ସାମ୍ବାଦିକ ତେଣୁ ସେ ଲଂଡନ ଓ ଇଟାଲି ଜାଇ ଅନ୍ତରାଷ୍ଟ୍ରିୟ କାଯ୍ୟକ୍ରମରେ ଯୋଗ ଦେଇପାରିବେ ।

# କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ




ବାରିପଦା, ୦୪/୦୪ (ନି.ପ୍ର): ଏମକେସି କ୍ଲଷ୍ଟର ସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଏମକେସି ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ସିଆରସି ରତ୍ନା ବାନାର୍ଜୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମଶାଳା କୁ ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତୀ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଶିକ୍ଷଣୀୟ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ବ୍ରଜ ମୋହନ ମୁର୍ମୁ, ଏମକେସି ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋବିନ୍ଦ ଚନ୍ଦ୍ର ରାଉତ, ବିଆରଟି ରେଖାରାଣୀ ଦାସ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ବିଜ୍ଞାନ ଶିକ୍ଷକ ଅମିତାଭ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରଧାନଶିକ୍ଷକ ନାରାୟଣ କିଙ୍କର ଦତ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । କର୍ମଶାଳାରେ ଏମକେସି କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଛାତ୍ରଛାତ୍ରୀ ମାନଙ୍କ ଭାଷା ଜ୍ଞାନ ଓ ସଂଖ୍ୟା ଜ୍ଞାନ ବୃଦ୍ଧି କାର୍ଯ୍ୟକ୍ରମର ଲକ୍ଷ୍ୟ ।

## ବିନୟ ମୋହନ କ୍ୱାତ୍ରା ହେବେ ବିଦେଶ ସଚିବ

ନୂଆଦିଲ୍ଲୀ, ୦୪/୦୪ (ନି.ପ୍ର): ନେପାଳରେ ଭାରତର ରାଜଦୁତ ବିନୟ ମୋହନ କ୍ୱାତ୍ରା ଆଗକୁ ବିଦେଶ ସଚିବ ହେବେ ଏବଂ ସେ ୩୦ ଅପ୍ରେଲରେ ହର୍ଷବର୍ଧନ ଶୃଙ୍ଗଲାଙ୍କ ସେବାରୁ ନିବୃତ ହେବା ପରେ ସେ ପଦଭାର ସମ୍ଭାଳିବେ । କେନ୍ଦ୍ରୀୟ ମନ୍ତ୍ରୀ ମଂଡଳର ନିଯୁକ୍ତି ମାମଲାରେ ସମିତି ବିଦେଶ ସଚିବଙ୍କ ସପକ୍ଷରେ ତାଙ୍କ ନାମକୁ ମଂଜୁର ଦେଇଛନ୍ତି । ବିନୟ ମୋହନ କ୍ୱାତ୍ରା ୧୯୮୪ରେ ୧୯୮୪ ବ୍ୟାଚ୍‌ର ଭାରତୀୟ ବିଦେଶ ସେବାର ଅଧିକାରୀ ଅଟନ୍ତି। ତାଙ୍କର ବିଦେଶ ସେବା କ୍ଷତ୍ରରେ ୩୨ ବର୍ଷର ଅଭିଜ୍ଞତା ରହିଛି । ନେପାଳ ରାଜଦୁତ ହେବା ପୂର୍ବରୁ ସେ ୨୦୧୭ ରୁ ୨୦୨୦ ପର୍ଯ୍ୟନ୍ତ ଫ୍ରାନସ୍‌ରେ ସେ ଭାରତୀୟ ରାଜଦୁତ ଭାବରେ କାମ କରିଛନ୍ତି ।

# ଜନ୍ମଦିନରେ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ବାଣ୍ଟିଲେ 'ଆୟୁଷ୍ମାନ'

ବାଲେଶ୍ୱର,୦୪/୦୪ (ନି.ପ୍ର): ସେଣ୍ଟ ଥୋମାସ ସ୍କୁଲର ଦଶମ ଶ୍ରେଣୀ ଛାତ୍ର ସାଇ ଆୟୁଷ୍ମାନ ନିଜର ଜନ୍ମ ଦିବସ ଅବସରରେ ଗୁଡ଼ିପଦା ପ୍ରାଥମିକ ବିଦ୍ୟାଳୟର ୮୪ଜଣ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରିଛନ୍ତି। ଏହି ପରିପେକ୍ଷୀରେ ଗୁଡ଼ିପଦା ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲେଶ୍ୱର ପୌରପରିଷଦର ୨୧ନଂ ୱାର୍ଡ ନବନର୍ବାଚିତ କାଉନସିଲର ସୁଚିସ୍ମିତା ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଆୟୁଷ୍ମାନଙ୍କ ମହନୀୟତାକୁ ଉଚ୍ଚ ପ୍ରଶଂସା କରିଥିଲେ। ପୂର୍ବତନ କାଉନସିଲର ଚିତ୍ତରଞ୍ଜନ ପଣ୍ଡା, ବିଦ୍ୟାଳୟ ପରିଚାଳନା ସମିତି ସଦସ୍ୟ ବସନ୍ତ କୁମାର ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଲଜ୍ଜିତା ମହାନ୍ତି ପ୍ରମୁଖ ଏଥିରେ ବରେଣ୍ୟ ଅତିଥିଭାବେ ଯୋଗଦେଇ ଆୟୁଷ୍ମାନଙ୍କ ନିଷ୍ପତ୍ତି ଅନ୍ୟମାନଙ୍କ ପାଇଁ ପ୍ରେରଣା ହେବ ବୋଲି କହିଥିଲେ । ପିତା ରାମଚନ୍ଦ୍ର ମହାଳିକ ଓ ମାତା ଜୟନ୍ତୀ ପାଣିଗ୍ରାହୀଙ୍କ ଉପସ୍ଥିତିରେ ଆୟୁଷ୍ମାନ ପିଲାମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଏହା ସହିତ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସେ ସ୍ୱତନ୍ତ୍ର ଉପହାର ଦେଇଥିଲେ। ପାଠ ପଢିବା ସମୟରେ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଇ-କମର୍ସ ଯୋଗେ ଏ ପର୍ଯ୍ୟନ୍ତ ଦେଢ କୋଟିରୁ ଅଧିକ ଟଙ୍କା ଉପାର୍ଜନ କରିଥବା ବେଳେ ସେହି ଅର୍ଥରୁ ସମାଜରେ ଅବହେଳିତ ଲୋକଙ୍କୁ ସହଯୋଗ ପାଇଁ ନିଷ୍ପତି ନେଇଥିବା କହିଛନ୍ତି ଆୟୁଷ୍ମାନ ।

# ୩ ପଂଚାୟତର ଆରାଧ୍ୟ ଦେବୀ ମା ଭଗବତୀ ମନ୍ଦିର ପ୍ରତିଷ୍ଠା ଓ କଳସ ଶୋଭାଯାତ୍ରା

ଜଳେଶ୍ୱର, ୪/୪ (ନି.ପ୍ର): ସୁବର୍ଣ୍ଣରେଖା ନଦୀକୂଳ ରାଇବଣିଆ ଥାନାର ଗୋପାଳପ୍ରସାଦ ଗାଁରେ ୩ ପଂଚାୟତର ଆରାଧ୍ୟ ଦେବୀ ମା ଭଗବତୀ ମନ୍ଦିରର ପୁନଃ ପ୍ରତିଷ୍ଠା ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଓଡିଶା ଓ ପଶ୍ଚିମବଂଗ ସୀମାରେ ଏପରି ମନ୍ଦିରର ଅଲୌକିକତାକୁ ନେଇ ବହୁ କିମ୍ବଦନ୍ତି ରହିଛି । ମନସ୍କାମନା ପୂର୍ଣ୍ଣ ହେଉଥିବାରୁ ଏଠାରେ ଭକ୍ତଙ୍କ ପ୍ରବଳ ଭିଡ ଲାଗି ରହେ । ଆଜିର ଏହି କାର୍ଯ୍ୟକ୍ରମରେ ଖୁଦିଆମାଝିସାହି, ମାକିଡିଆ ଓ ଓଲମରା ପଂଚାୟତର ପ୍ରାୟ ୨୦ ଗାଁର ଅଧିବାସୀ ଏଥିରେ ସାମିଲ ହୋଇଥିଲେ । ଆଜି ଭୋର ସମୟରେ ସୁବର୍ଣ୍ଣରେଖା ନଦୀରୁ ପ୍ରାୟ ୨୬୦ ମହିଳା ଓ ହଜାର ହଜାର ଗ୍ରାମବାସୀ ପବିତ୍ର ପୂର୍ଣ୍ଣ କଳସ ପାଣି ଧରି ଶୋଭାଯାତ୍ରାରେ ମନ୍ଦିର ନିକଟରେ ପହଞ୍ଚିଥିଲେ । ପବିତ୍ର ପାଣିରେ ମନ୍ଦିର ଧୌତ କରିବାପରେ ବିଧି ମୁତାବକ ଯଜ୍ଞ ଆରମ୍ଭ ହୋଇଥିଲା । କଥିତ ଅଛି ପ୍ରାୟ ୧୬୦ ବର୍ଷ ପୂର୍ବେ ସ୍ଥାନୀ ଜଣେ ବ୍ୟକ୍ତି ସ୍ୱପ୍ନାଦେଶ ପରେ ଏକ ପୋଖରୀରୁ ମାଙ୍କ ବିଗ୍ରହ ପାଇବାରେ ଏହାକୁ ଗ୍ରାମବାସୀମାନେ ପ୍ରତିଷ୍ଠା କରିଥିଲେ । ପ୍ରତ୍ୟେକ ଶନିବାର ଓ ମଙ୍ଗଳବାର ମାଙ୍କ ପ୍ରିୟ ଖିରି ଭୋଗ ଲାଗି ହୋଇଥାଏ । ରାଇବଣିଆଠାରେ ବିରାଟ ରାଜାଙ୍କ ଗଡ ଥିବା ବେଳେ ତାଙ୍କର ଆରାଧ୍ୟ ଦେବୀ ମା ଭଗବତୀ ପୂଜା ପାଇ ଆସୁଛନ୍ତି । ବିଧାୟକଙ୍କ ହାତପାଣ୍ଠି ଓ ସ୍ଥାନୀୟ ଲୋକଙ୍କ ଅକୁଣ୍ଠିତ ଦାନରେ ଏପରି ଭବ୍ୟ ମନ୍ଦିର ନିର୍ମାଣ ହୋଇ ପାରିଥିବା ଗ୍ରାମ୍ୟମୁଖ୍ୟ ଧନଞ୍ଜୟ ଅଧିକାରୀ, ଗ୍ରାମ୍ୟକମିଟିର ମନ୍ମଥ ଖାଟୁଆ, ଶିରିଶ ଅଧିକାରୀ, ହିମାଂଶୁ ପ୍ରଧାନ, ରାଧାଗୋବିନ୍ଦ କୁଇଲା ଓ ଉତ୍ତମ ପଡିଆରୀ ପ୍ରମୁଖ କହିଛନ୍ତି । ଆସନ୍ତା କାଲି ଯଜ୍ଞ ପୂର୍ଣ୍ଣାହୁତି ପରେ ପ୍ରସାଦ ସେବନ ହେବବୋଲି ମନ୍ଦର ମୁଖ୍ୟ ପୂଜକ ବିଜ୍ଞାନ ଚନ୍ଦ୍ର ପତି କହିଛନ୍ତି । ଆସନ୍ତା ଦିନରେ ଏଠାରେ ଏକ କଲ୍ୟାଣ ମଣ୍ଡପ ଓ ପ୍ରାଚୀରବେଢ଼ା ନିର୍ମାଣ କରାଯିବା ସଂପର୍କରେ ବିଧାୟକ ଓ ବ୍ଲକ ଅଧ୍ୟକ୍ଷ ପ୍ରତିଶୃତି ଦେଇଥିବା ଗ୍ରାମବାସୀମାନେ କହିଛନ୍ତି ।

# ନବ ନିର୍ବାଚିତ ନଗରପାଳଙ୍କୁ ଭଞ୍ଜସେନାର ଦାବୀପତ୍ର

ବାରିପଦା, ୦୪/୦୪ (ନି.ପ୍ର): ନିକଟ ଅତୀତରେ ବାରିପଦା ପୌର ନିର୍ବାଚନ ସରିଥିବା ବେଳେ, ବିଜେଡି ପ୍ରାର୍ଥୀ କୃଷ୍ଣାନନ୍ଦ ମହାନ୍ତି ନଗରପାଳ ଭାବେ ନିର୍ବାଚିତ ହୋଇ ଶନିବାର ଦିନ ଦାୟୀତ୍ୱ ନେବା ପରେ ଭଂଜସେନା ପକ୍ଷରୁ ତାଙ୍କ ନିକଟରେ ବାରିପଦାର ସ୍ୱାର୍ଥ ସମ୍ବଳିତ ଏକ ଦାବୀପତ୍ର ପ୍ରଦାନ ପୂର୍ବକ ନିର୍ବାଚନ ପୂର୍ବରୁ ଦିଆଯାଇଥିବା ନିର୍ବାଚନୀ ପ୍ରତିଶୃତିକୁ ସ୍ମରଣ କରାଇ ଦିଆଯାଇଥିବାର ଜଣା ଯାଇଛି । ତେବେ ଦାବୀ ଗୁଡିକ ମଧ୍ୟରେ ପୌରପରିଷଦ ଅଧୀନରେ ଥିବା ୨୮ଗୋଟି ୱାର୍ଡରେ ମଶା ଉପଦ୍ରବରୁ ଲୋକଙ୍କୁ ରକ୍ଷା କରିବା, ପୌରପରିଷଦର ବିଭିନ୍ନ ଏରିଆରେ ସଠିକ ଭାବେ ସଫେଇ କାର୍ଯ୍ୟତ୍ୱରାନ୍ୱିତ କରିବା, ସବୁ ୱାର୍ଡରେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ତାର ସମାଧାନ କରାଯିବା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରୁ ବାରିପଦା ସହରକୁ ସୁରକ୍ଷା ପ୍ରଦାନ କରିବା



ପାଇଁ ୨୦୧୪ ମସିହାରୁ ବିଜେଡି ନିର୍ବାଚନୀ ଇସ୍ତାହାରରେ ଥିବା ବୁଢ଼ାବଳଙ୍ଗ ନଦୀ ପାର୍ଶ୍ୱରେ ଆଡିବନ୍ଧ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରାଯିବା, ପୌର ପରିଷଦ ଅଧୀନରେ ହୋଇଥିବା ଭେଣ୍ଡିଙ୍ଗଜୋନ ଗୁଡିକ ପାଇଁ ଧାର୍ଯ୍ୟ କରାଯାଇଥିବା ମୂଲ୍ୟକୁ ହ୍ରାସ କରି ପ୍ରକୃତ ହିତାଧିକାରୀଙ୍କୁ ଲଟେରୀ ମାଧ୍ୟମରେ ପ୍ରଦାନ କରାଯିବା, ପୂର୍ବ ଘୋଷିତ ଅର୍ବାନ ସିଲିଂ ନିୟମ ସରଳିକରଣ କରି ସହର ମଧ୍ୟରେ ଥିବା ଜବରଦଖଲ କାରୀଙ୍କୁ ପଟା ପ୍ରଦାନ କରାଯିବା, ବିପିଏଲ କାର୍ଡଧାରୀଙ୍କୁ ମାଗଣାରେ ଘର, ପାଣି ଓ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରାଯିବା, ଷ୍ଟେସନ ଆଥଲେଟିକ ଆସୋସିଏସନ ପଡିଆରେ ମିନି ଷ୍ଟାଡିଅମ ନିର୍ମାଣ କରାଯିବା, ମଧୁବନ ପଡ଼ିଆର ଉନ୍ନତି କରଣ କରାଯିବା, ବାରୁଣୀ ସ୍ଥିତ ସ୍ମଶାନ ଘାଟରେ ଥିବା ପୋଖରୀର ତୁରନ୍ତ ପୁନରୁଦ୍ଧାର କରାଯିବା, ସହରର ପାର୍କିଙ୍ଗ ବ୍ୟବସ୍ଥାରେ ସୁଧାର ଆଣିବା, ଗ୍ରୀଷ୍ମପ୍ରବାହ କୁ ଦୃଷ୍ଟିରେ ରଖି ପୌରପାଳିକା ତରଫରୁ ଯଥାଶୀଘ୍ର ଚାରିଆଡେ ଜଳଛତ୍ରର ବ୍ୟବସ୍ଥା କରାଯିବା, ସହରରେ ଥିବା ସୁଲଭ ଶୌଚାଳୟ ଗୁଡିକୁ ଯଥାଶୀଘ୍ର ଜନସାଧାରଣଙ୍କ ପାଇଁ କାର୍ଯ୍ୟକ୍ଷମ କରାଯିବା, ବାରିପଦା ରେ ପାନୀୟଜଳ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଜମ୍ବୀରା ନଦୀବନ୍ଧରୁ ବାରିପଦା ସହରକୁ ଜଳଯୋଗାଣ ତୁରନ୍ତ କରାଯିବା, ସହର ମଧ୍ୟରେ ଥିବା ୱାର୍ଡ ଗୁଡିକରେ ରାସ୍ତାଘାଟ, ଲାଇଟର ତୁରନ୍ତ ସୁବ୍ୟବସ୍ଥା କରାଯିବା ଭଳି ଦାବୀ ଉପସ୍ଥାପନ କରାଯିବା ସହ ଆସନ୍ତା ୭ ଦିନ ମଧ୍ୟରେ ବାରିପଦା ଜନସାଧାରଣଙ୍କୁ କାର୍ଯ୍ୟପନ୍ଥା ବିଷୟରେ ଅବଗତ କରାଇବାକୁ ଦାବୀ ଜଣାଇଛନ୍ତି । ନଚେତ ଭଂଜସେନା ତାର ଆଗାମୀ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ବାଧ ହେବ ବୋଲି ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଭଂଜସେନାର ଯୁବ ସଭାପତି ମାନସ ବେହେରା, ବାରିପଦା ଉପଖଣ୍ଡ ସଭାପତି ଜ୍ୟୋତିରଞ୍ଜନ ପୃଷ୍ଟି, ଯୁବଛାତ୍ର ସଂଯୋଜକ ଏସ.କେ.ରାଜାଖାନ, ଛାତ୍ର ସଭାପତି ସୌମ୍ୟରଂଜନ ମିଶ୍ର, ବାରିପଦା ସହର ସଭାପତି ପ୍ରୀତମ ପଣ୍ଡା, ଦେବରଂଜନ ଦାସ ଏବଂ ପବିତ୍ର କୁମାର ଗିରି ପ୍ରମୁଖ କହିଛନ୍ତି ।

ବାଲେଶ୍ୱର, ମଙ୍ଗଳବାର, ୦୫ ଅପ୍ରେଲ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ତିନି ଡାକ୍ତରରେ ଚାଲିଛି ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର

ଗଞ୍ଜାମ, ୦୪/୦୪ (ନି.ପ୍ର): ମାତ୍ର ତିନି ଜଣ ଡାକ୍ତରରେ ଚାଲିଛି ଗଞ୍ଜାମ ଜିଲ୍ଲା ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର। ଏହି ଡାକ୍ତରଖାନାରେ ୬୦ ଟି ଶଯ୍ୟା ଥିବା ବେଳେ ଦୈନିକ ୩୦୦ ରୁ ଅଧିକ ଲୋକ ଚିକିତ୍ସା ପାଇଁ ଆସିଥାନ୍ତି । ସେହିପରି ମାସିକ ଶତାଧିକ ଗର୍ଭବତୀ ପ୍ରସବ ପାଇଁ ଆସିଥାନ୍ତି । ବାର୍ଷିକ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦୦ ରୁ ଅଧିକ ଶବ ବ୍ୟବଚ୍ଛେଦ ହୋଇଥାଏ । କିନ୍ତୁ, ସବୁଠୁ ଦୁଃଖର ବିଷୟ ସବଡିଭିଜନ ଡାକ୍ତରଖାନାର ମାନ୍ୟତା ପାଇବା ପରେ ବି ଏହି ଡାକ୍ତରଖାନା ଅବ୍ୟବସ୍ଥାଘେରରେ ଚାଲିଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଶିଶୁରୋଗ ବିଶେଷଜ୍ଞ ଓ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସମେତ ମୋଟ୍ ୩ ଜଣ ଡାକ୍ତର ରହିଛନ୍ତି । କିନ୍ତୁ, ଅଧିକ ଦାୟୀତ୍ୱ ରହୁଥିବାରୁ ସେମାନେ ମଧ ରୋଗୀଙ୍କୁ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ପାରୁନାହାଁନ୍ତି । ଆସିକା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନିତ ହେବାକୁ ଇତିମଧ୍ୟରେ ୩ ବର୍ଷ ବିତିଛି । ହେଲେ ଅନେକ ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ସେଗୁଡିକୁ ପୂରଣ କରିବା ଦିଗରେ ଜିଲ୍ଲା ପ୍ରଶାସନ ଧ୍ୟାନ ଦେଉନାହିଁ । ଚିକିତ୍ସା ପାଇଁ ଆସିକା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆସିକା ସମେତ ଧରାକୋଟ, ଶେରଗଡ଼, ବେଲଗୁଣ୍ଠା, ବୁଗୁଡ଼ା, ସୋରଡ଼ା ଓ କବିସୂର୍ଯ୍ୟନଗର ବ୍ଲକର ଲୋକେ ନିର୍ଭର କରିଥାନ୍ତି । ମାସିକ ହାରାହାରି ୩୦୦ ରୁ ଅଧିକ ପ୍ରସୂତୀ ପ୍ରସବ ପାଇଁ ଏଠାକୁ ଆସିଥାନ୍ତି । ହେଲେ ଦୀର୍ଘ ବର୍ଷ ହେଲା ଏଠାରେ କେହି ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ନଥିବାରୁ ସେମାନେ ଅନେକ ସମସ୍ୟାରେ ପଡିଥାନ୍ତି । ୧୦ ବର୍ଷରୁ ଅଧିକ ହେବ ଓ.ଟି.ରେ ତାଲା ଝୁଲୁଛି । ଲକ୍ଷାଧିକ ଟଙ୍କାର ମେଡିକାଲ ଯନ୍ତ୍ରାଂଶ ପଡି ଖତ ଖାଉଛି । ବିଶେଷଜ୍ଞ ଅଭାବରୁ ବ୍ଲଡ ଷ୍ଟୋରେଜ୍ ୟୁନିଟ୍ ଅଚଳ ହୋଇପଡିଛି । ଲୋକେ ସରକାରୀ ଚିକିତ୍ସା ସୁବିଧା ନପାଇ ବାଧ୍ୟ ହୋଇ କ୍ଲିନିକ୍ ତଥା ବେସରକାରୀ ଚିକିତ୍ସା କେନ୍ଦ୍ରକୁ ଯାଇ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି । ଗତ କିଛି ବର୍ଷ ହେଲା ଆସିକା ସହରରେ ୧୫ ରୁ ଅଧିକ ଔଷଧ ଦୋକାନ ସ୍ୱାସ୍ଥ୍ୟସେବାର ଦାୟୀତ୍ୱ ନେଇଛନ୍ତି । ସେମାନଙ୍କ ନେତୃତ୍ୱରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ବିଶେଷଜ୍ଞ ଡାକ୍ତର ଆସି ଏଠାରେ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି ।

## ଚିତ୍ରନାଟ୍ୟ ପୁସ୍ତକ ଅର୍ଦ୍ଧାଙ୍ଗିନୀର ଲୋକାର୍ପଣ



ଭୁବନେଶ୍ୱର, ୦୪/୦୪ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା ନିମନ୍ତେ ଓଡ଼ିଆ ଚଳଚ୍ଚିତ୍ର ର ବଳିଷ୍ଠ ଭୂମିକା ରହିଛି ବୋଲି ଆଜି ପକ୍ଷୀଘର ପ୍ରକାଶନ ଆନୁକୁଲ୍ୟରେ ଉତ୍ତରା ଛକ ନିକଟସ୍ଥ ସରଦେଇପୁର୍ ଡାକବଙ୍ଗଳାରେ ଡ.ରଜନୀ ରଞ୍ଜନଙ୍କ ଚିତ୍ରନାଟ୍ୟ ପୁସ୍ତକ ଅର୍ଦ୍ଧାଙ୍ଗିନୀର ଲୋକାର୍ପଣ ଉତ୍ସବ ରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ସାମ୍ବାଦିକ ସୋମନାଥ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରଫେସର କୁଞ୍ଜବିହାରୀ ଧଳ,ଗାଳ୍ପିକ ଅଜୟ ସ୍ୱାଇଁ , ଗାଳ୍ପିକ ପରେଶ୍ ପଟ୍ଟନାୟକ, ନାଟ୍ୟକାର ବିଜୟ ଦାସ, ଡ.ବେଣୁଧର ଦାସ, ଅଭିନେତ୍ରୀ ଲିପ୍ସା ମିଶ୍ର, ପ୍ରକାଶକ ବନୋଜ ତ୍ରିପାଠୀ ଓ ଚଳଚ୍ଚିତ୍ର ଗବେଷକ ମାଧବ୍ ବେହୁରା ପ୍ରମୁଖ ଯୋଗଦେଇ ଅର୍ଦ୍ଧାଙ୍ଗିନୀ ର ଲୋକାର୍ପଣ କରିଥିଲେ। ପ୍ରାରମ୍ଭରେ ଏକ କବିତାପାଠ ଅନୁଷ୍ଠିତ ହୋଇଥିଲା। ବଙ୍କିମ ନାୟକ, ଡ.ଅବଦୁଲ ଓସିଡ ଖାଁ, ଭଗବାନ ସାହୁ, ପୂର୍ଣ୍ଣ ଚନ୍ଦ୍ର ମହାରଣା, ବୈଜୟନ୍ତିଇ ସାହୁ, ରଶ୍ମି ସାମଲପ୍ରମୁଖ କବିତା ପଠା କରିଥିଲେ। ଅନ୍ୟାନ୍ୟଙ୍କ ମଧ୍ୟରେ ଡ.ପ୍ରସନ୍ନ ନାୟକ, ଦିଲ୍ଲୀପ ଓଝା, ତନୟା ଦାସ ଗୋସ୍ୱାମୀ, ନିର୍ଦ୍ଦେଶକ ଗୁଲଜର ହସନ୍, ଅଭିମନ୍ୟୁ ନାୟକ, ବିଧୁଭୁସନ୍ ପଟ୍ଟନାୟକ, ନାରାୟଣ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଅର୍ଦ୍ଧାଙ୍ଗିନୀର ଅଭିନେତ୍ରୀ ଲିପ୍ସା ମିଶ୍ର ଓ ବାଣିଜ୍ୟ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପରିଶେଷରେ ପୂର୍ଣ୍ଣ ଚନ୍ଦ୍ର ମହାରଣା ଧନ୍ୟବାଦ୍ ଅର୍ପଣ କରିଥିଲେ।

### ୧୧୦ ଗ୍ରାମ୍ ବ୍ରାଉନସୁଗର ଜବତ, ୨ ଗିରଫ

ପୁରୀ, ୦୪/୦୪ (ନି.ପ୍ର): ବ୍ରାଉନସୁଗର ଚାଲାଣ ଅଭିଯୋଗରେ ଦୁଇ ଜଣଙ୍କୁ ଗିରଫ କରିଛି ପୁରୀ ପୋଲିସ । ଗିରଫ ଅଭିଯୁକ୍ତଙ୍କ ଠାରୁ ୧୧୦ ଗ୍ରାମ୍ ବ୍ରାଉନସୁଗର ଜବତ ହୋଇଛି । ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ଟଙ୍କା ହେବ । ଏହା ବ୍ୟତୀତ ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧୧ ହଜାର ଟଙ୍କା, ୬ଟି ମୋବାଇଲ ଓ ୨ଟି ବାଇକ୍ ଜବତ ହୋଇଛି ।

## ୭ ଦିନ ବ୍ୟାପି ସିଲେଇ ଶିକ୍ଷା ତାଲିମ ଶିବିର

ଜଳେଶ୍ୱର, ୦୪/୪ (ନି.ପ୍ର): ଜଳେଶ୍ୱର ପୌରପାଳିକାର ନନ୍ଦିକାସ୍ଥିତ ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ୭ ଦିନ ଧରି ସିଲେଇ ଶିକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇ ଯାଇଛି । ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବାଲାଗି ଭୁବନେଶ୍ୱରର ଗ୍ରାମ ଉତ୍ଥାନ ପକ୍ଷରୁ ଭିନ୍ନକ୍ଷମ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ କପିଳେଶ୍ୱର ମହାନ୍ତି ଉଦ୍‌ଘାଟିତ କରିଥିଲେ । ୧୦ଜଣ ମହିଳା ଉଷା ମେସିନ୍ କମ୍ପାନୀ ଓ ଗ୍ରାମ ଉତ୍ଥାନ ସଂସ୍ଥାର ମିଳିତ



ଆନୁକୂଲ୍ୟରେ ଏପରି ତାଲିମ ହେବା ସହିତ କମ୍ପାନୀ ପକ୍ଷରୁ ପ୍ରତିପରିବାରକୁ ଗୋଟିଏ ଲେଖାଏ ଉଷା ସିଲେଇ ମେସିନ୍ ଯୋଗାଇ ଦିଆଯାଇଛି । ବାସନ୍ତି ମୁର୍ମୁ, ଅପର୍ଣ୍ଣା ସିଂ, ମେରିଆ ହେମ୍ବ୍ରମ, ବୁଲା ସିଂ, ମାମି ମୁର୍ମୁ, ବୁଧୁ କିସ୍କୁ, ସାଲମା ମାରାଣ୍ଡି, ଗଂଗତ୍ରୀ ହେମ୍ବ୍ରମ, ହୀରାମଣୀ ମୁର୍ମୁ, ଲକ୍ଷ୍ମୀ ଟୁଡୁ ପ୍ରମୁଖ ପ୍ରଶିକ୍ଷଣ ନେଇଥିବା ବେଳେ ସେକ୍ ଜାମଲ, ଶ୍ରଦ୍ଧାଞ୍ଜଳି ଦତ୍ତ, ଗୁରୁପ୍ରସାଦ ମହାନ୍ତି ପ୍ରମୁଖ ତାଲିମ ଶିବିରକୁ ପରିଚାଳନା କରିଥିଲେ । ଆଜି ଉଦ୍‌ଯାପନ ଦିବସ ଥିବାରୁ ଭିନ୍ନକ୍ଷମ ବିଦ୍ୟାଳୟର ପରିଚାଳନା କମିଟି ସଭାପତି କମଳ ଚକ୍ରବର୍ତ୍ତୀ, ପ୍ରଧାନ ଶିକ୍ଷକ ଆଇଯାକ ପରିଡା, କଳାକାରକାର ବିକାଶ ପରିଷଦର ସମ୍ପାଦକ ମନୋରଂଜନ ଦାସ ପ୍ରମୁଖ ଉପସ୍ଥିତ ରହି ଯୋଗ୍ୟତା ପ୍ରମାଣପତ୍ର, ଉଷା ସିଲେଇ ମେସିନ୍ ପ୍ରଦାନ କରିଥିଲେ । ଅଜୟ କୁମାର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।

## ପେଟ୍ରୋଲ-ଡିଜେଲ ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଦରବୃଦ୍ଧିର ପ୍ରତିବାଦ : ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ

ବାଲେଶ୍ୱର,୦୪/୦୪ (ନି.ପ୍ର): ପେଟ୍ରୋଲ ଓ ଡିଜେଲ ସମେତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ବିରୋଧରେ ଜିଲା କଂଗ୍ରେସ କମିଟି ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି । ଜିଲା କଂଗ୍ରେସ କମିଟି ସଭାପତି ସଞ୍ଜୀବ ଗିରିଙ୍କ ନେତୃତ୍ୱରେ କର୍ମୀ ଓ ସମର୍ଥକମାନେ ସ୍ଥାନୀୟ ମିଶନ ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶ୍ରୀ ଗିରିଙ୍କ ସମେତ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ଅର୍ଚ୍ଚନା ନନ୍ଦୀ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଜେନା, ସମ୍ପାଦକ ଦେବଦତ୍ତ ଦାସ, ଯୁବ କଂଗ୍ରେସ ଜିଲା ସଭାପତି ରଂଜନ ଦାସ, ଛାତ୍ର କଂଗ୍ରେସ ସଭାପତି ଗୌତମ ସାହୁ, ଅଣସଂଗଠିତ ଶ୍ରମିକ କଂଗ୍ରେସ ଜିଲା ସଭାପତି ବିକାଶ ଦାସ ପ୍ରମୁଖ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ତୈଳନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଉତ୍ତର ପ୍ରଦେଶ ନିର୍ବାଚନ ପାଇଁ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିକୁ ସ୍ଥଗିତ ରଖି ସାଧାରଣ ଜନତାଙ୍କୁ ଭୁଆଁ ବୋଲାଇ ଚାଲିଥିଲେ ବୋଲି ସେମାନେ ଅଭିଯୋଗ କରିଥିଲେ । ୫ଟି ରାଜ୍ୟରେ ନିର୍ବାଚନ ପରେ ଗତ ୧୦ ଦିନ ମଧ୍ୟରେ ତୈଳ ଦର ୧୦ଟଙ୍କା ବଢ଼ିଥିବା ବେଳେ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ମଧ୍ୟ ଆକାଶ ଛୁଆଁ ହେଲାଣି । କେନ୍ଦ୍ର ସରକାରଙ୍କ ଜନ ଶୋଷଣ ନୀତି ଯୋଗୁଁ ସମ୍ପ୍ରତି ଏବେ ଦେଶରେ ପେଟ୍ରୋଲ ଓ ଡିଜେଲର ପ୍ରତି ଲିଟର ମୂଲ୍ୟ ୧୧୦ ଟଙ୍କା ଅତିକ୍ରମ କରିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି କଂଗ୍ରେସ ନେତାମାନେ କହିଛନ୍ତି । ପେଟ୍ରୋଲ ଓ ଡିଜେଲର ଦରବୃଦ୍ଧିର ପ୍ରଭାବ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜନସାଧାରଣଙ୍କ ଉପରେ ପଡ଼ିବାରେ ଲାଗିଛି । ଏଥି ଯୋଗୁଁ ସାଧାରଣ ଜନତାଙ୍କ ଆର୍ଥିକ ସ୍ଥିତି ଗୁରୁତର ଭାବେ ପ୍ରଭାବିତ ହୋଇଥିବା ବେଳେ ତୈଳ ଦରବୃଦ୍ଧି ଯୋଗୁଁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଢ଼ିବାରେ ଲାଗିଛି । ଏହା ଲୋକଙ୍କ ଉପରେ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି । କେନ୍ଦ୍ର ସରକାର ଦେଶର ଅର୍ଥନୀତି ପରିଚାଳନାରେ ବିଫଳ ହୋଇଛନ୍ତି ବୋଲି କଂଗ୍ରେସ ନେତାମାନେ କହିଛନ୍ତି। ଟିକସ ମାଧ୍ୟମରେ ଦଳୀୟ ପାଣ୍ଠି ବଢ଼ାଇବା ନୀତି ଛାଡ଼ି ସରକାର ତୁରନ୍ତ ତୈଳଦର ହ୍ରାସ ନକଲେ ଆଗାମୀ ଦିନରେ କଂଗ୍ରେସ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ଜିଲା ନେତାମାନେ ଚେତାବନୀ ଦେଇଥିଲେ ।

### ସଡ଼କ ଦୁର୍ଘଟଣା ଦୁଇଜଣ ଗୁରୁତର

ଭବାନୀପାଟଣା, ୦୪/୦୪ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଡୁମୁରା ଠାରେ ଏକ ସଡ଼କ ଦୁର୍ଘଟଣାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ସିଙ୍ଗଝେର ଗ୍ରାମର ହୀରାଧର ବୈଠରୁ ନିଜ ବାଇକ ଓଡି୦୮କେ୦୯୭୩ ହିରୋ ସ୍ପେଲଣ୍ଡର ଗାଡ଼ିରେ କୌଣସି କାମରେ ଗୋଲାମୁଣ୍ଡା ଆସୁଥିବା ବେଳେ ଡୁମୁରା ଠାରେ ଉକ୍ତ ଗ୍ରାମର ସାଇକେଲ ଚାଳକ ନୀତିଆ ମାଝୀ (୫୫) ଙ୍କ ସହିତ ଧକ୍କା ହୋଇଥିଲା। ଫଳରେ ଦୁଇ ଚାଳକ ଗୁରୁତର ଆହତ ହୋଇଥିଲେ। ଘଟଣା ସ୍ଥଳରେ ସ୍ଥାନୀୟ ଅଂଚଳବାସୀ ପହଂଚି ତୁରନ୍ତ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଆମ୍ବୁଲାନ୍ସ ଯୋଗେ ୨ ଗୁରୁତରକୁ ପ୍ରଥମେ ଗୋଲାମୁଣ୍ଡା ଡାକ୍ତରଖାନାକୁ ନିଆଯାଇଥିଲା। ସାଇକେଲ ଚାଳକ ନୀତିଆ ମାଝୀ ଅଧିକ ଗୁରୁତର ଥିବାରୁ ତାଙ୍କୁ ଡାକ୍ତର ଉପଖଣ୍ଡ ଚିକିତ୍ସାଳୟ କୁ ସ୍ଥାନାନ୍ତର କରିଥିଲେ।

## ପୂର୍ବ ରେଳ ସାରଣୀ ଓ ନିୟମ ଅନୁଯାୟୀ ରେଳ ଚଳଚଳ ଦାବି

ଜଳେଶ୍ୱର, ୦୪/୪ (ନି.ପ୍ର): କୋଭଡ୍ ମହାମାରୀ ଯୋଗୁଁ ସମଗ୍ର ବିଶ୍ୱରେ ବହୁ ପରିବର୍ତ୍ତନ ଦେଖା ଦେଇଛି । ଭାରତୀୟ ରେଳବାଇ ଭୋଭିଡ୍ ନିୟମ ଅନୁଯାୟୀ ରେଳ ଚଳାଚଳ ବନ୍ଦ କରିଥିବା ବେଳେ ପରେ କେତେକ ରେଳ ୩୫ପ୍ରତିଶତ ଅଧିକ ଭଡାରେ ଚଳାଚଳ କରୁଛି । କିନ୍ତୁ ଏବେବି ବହୁ ଯାତ୍ରୀବାହୀ ରେଳ ଚଳାଚଳ କରୁନଥିବା, ମାସିକ ଟିକଟ ମିଳୁନଥିବା, ମହିଳା ଓ ବରିଷ୍ଠ ନାଗରିକଙ୍କୁ ସୁବିଧାସୁଯୋଗ ଦିଆନଯିବା ଏବଂ ପୂର୍ବ ସାରଣୀ ଓ ନିୟମ ଅନୁଯାୟୀ ରେଳ ଚଳାଚଳ କରୁନଥିବାରୁ ସୀମାନ୍ତ ଉନ୍ନୟନ ପରିଷଦ ପକ୍ଷରୁ ରେଳ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି । କାର୍ଯ୍ୟାନୁଷ୍ଠାନ ନ ହେଲେ ଆସନ୍ତା ୨୦ ତାରିଖରୁ ଲକ୍ଷ୍ମଣନାଥ ରେଳ ଷ୍ଟେସନ ଠାରେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଦର୍ଶାଯାଇଛି । ୨ବର୍ଷ ପୂର୍ବେ କୋଭିଡ୍ ଯୋଗୁଁ ରେଳ ଚଳାଚଳ ଅସ୍ୱାଭାବିକ୍ ହୋଇଛି । ଟ୍ରେନ୍ ଗୁଡିକ ନିଜସ୍ୱ ନାମ ନମ୍ବର ହରାଇ ସ୍ୱତନ୍ତ୍ର ରେଳ ଭାବେ ଚଳାଚଳା କରୁଛି । ଫଳରେ ନିର୍ଦ୍ଦିଷ୍ଟ ଭଡା ଠାରୁ ୩୫ ପ୍ରତିଶତ ଅଧିକ ଭଡା ଦେବାକୁ ପଡୁଛି । ଷ୍ଟେସନରେ ଟିକଟ କିଣିବାର ସୁବିଧା ନ ମିଳିବା, ସ୍କୁଲ ଛାତ୍ର ଓ ବରିଷ୍ଠ ନିଗରିକଙ୍କୁ ରିହାତି ନ ମିଳିବା ଇତ୍ୟାଦିକୁ ନେଇ ପରିଦେ ପକ୍ଷରୁ ଖଡଗପୁର ଡିଆର୍‌ଏମ୍ ଓ କୋଲକତାର ସାଧାରଣ ପ୍ରବନ୍ଧକ, ରେଳବାଇ ମନ୍ତ୍ରୀ, ବାଲେଶ୍ୱର ସାଂସଦ, ମୁଖ୍ୟ ଶାସନ ସଚିବ ଓ ଜିଲାପାଳଙ୍କୁ ଲିଖିତଭାବେ ଷ୍ଟେସନ ମାଷ୍ଟରଙ୍କ ମାଧ୍ୟମରେ ଅବଗତ କରାଯାଇଛି । ୨୦ ତାରିଖ ସୁଦ୍ଧା ସମସ୍ତ ପାସେଞ୍ଜର ଓ ଏକ୍ସପ୍ରେସ ପୂର୍ବ ସମୟ ଓ ପୂର୍ବ ନିର୍ଦ୍ଧାରିତ ଭଡାରେ ଚଳାଚଳା କରିବା, ବାଲେଶ୍ୱର-ଭୁବନେଶ୍ୱର ମେମୋ ଟ୍ରେନ୍‌କୁ ଲକ୍ଷ୍ମଣନାଥ ଯାଏ ସମ୍ପ୍ରସାରଣ କରିବା ଏବଂ ଟ୍ରାଭେଲ କନ୍‌ସେସନ୍ ଲାଗୁ କରିବା ଉପରେ ସେମାନେ ଦାବି କରିଛନ୍ତି । ପରିଷଦର ସଭାପତି ସୂର୍ଯ୍ୟାନନ୍ଦ ପାଳ, ସଂପାଦକ ରବିନ୍ଦ୍ର ନାଥ ଦାସ, ଅତିରିକ୍ତ ସଂପାଦକ ସୁଦାମ ଚନ୍ଦ୍ର ପାତ୍ର, ସରପଂଚ ରାଜେଶ ଜେନା, ସମିତି ସଦସ୍ୟ ବ୍ରଜମୋହନ ପ୍ରଧାନ, ମିନତି କର, ଚନ୍ଦନ କର, ଅକ୍ଷୟ ଜେନା, ନାଥୁରାମ ହେମ୍ବ୍ରମ ପ୍ରମୁଖ ଏହି ଦାବିପତ୍ର ଷ୍ଟେସନ ମାଷ୍ଟରଙ୍କୁ ପ୍ରଦାନ କରିଛନ୍ତି ।

## ଆଖୁ ବାଡିରେ ଯୁବକଙ୍କ ଆତ୍ମହତ୍ୟା

ନୂଆପଡା, ୦୪/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଚନାବେଡା ଗ୍ରାମରେ ଜଣେ ବିବାହିତ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ କବିରାଜ ବେହେରା, ବୟସ ୪୦ ବର୍ଷ। ସେ ଆଜି ସକାଳୁ ନିଜ ଆଖୁବାଡିକୁ ଯାଇଥିଲେ ଓ ସେଠାରେ ଥିବା କୂପରେ ଲାଗିଥିବା ତେଣ୍ଡା ରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏନେଇ ପରିବାର ଲୋକେ ଖଡ଼ିଆଳ ପୁଲିସକୁ ଅବଗତ କରାଇବା ପରେ ଶବ ଉଦ୍ଧାର କରି ପୋଷ୍ଟ ମର୍ଟମ ପାଇଁ ପଠା ଯାଇଛି ଓ ତଦନ୍ତ କରାଯାଉଛି ବୋଲି ଖଡ଼ିଆଳ ପୁଲିସ ଆଇ ଆଇ ସି ଅନିରୁଦ୍ଧ ମୁଦୁଲି କହିଛନ୍ତି। ମୃତକ କବିରାଜଙ୍କ ସ୍ତ୍ରୀ ଓ ଚାରି ପୁଅଝିଅ ଅଛନ୍ତି। ପୂର୍ବରୁ ମଧ ଥରେ ସେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି।

## କୃତି ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ବାଲିଆପାଳ, ୦୪/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ବେତଗଡିଆ ନରେନ୍ଦ୍ର ନାଥ ନୋଡାଲ ଉପ୍ରା ବିଦ୍ୟାଳୟରେ ଏକ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଶିକ୍ଷକ ଦାମୋଦର ଦାସଙ୍କୁ ବିଦାୟୀ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲ । ଅନୁଷ୍ଠିତ ଏହି ସଭାରେ ପ୍ରଧାନ ଶିକ୍ଷକ ଅଜୟ କୁମାର ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା,ମୁଖ୍ୟ ବକ୍ତା ଭାବେ ଧ୍ରୁବ ଚରଣ ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ପ୍ରିୟବ୍ରତ ପଣ୍ଡା, ସମ୍ମାନୀତ ଅତିଥି ଭାବେ ବାଲିଆପାଳ ସହ ଗୋଷ୍ଠି ଶିକ୍ଷାଧିକାରୀ ଆରତୀ ଭୂୟାଁ



ଯୋଗ ଦେଇଥିଲେ । ବାଲିଆପାଳ ବ୍ଲକ ଶିକ୍ଷକ ସମନ୍ୱୟ ସମିତିର ସଭାପତି ମନ୍ମଥ ବିଶ୍ୱାଳ, ସମ୍ପାଦକ ଆଦିତ୍ୟ କୁମାର ରାଉତ, ବେତଗଡିଆ ସରପଂଚ ସୁମିତ୍ରା ଗିରି, ବ୍ଲକ ସଦସ୍ୟ ରାଜୀବ ରାୟ ପ୍ରମୁଖ ଯୋଗ ଦେଇ ବିଦାୟୀ ଶିକ୍ଷକଙ୍କ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଦାୟୀ ଶିକ୍ଷକଙ୍କୁ ଉପଢୌକନ ଓ ମାନ ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା କମିଟିରସମସ୍ତ ସଦସ୍ୟ ସଦସ୍ୟା, ଛାତ୍ରଛାତ୍ରୀ, ଗ୍ରାମବାସୀ, ପୁରାତନ ଛାତ୍ରଛାତ୍ରୀ ସହ ଯୋଗ କରିଥିଲେ ।

## ବସ୍ତା ଅଞ୍ଚଳର ବରିଷ୍ଠ ଚାଷୀଙ୍କ ବିୟୋଗରେ ଶୋକ

ବସ୍ତା, ୦୪/୦୪ (ନି.ପ୍ର): ବସ୍ତା ଥାନା ଅଧିନସ୍ଥ ବ୍ରାହ୍ମଣଦାପଞ୍ଚାୟତ ରଣାମୁଣ୍ଡଳୀ ଗ୍ରାମର ସ୍ୱର୍ଗତ ଆନନ୍ଦ ବେହେରା ଙ୍କ ବଡ ପୁଅ ବିଶ୍ୱନାଥ ବେହେରା (୬୫) ଗତକାଲି ରାତିରେ ଖାଇସାରି ଶୋଇଥିବା ସମୟ ରେ ତାଙ୍କର ଦେହ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ବସ୍ତା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ ହେଲେ ତାଙ୍କର ପରିସ୍ଥିତି ଅଣ ଆୟତ ହେବାରୁ ବାଲେଶ୍ୱର ପରେ କଟକ ଅଶ୍ୱନୀ ମେଡିକାଲରେ ପହଞ୍ଚି ଥିଲେ ହେଁ ମେଡିକାଲ ଗେଟ ନିକଟରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ନିରାଶ ହୋଇ ଫେରିଆସିଥିଲେ । ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବସ୍ତା ଅଞ୍ଚଳରେ ଶୋକରଛାୟା



ଖେଳିଯାଇଛି । ସେଜଣେ ଦକ୍ଷ୍ୟ ଚାଷି ସାଙ୍ଗକୁ ଗାଈ ରଖିବା କୁକୁଡା ପାଳନ ସହିତ ମାଛ ଚାଷ କରନ୍ତି ତାଙ୍କର ଆଚାର ବ୍ୟବହାର ଏତେ ଭଲ ତାଙ୍କର ମୃତ୍ୟୁଖବର ଶୁଣି ବାକ୍ଷଣି ବିଜେଡିର ରାଜ୍ୟ ସାଧାରଣ ସଂପାଦକ ଶ୍ୟାମାପ୍ରସାଦ ବେହେରା, ସ୍ଥାନୀୟ ସରପଞ୍ଚ ଭବାନୀ ଜେନା, ଯୁବ ନେତା ସଂଜୟ ବୁଗୁଡି, ସାମ୍ବାଦିକ ବିଜୟ କୁମାରଭୂୟାଁ, ସୁଶାନ୍ତ କୁମାର ପ୍ରଧାନ. ପଞ୍ଚାୟତ ସଭାପତି ନିଗମା ନନ୍ଦ ଗିରି, ଚନ୍ଦନ ଯେନା, କମଳା କାନ୍ତ ବେହେରା, ପୂର୍ବତନ ସରପଞ୍ଚ ବିଶ୍ୱନାଥ ସିଂ, ବିରାଜ ସିଂଦେଓ, ପ୍ରମୁଖ ବହୁ ମାନ୍ୟଗନ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ ପରିବାରକୁ ସମବେଦନା ଯଣାଇଥିଲେ । ପ୍ରକାଶ ଥାଉ କି ତାଙ୍କର ବିଧବା ପତ୍ନୀ ୩ଝିଅ ଗୋଟିଏପୁଅ ୫ଭାଇ ଅଛନ୍ତି । ପୁଅ ହୋଲିଆ ମୂଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁରେ ଗଅଞ୍ଚଳରେ ଶୋକରଛାୟା ଖେଳିଯାଇଛି ।

### ଲକ୍ଷ୍ମୀ ନୃସିଂହଙ୍କୁ ମୀନ ଅବତାରରେ ସଜ୍ଜିତ

ଜୟପୁର, ୦୪/୦୪ (ନି.ପ୍ର): ଜୟପୁର କଣ୍ଡରା ସାହିରେ ଥିବା ଲକ୍ଷ୍ମୀ ନୃସିଂହ ମନ୍ଦିରରେ ଠାକୁରଙ୍କୁ ସ୍ୱତନ୍ତ୍ର ବେଶରେ ସଜ୍ଜିତ କରାଯାଇଛି । ଚୈତ୍ର ମାସ ଶୁକ୍ଳ ପକ୍ଷ ଅବସରରେ ପ୍ରଭୁ ଲକ୍ଷ୍ମୀ ନୃସିଂହଙ୍କୁ ମୀନ ଅବତାରରେ ସଜ୍ଜିତ କରାଯାଇଛି । ଏହି ବେଶ ଦର୍ଶନ କଲେ ଭକ୍ତକୁ ମହାପୁଣ୍ଯ ମିଳିଥାଏ ବୋଲି ପ୍ରବାଦ ରହିଛି ।

## ଯଶସ୍ୱୀ ଇଞ୍ଜିନିୟର ଶ୍ରୀଯୁକ୍ତ ଅଶୋକ ବସା ସମ୍ବର୍ଦ୍ଧିତ

ବାରିପଦା, ୦୪/୦୪ (ନି.ପ୍ର): ସାରା ବିଶ୍ୱରେ ସୁନାମ ଅର୍ଜନ କରିଥିବା ଅଭିଜ୍ଞ ଯଶସ୍ୱୀ ବରିଷ୍ଠ ଇଞ୍ଜିନିୟର ଶ୍ରୀଯୁକ୍ତ ଅଶୋକ ବସାଙ୍କୁ ସ୍ଥାନୀୟ ଶହୀଦ ସ୍ମୃତି ଭବନ ଠାରେ 'ଆମେ-୭୩' ସଂଗଠନ ତରଫରୁ ଆଜି ସନ୍ଧ୍ୟାରେ ସମ୍ବର୍ଦ୍ଧିତ କରାଯାଇଛି । ସଂଗଠନର ସଦସ୍ୟ ବୈଦ୍ୟନାଥ ରଥଙ୍କ ଅବାହକତ୍ୱରେ ଏବଂ ବରିଷ୍ଠ ଆଇନଜିବୀ କୃଷ୍ଣ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଭବ୍ୟ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡିଶା ଲୋକାୟୁକ୍ତ ଡ. ଦେବବ୍ରତ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ମୋରଡା ବିଧାୟକ ରାଜକିଶୋର ଦାସ, ବାରିପଦା ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇ ଇଂ ବସା ସାରା ବିଶ୍ୱର ଇଂଜିନିୟରିଂ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ



ସୃଷ୍ଟି କରି ମୟୂରଭଂଜ ମାଟିକୁ ଗୌରବାନ୍ୱୀତ କରିଥିବା ଏବଂ ତାଙ୍କର ପ୍ରତକ୍ଷ୍ୟ ତତ୍ୱାବଧାନରେ ମହାନଦୀ ଉପରେ ନିର୍ମିତ ଧବଳେଶ୍ୱର ବ୍ରିଜ୍, କଟକ ସ୍ଥିତ ଜୋବ୍ରା ଫ୍ଲାଇ ଓଭର ବ୍ରିଜ୍, ଜବାହରଲାଲ ନେହେରୁ ଇଣ୍ଡର ଷ୍ଟାଡିଅମ ଆଦି ତାଙ୍କର କର୍ମକୁଶଳତା ଏବଂ ଅନନ୍ୟ ଅଭିଜ୍ଞତାର ଜ୍ୱଳନ୍ତ ନିଦର୍ଶନ ବୋଲି କହିଥିଲେ । ଇଂ ବସାଙ୍କର ସୁଦିର୍ଘ ଅଭିଜ୍ଞତାକୁ ଭିତି କରି ଯାନ୍ତ୍ରିକ ସଂଗଠନ ସମୂହର ବିଶ୍ୱ ମହାସଂଘର ଉପସଭାପତି ଭାବେ ନିର୍ବାଚିତ ହୋଇପାରିଛନ୍ତି । ଏହି ପଦ ଅଳଙ୍କୃତ କରିବାରେ ଇଂ ବସା ହେଉଛନ୍ତି ପ୍ରଥମ ଓଡିଆ ହୋଇଥିବା ବେଳେ ଦ୍ୱିତୀୟ ଭାରତୀୟ ମଧ । ଏଭଳି ଜଣେ ଅମ୍ଳାନ ବ୍ୟକ୍ତିତ୍ୱକୁ 'ଆମେ -୭୩' ବ୍ୟତୀତ ମୟୂରଭଞ୍ଜ ତଥା ଝାଡଖଣ୍ଡର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଶେଷରେ କ୍ଷୀରୋଦ ଚନ୍ଦ୍ର ସୀଟ୍ ଉପସ୍ଥିତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ମୁତାବକ ୧୯୫୮ ମସିହା ମାର୍ଚ୍ଚ ମାସ ୨ ତାରିଖରେ ମୟୂରଭଞ୍ଜର ଉପାନ୍ତ ଅଂଚଳ ବଡଚାଟରା ଗ୍ରାମରେ ପିତା ସୀମାନ୍ତ ପୁରୁଷ ସ୍ୱର୍ଗତଃ ପରେଶ ଚନ୍ଦ୍ର ବସା ଏବଂ ମାତା ବିନୋଦିନୀ ବସା ଙ୍କ କୋଳମଣ୍ଡନ କରି ଜନ୍ମ ନେଇଥିବା ୨ ଜାଆଁଳା ଭାଇଙ୍କ ମଧ୍ୟରୁ ଅଶୋକ ବସା ବିଶ୍ୱ ସ୍ତର ରେ ନିଜର କୀର୍ତୀ ସ୍ଥାପନ କରିଥିବା ବେଳେ, ଜାଆଁଳା ଭାଇ କିଶୋର ଚନ୍ଦ୍ର ବସା ଏବେ ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ କୂଳପତି ଭାବେ ଅବସ୍ଥାପିତ ଅଛନ୍ତି ।

## 'ଆମ ପଞ୍ଚାୟତକୁ ଡ଼ିଜିଟାଲାଇଜ କରିବା' ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ

ଉଦଳା, ୦୪/୦୪ (ନି.ପ୍ର): ମୟୂରଭଞ୍ଜରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ "ଜନ ଜାଗୃତି ମଞ୍ଚ" ତରଫରୁ ଆଜି ଏପ୍ରିଲ ୪ ତାରିଖ ସୋମବାର ଦିନ " ଆମ ପଞ୍ଚାୟତକୁ ଡ଼ିଜିଟାଲାଇଜ୍ କରିବା" ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ମଞ୍ଚର ଟିମ୍ ଲିଡ଼ର ଗଦାଧର ଦାଶ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ନିତ୍ୟାନନ୍ଦ ସେନାପତି, ଅଭିଷେକ ଦାସ ଓ ସନ୍ତୋଷ କୁମାର ସୋସିଆଲ ମିଡ଼ିଆ କିପରି ଆଜି ସବୁ କ୍ଷେତ୍ରରେ ଜରୁରୀ ହୋଇ



ପଡ଼ିଛି ସେ ସମ୍ପର୍କରେ ଅବଗତ କରାଇବା ସହିତ ଟ୍ୟୁଟର ମାଧ୍ୟମରେ କିପରି ଲୋକଙ୍କ ସମସ୍ୟା ଜିଲ୍ଲା ପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପର୍ଯ୍ୟନ୍ତ ପହଞ୍ଚାଯାଇ ପାରିବ ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏହି ଆଲୋଚନା ଚକ୍ରରେ ଉଦଳା ବ୍ଲକ ଅନ୍ତର୍ଗତ ଭୀମତାଳି ଗ୍ରାମର ନାଏବ ସରପଞ୍ଚ ରଣଜିତ୍ ପଣ୍ଡା, ଶ୍ରୀଦାମଚନ୍ଦ୍ରପୁରର ସରପଞ୍ଚ ଫୁଲମଣି ମୁର୍ମୁ ଓ ୱାର୍ଡ ମେମ୍ବର ନବୀନ ହେମ୍ବ୍ରମଙ୍କ ସହିତ କପ୍ତିପଦା ବ୍ଲକର କୋଳିଅଳମ୍ ସରପଞ୍ଚ ତିଳତ୍ତମା ନାଏକ, ନାଏବ ସରପଞ୍ଚ କାବେରୀ ନାଏକ, ଚକ୍ରଧରପୁରର ସମିତି ସଭ୍ୟ ନବୀନ ମୁର୍ମୁ ଓ ସରପଞ୍ଚ ସଞ୍ଜିତ୍ ଦଳେଇ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଆଲୋଚନା ଚକ୍ରକୁ ସଫଳ କରିବାରେ ଲାଲମୋହନ ବିନ୍ଧାଣୀ, ଗୌତମ ମହାପାତ. ହରିପ୍ରିୟା ଦାସ, ଆରତୀ ଖଣ୍ଡାପାତ୍ର, ରାମଚନ୍ଦ୍ର ସିଂ, ରୂପାଏ ବାସ୍କେ ପ୍ରମୁଖ ସହଯୋଗ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo